# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, January 23/2025 | Page 14 | ₹ 7.00

୫୧ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 61 | ମୂଲ୍ୟ₹୭/-




## ବିବାହ କଲେ ମେଘା

ଲୋକପ୍ରିୟ ଟିଭି ଅଭିନେତ୍ରୀ ମେଘା ଚକ୍ରବର୍ତ୍ତୀ ନିଜ ବୟଫ୍ରେଣ୍ଡ ତଥା ମଡେଲ ଓ ଅଭିନେତା ସାହିଲ ଫୁଲ୍ଲଙ୍କୁ ବିବାହ କରିଛନ୍ତି।

୦୨

୧୪

## ଅର୍ଶଦୀପଙ୍କ ରେକର୍ଡ

ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହେବାର ରେକର୍ଡ କରିଛନ୍ତି।





ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

# ଶୀତଳଭଣ୍ଡାର ପାଇଁ ୬୦% ପର୍ଯ୍ୟନ୍ତ ରିହାତି

ରାଜ୍ୟ କ୍ୟାବିନେଟ ବୁଧବାର ୧୦ଟି ପ୍ରସ୍ତାବ ଉପରେ ମୋହର ମାରିଛି। ପ୍ରତ୍ୟେକ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ ସହ ନବୀକରଣ କଲେ ୫୦ରୁ ୬୦% ରିହାତି(ସବ୍‌ସିଡି) ବ୍ୟବସ୍ଥା ଘୋଷଣା କରାଯାଇଛି। ଏହାସହ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ଭାଜପା ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ଯେଭଳି ଖୁବ୍‌ଶୀଘ୍ର ପୂରଣ କରିବ, ସେନେଇ ତତ୍ପରତା ଦେଖାଉଥିବାବେଳେ ଆସନ୍ତା ବଜେଟ ପୂର୍ବରୁ କ୍ୟାବିନେଟରେ ଏହି ନିଷ୍ପତ୍ତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ପ୍ରତିଶ୍ରୁତି ପାଳନ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ମଧ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହୋଇଛି। ତେଣୁ ଷୋଡ଼ଶ ଅର୍ଥ କମିଶନଙ୍କଠାରୁ ରାଜ୍ୟ ପାଇଁ ୧୨,୬୫,୧୪୮ କୋଟି ଟଙ୍କାର ଦାବି କରାଯିବାକୁ କ୍ୟାବିନେଟରେ ସ୍ଥିର କରାଯାଇଛି।

## ରାଜ୍ୟ କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବରେ ମୋହର

### ୫ ହଜାର ଡାକ୍ତର ପଦବୀ ପୂରଣ ହେବ

ଭୁବନେଶ୍ୱର,୨୨।୧(ଅନିଲ ଦାସ)

ଶୀତଳଭଣ୍ଡାର ଅଭାବରୁ ରାଜ୍ୟରେ ଉତ୍ପାଦିତ ଖାଦ୍ୟଶସ୍ୟ ମହଜୁଦ ରଖିବା ନେଇ ସମସ୍ୟା ସୃଷ୍ଟି ହେଉଛି। ଡିରୋଟ ସମୟରେ ରାଜ୍ୟରେ ଖାଦ୍ୟଶସ୍ୟ ଓ ପନିପରିବା ଦର ଆକାଶଛୁଆଁ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ସବ୍‌ଡିଭିଜନରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। 'ଶୀତଳଭଣ୍ଡାର ପାଇଁ ଆର୍ଥିକ ସହାୟତା' ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ ମିଳିଛି। ରାଜ୍ୟର ୫୮ଟି ସବ୍‌ଡିଭିଜନରେ ଅତିକମ୍‌ରେ ଗୋଟିଏ ଶୀତଳଭଣ୍ଡାର ନିର୍ମାଣ ଲକ୍ଷ୍ୟରେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଏହାଦ୍ୱାରା ରାଜ୍ୟର କୃଷକମାନଙ୍କୁ ସେମାନଙ୍କ ☞ପୃଷ୍ଠା-୮

# ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି ୧୫୭ ପୁରୁଷ

ଭୁବନେଶ୍ୱର,୨୨।୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାରେ ଅନେକ ପୁରୁଷ ଆବେଦନ କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି। ରାଜ୍ୟର ୧୫୭ ଜଣ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଯୋଜନାରେ ୧୫୭ ଜଣ ପୁରୁଷ ଆବେଦନ କରିଥିବା ବେଳେ ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ପୁରୁଷମାନେ କାହିଁକି ଏହି ☞ପୃଷ୍ଠା-୧୧

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରେନ୍: ୧୨ ମୃତ

ପୁଷ୍ପକ ଏକ୍ସପ୍ରେସ୍‌ରେ ଯାତ୍ରୀମାନେ ଯାଉଥିବାବେଳେ ଟ୍ରେନ୍ ଚକରୁ ହଠାତ୍ ଧୂଆଁ ବାହାରିବାରେ ଲାଗିଲା। ଟ୍ରେନ୍‌ରେ ନିଆଁ ଲାଗିଯାଇଛି ଭାବି ଅନେକ ଯାତ୍ରୀ ଏହାର ଚେନ୍ ଟାଣିବା ସହ ତଳକୁ ଡେଇଁ ପଡ଼ିଥିଲେ। ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଟ୍ରାକ୍ ଉପରେ ଧାଉଁଥିବାବେଳେ ବିପରୀତ ଦିଗରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ଅନ୍ୟୁନ ୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଥିବା କୁହାଯାଉଛି। ମହାରାଷ୍ଟ୍ରର ପରନ୍ଦା ରେଳଷ୍ଟେଶନ ନିକଟରେ ବୁଧବାର ଅପରାହ୍ନରେ ଘଟିଥିବା ଏହି ଦୁର୍ଘଟଣା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଗୁଜବରୁ ଟ୍ରାକ୍‌କୁ ଡେଇଁଥିଲେ

ଜଲଗାଓଁ,୨୨।୧(ପି.ଟି.)

ଉତ୍ତର ମହାରାଷ୍ଟ୍ରର ଜଲଗାଓଁ ଜିଲାରେ ବୁଧବାର ଅପରାହ୍ନ ୫ଟାରେ ଅକାରଣେ ୧୨ ଟ୍ରେନ୍ ଯାତ୍ରୀଙ୍କ ଜୀବନ ଯାଇଛି। ଲକ୍ଷ୍ନୌ-ମୁମ୍ବାଇ ପୁଷ୍ପକ ଏକ୍ସପ୍ରେସ୍‌ରେ ଯାତ୍ରୀମାନେ ଯାଉଥିବାବେଳେ ମହେଜୀ ଓ ପରଧାଡ଼େ ଷ୍ଟେଶନ୍ ମଝିରେ ଉକ୍ତ ଟ୍ରେନ୍‌ରେ ନିଆଁ ଲାଗିଯାଇଥିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ଫଳରେ କେତେଜଣ ଯାତ୍ରୀ ଆତଙ୍କିତ ହୋଇ ଏହାର ଚେନ୍‌କୁ ଟାଣିଥିଲେ। ଟ୍ରେନ୍ କିଛି ସମୟ ପାଇଁ ଅଟକିଯାଇଥିବାବେଳେ ୩୦ରୁ ୪୦ ଯାତ୍ରୀ ପ୍ରାଣ ବିକଳରେ ଟ୍ରାକ୍‌କୁ ଡେଇଁବାରେ ଲାଗିଲେ। ଏହି ସମୟରେ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ସଂସ୍କୃତି ଓ ସଙ୍ଗୀତ**







## ସଂକ୍ଷେପରେ

### ଏନ୍ଏଚ୍ଏମ୍ ଅବଧି ଆଉ ୫ ବର୍ଷ ବୃଦ୍ଧି

ନୂଆଦିଲ୍ଲୀ,୨୨ା୧(ପିଟି)

କେନ୍ଦ୍ର କ୍ୟାବିନେଟ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ଅବଧିକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରିଛି। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏହି ଅନୁମୋଦନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ଗୋୟଲ କହିଛନ୍ତି, ୨୦୨୧ରୁ ୨୦୨୨ ମଧ୍ୟରେ ଏନ୍ଏଚ୍ଏମ୍‌ରେ ପ୍ରାୟ ୧୨ ଲକ୍ଷ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଛନ୍ତି। ସ୍ୱାସ୍ଥ୍ୟ ମିଶନ ଗତ ୧୦ ବର୍ଷରେ ଐତିହାସିକ ଟାର୍ଗେଟ ପୂରଣ କରିଛି। ମିଶନ ଅଧୀନରେ ଭାରତ କୋଭିଡ୍-୧୯ ମହାମାରୀ ବିରୋଧରେ ଲଢ଼ି ସଫଳ ହୋଇଥିଲା।

### କୋଟାରେ ଆଉ ୨ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା

କୋଟା, ୨୨ା୧

ରାଜସ୍ଥାନର କୋଟାସ୍ଥିତ ମହାବୀର ନଗର ଅଞ୍ଚଳରେ ରହୁଥିବା ଆସାମର ନଁଗାଓ ନିବାସୀ ପରାଗ(୧୮) ବୁଧବାର ସକାଳେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କର ୫ ଦିନ ମଧ୍ୟରେ ଜେଇଇ(ମେନ୍ସ) ପରୀକ୍ଷା ଥିଲା। ଏହାର କିଛି ଘଣ୍ଟା ପୂର୍ବରୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଟାର ଜବାହର ନଗର ଅଞ୍ଚଳରେ ଗୁଜରାଟର ଅହମଦାବାଦ ନିବାସୀ ଅଫ୍‌ଶା ଶେଖ(୨୩) ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସେ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ପାଇଁ ପ୍ରସ୍ତୁତି କରୁଥିଲେ। ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ହବ୍ ଭାବେ ପରିଚିତ କୋଟାରେ ଚଳିତ ବର୍ଷର ବର୍ତ୍ତମାନ ସୁଦ୍ଧା ୬ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିସାରିଲେଣି।

### ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା ମାମଲା: ୫ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

କୋର୍ବା, ୨୨ା୧

ଛତିଶଗଡ଼ର କୋର୍ବାରେ ୨୦୨୧ରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଗଣ ବଳାତ୍କାର ଓ ହତ୍ୟା ମାମଲାରେ କୋର୍ବାର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ବୁଧବାର ୫ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଓ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରାଧ ଅତ୍ୟନ୍ତ ନିଷ୍ଠୁର, ଅମାନବୀୟ ହୋଇଥିବା ଦର୍ଶାଇ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୧ ଜାନୁଆରୀରେ କୋର୍ବାର ଗଡୁପରୋଡ଼ା ଗ୍ରାମରେ ଉକ୍ତ ୬ ଦୋଷୀ ଜଣେ ନାବାଳିକାଙ୍କୁ ତାଙ୍କ ବାପା ଓ ୪ ବର୍ଷୀୟା ଝିଅାରୀଙ୍କ ସମ୍ମୁଖରେ ଗଣ ବଳାତ୍କାର କରିଥିଲେ। ଏହାପରେ ସେମାନେ ନାବାଳିକାଙ୍କ ସହ ତାଙ୍କ ବାପା ଓ ଝିଅାରୀଙ୍କୁ ମଧ୍ୟ ହତ୍ୟା କରିଥିଲେ। ଚିକିତ୍ସାଗତ କାରଣରୁ ଜଣେ ଅଭିଯୁକ୍ତଙ୍କୁ ଫାଶୀ ବଦଳରେ ଆଜୀବନ କାରାଦଣ୍ଡରେ କୋର୍ଟ ଦଣ୍ଡିତ କରିଛନ୍ତି।

### କର୍ଣ୍ଣାଟକରେ ୨ ଦୁର୍ଘଟଣା: ୧୪ ମୃତ

ବେଙ୍ଗାଲୁରୁ, ୨୨ା୧

କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲାର ୟେଲ୍ଲାପୁର ଓ ରାଇଚୁର ଜିଲାର ସିନ୍ଧାନୁରଠାରେ ବୁଧବାର ୨ଟି ପୃଥକ୍ ଦୁର୍ଘଟଣା ଘଟି ୧୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୫ ଜଣ ଆହତ ହୋଇଛନ୍ତି। ୟେଲ୍ଲାପୁରରେ ୨୯ ଜଣ ଫଳ ବିକ୍ରେତାଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ୫୦ ଫୁଟ ଗଭୀର ଖାଇରେ ପଡ଼ିଯାଇଥିଲା। ଏହି ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଆହତ ହୋଇଥିଲେ। ସେହିପରି ସିନ୍ଧାନୁରଠାରେ ଏକ ବସ୍‌ର ଟାୟାର ଫାଟିଯିବାରୁ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ଛାତ୍ର ରହିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ଉଭୟ ଦୁର୍ଘଟଣାକୁ ନେଇ ଶୋକ ପ୍ରକଟ କରିଛନ୍ତି।

# ଟ୍ରମ୍ପଙ୍କ ଅର୍ଡରକୁ ୨୨ ରାଜ୍ୟର ଚ୍ୟାଲେଞ୍ଜ

## ବର୍ଷକୁ ଦେଢ଼ଲକ୍ଷ ଶିଶୁ ଜନ୍ମସିଦ୍ଧ ନାଗରିକତ୍ୱ ଅଧିକାରରୁ ବଞ୍ଚିତ ହେବେ

ୱାଶିଂଟନ୍,୨୨ା୧


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବାର୍ଥରାଇଟ୍ ସିଟିଜେନ୍‌ଶିପ୍' ନିରୋଧୀ ନିର୍ଦ୍ଦେଶନାମାକୁ ବୁଧବାର ଦେଶର ୨୨ ରାଜ୍ୟ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଛି। ଫଳରେ ଟ୍ରମ୍ପ୍ ପ୍ରଶାସନର ଏହି ବିବାଦୀୟ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଆଇନର କାଠଗଡ଼ାରେ ପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛି।

ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ସୋମବାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଆମେରିକାର ଜାତୀୟ ସ୍ୱାର୍ଥରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେବାରେ ଲାଗିଛନ୍ତି। ଏହି କ୍ରମେ ସେ ବେଆଇନ ପ୍ରବାସୀଙ୍କ ଅନୁପ୍ରବେଶ ରୋକିବା ସକାଶେ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ମା'ବାପାଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଆମେରିକାର ନାଗରିକ ହୋଇଥିଲେ, ଆଇନଗତ ଭାବେ ସ୍ଥାୟୀ ବାସିନ୍ଦା (ଗ୍ରୀନ୍‌କାର୍ଡ ଧାରକ) ହୋଇଥିଲେ କିମ୍ବା ଆମେରିକା ସେନାର ସଦସ୍ୟ ହୋଇଥିଲେ, ସେମାନଙ୍କଠାରୁ ଜନ୍ମିତ ପିଲାଙ୍କୁ ନାଗରିକତ୍ୱ ମିଳିବ ବୋଲି ଏହି ଅର୍ଡରରେ ଉଲ୍ଲେଖ କରାଯାଇଛି। ତଦନୁସାରେ କୌଣସି ଅଣଆମେରିକୀୟ ଦମ୍ପତିଙ୍କଠାରୁ ଜନ୍ମିତ ପିଲାଙ୍କୁ ପୂର୍ବରୁ ମିଳିଆସୁଥିବା ନାଗରିକତ୍ୱ ଏଣିକି ଶେଷ ହେବ। ଏହି ବିବାଦୀୟ ନିର୍ଦ୍ଦେଶନାମାକୁ ଡେମୋକ୍ରାଟିକ୍ ପାର୍ଟି ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବା ରାଜ୍ୟଗୁଡ଼ିକ ଏବଂ ନାଗରିକ ଅଧିକାର ଗୋଷ୍ଠୀଗୁଡ଼ିକ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ପ୍ରଥମ ୨ଟି ପିଟିଶନ ଆମେରିକାନ୍ ଆପ୍ରବାସୀ ସଙ୍ଗଠନ ସିଭିଲ୍ ଲିବର୍ଟିଜ୍ ୟୁନିୟନ୍ ଏବଂ ମା' ହେବାକୁ ଯାଉଥିବା ଜଣେ ମହିଳା ଦାଖଲ କରିଛନ୍ତି। ଏହା ପରେ ଡେମୋକ୍ରାଟିକ୍ ପାର୍ଟିର ପ୍ରଭାବ ଥିବା ୨୨ ରାଜ୍ୟ, କଲମ୍ବିଆ ଡିଷ୍ଟ୍ରିକ୍ଟ ଏବଂ ସାନ୍ ଫ୍ରାନ୍ସିସ୍କୋ ପକ୍ଷରୁ ବୋଷ୍ଟନ୍ ଓ ସିଆଟଲ ଫେଡେରାଲ କୋର୍ଟରେ ଅନ୍ୟ ୨ଟି ପିଟିଶନ ଦାଖଲ କରାଯାଇଛି। ରାଷ୍ଟ୍ରପତି ନିଜ କ୍ଷମତାର ଦୁରୁପଯୋଗ ଓ ଆମେରିକୀୟ ସମ୍ବିଧାନର ଉଲ୍ଲଂଘନ କରି ଦେଶରେ ଜନ୍ମିତ ବ୍ୟକ୍ତିମାନଙ୍କ ନାଗରିକତ୍ୱକୁ ସ୍ୱତଃ ଶେଷ କରିଦେବାକୁ ଉଦ୍ୟମ ଚଳାଇଥିବା ଏହି ଆବେଦନଗୁଡ଼ିକରେ ଅଭିଯୋଗ ଅଣାଯାଇଛି। ଟ୍ରମ୍ପଙ୍କ ଅର୍ଡର କାର୍ଯ୍ୟକାରୀ ହେଲେ ଆମେରିକାରେ ପ୍ରତିବର୍ଷ ଜନ୍ମ ହେଉଥିବା ୧,୫୦,୦୦୦ ଶିଶୁ ପ୍ରଥମ ଥର ପାଇଁ ନାଗରିକତ୍ୱ ଅଧିକାରରୁ ବଞ୍ଚିତ ହେବେ ବୋଲି ମାସାଚ୍ୟୁସେଟ୍ସ ଆର୍ଟର୍ନି ଜେନେରାଲ ଆଣ୍ଡ୍ରିଏ ଜୟ କ୍ୟାମ୍ପବେଲ୍‌ଙ୍କ ଅଫିସ ପକ୍ଷରୁ କୁହାଯାଇଛି। କାହାରି ଜନ୍ମସିଦ୍ଧ ସାମ୍ବିଧାନିକ ଅଧିକାର ଛଡ଼ାଇନେବା କର୍ତ୍ତୃତ୍ୱ ରାଷ୍ଟ୍ରପତି ଟ୍ରମ୍ପଙ୍କର ନାହିଁ ବୋଲି କ୍ୟାମ୍ପବେଲ୍ କହିଛନ୍ତି।

### ଫେବୃଆରୀରେ ଟ୍ରମ୍ପଙ୍କୁ ଭେଟିପାରନ୍ତି ମୋଦି

ନୂଆଦିଲ୍ଲୀ,୨୨ା୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିପାରନ୍ତି। ଉଭୟଙ୍କ ମଧ୍ୟରେ ଏକ ବୈଠକ କରାଇବା ଲାଗି ଭାରତୀୟ ଓ ଆମେରିକୀୟ କୂଟନୀତିଜ୍ଞମାନେ ଉଦ୍ୟମ ଚଳାଇଥିବା ନେଇ ରିଏଟର୍ସରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଚାଇନାର ମୁକାବିଲା କରିବା ପାଇଁ ଆମେରିକା ଭାରତକୁ ଏକ ରଣନୈତିକ ସହଯୋଗୀ ବିବେଚନା କରିଥାଏ। ତେଣୁ ଦୁଇନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କକୁ ମଜଭୁତ କରିବା ସହ ଭାରତୀୟ

#### ଟାରିଫ୍, ଭିଜା, ଚାଇନା ଚିନ୍ତା

ନାଗରିକଙ୍କୁ କୁଶଳୀ ଶ୍ରମିକ ଭିଜା ପ୍ରଦାନ ଉପରେ ଆଲୋଚନା ହୋଇପାରେ ବୋଲି ସୂତ୍ରରୁ ପ୍ରକାଶ। ସେହିପରି ହ୍ୱାଇଟ୍ ହାଉସ୍‌କୁ ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହେବାକୁ ଥିବା ଟାରିଫ୍ ନୂଆଦିଲ୍ଲୀରେ ଅଧିକାରୀମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଭାରତରେ ଆମେରିକୀୟ ପୁଞ୍ଜିନିବେଶ ବୃଦ୍ଧି ପାଇଁ ଆଗ୍ରହୀ ଥିବା ନୂଆଦିଲ୍ଲୀ ୱାଶିଂଟନ୍ ଏହାର ସମାଧାନ ନିମନ୍ତେ ଯୋଜନା କରୁଥିବା ଜଣାପଡ଼ିଛି।

## କ୍ରିଉ ମଡ୍ୟୁଲ ଲଞ୍ଚ୍ କଲା ଇସ୍ରୋ



### ଗଗନୟାନ ମିଶନ ଦିଗରେ ସଫଳତା

ବେଙ୍ଗାଲୁରୁ, ୨୨ା୧

ଗଗନୟାନ ମିଶନକୁ ନେଇ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)କୁ ବୁଧବାର ସଫଳତା ମିଳିଛି। ଇସ୍ରୋର ଲିକ୍ୟୁଡ୍ ପ୍ରପଲ୍‌ଶନ ସିଷ୍ଟମ ସେଣ୍ଟର(ଏଲ୍‌ପିଏସ୍‌ସି) ତରଳ ପ୍ରବୃତ୍ତି ପ୍ରଣାଳୀକୁ ସମାପ୍ତ କରିବା ପରେ ଗଗନୟାନର ପ୍ରଥମ ମାନବ ବିହୀନ ମିଶନ ପାଇଁ କ୍ରିଉ ମଡେଲକୁ ମହାକାଶ ପଠାଇଛି। ଗଗନୟାନ ମିଶନ ଅଧୀନରେ ଇସ୍ରୋ ଜଣେ କ୍ରିଉ ସଦସ୍ୟଙ୍କୁ ମହାକାଶ ପଠାଇବା ପୂର୍ବରୁ ଏକ ମାନବ ବିହୀନ ମିଶନ ମହାକାଶକୁ ପଠାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଉକ୍ତ କ୍ରିଉ ମଡେଲକୁ ବେଙ୍ଗାଲୁରୁସ୍ଥିତ ଏଲ୍‌ପିଏସ୍‌ସି ପକ୍ଷରୁ ଲଞ୍ଚ୍ କରାଯାଇଛି। ମହାକାଶକୁ ପଠାଯାଇଥିବା କ୍ରିଉ ମଡ୍ୟୁଲ ପ୍ରପଲ୍‌ଶନ ସିଷ୍ଟମ (ସିଏମ୍‌ପିଏସ୍) ହେଉଛି ଏକ ବାଇ ପ୍ରୋପେଲାଣ୍ଟ ଆଧାରିତ ପ୍ରତିକ୍ରିୟା ନିୟନ୍ତ୍ରଣ ସିଷ୍ଟମ(ଆର୍‌ସିଏସ୍)। କ୍ରିଉ ମଡ୍ୟୁଲର ସଠିକ୍ ୩ ଅକ୍ଷ ନିୟନ୍ତ୍ରଣ (ପିଚ୍, ୟ, ଏବଂ ରୋଲ୍) ପାଇଁ ଏହା ଉଦ୍ଦିଷ୍ଟ।


ପ୍ରୟାଗରାଜର ସଙ୍ଗମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ତାଙ୍କ କ୍ୟାବିନେଟ୍ ସହଯୋଗୀମାନେ ମହାକୁମ୍ଭ ମେଳା ଅବସରରେ ବୁଡ଼ ପକାଉଛନ୍ତି।

# ପ୍ରତି ୧୨ରେ ଜଣେ ଶିଶୁ ଶିକାର

### ଅନ୍‌ଲାଇନ ଯୌନ ଉତ୍ପୀଡ଼ନ

ନୂଆଦିଲ୍ଲୀ,୨୨ା୧(ପି.ଟି.)



ଅନ୍‌ଲାଇନରେ ଶିଶୁ ଯୌନ ଉତ୍ପୀଡ଼ନ ମାମଲା ବଢ଼ିବାରେ ଲାଗିଛି। ୨୦୨୪ରେ ବିଶ୍ୱରେ ପ୍ରତି ୧୨ ଶିଶୁଙ୍କ ମଧ୍ୟରୁ ଜଣେ ଇଣ୍ଟରନେଟ୍ ଜରିଆରେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଲାନ୍‌ସେଟ୍ ଚିଲ୍ଡରେନ୍ ଏବଂ ଆଡୋଲେସେଣ୍ଟ ହେଲ୍‌ଥ ଜର୍ନାଲରେ ପ୍ରକାଶ ପାଇଛି।

ବ୍ରିଟେନ୍‌ର ଏଡିନ୍‌ବର୍ଗ ଓ ଚାଇନା ଏଗ୍ରିକଲ୍‌ଚରାଲ ୟୁନିଭର୍ସିଟି ପକ୍ଷରୁ ୨୦୧୦ରୁ ୨୦୨୩ ମଧ୍ୟରେ ୧୨୩ଟି ଅଧ୍ୟୟନକୁ ସମୀକ୍ଷା କରାଯାଇଥିଲା। ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ବିଶ୍ୱର ପ୍ରତି ୮ ଶିଶୁଙ୍କ ମଧ୍ୟରୁ ଜଣେ ଇଣ୍ଟରନେଟ୍‌ରେ ଫଟୋଭିତ୍ତିକ ଯୌନ ଉତ୍ପୀଡ଼ନର ଶିକାର ହେଉଥିଲେ। ପ୍ରାୟ ସମାନ ସଂଖ୍ୟକ ଶିଶୁ ଅନ୍‌ଲାଇନ୍ ଲୋଭରେ ପଡ଼ି ଯୌନ କାର୍ଯ୍ୟକଳାପ ପ୍ରତି ଆକର୍ଷିତ ହେଉଥିଲେ। କିନ୍ତୁ ଗତବର୍ଷ ଏଭଳି ପିଲାଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଥିଲା ବୋଲି ଗବେଷକମାନେ ଉକ୍ତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ ଦକ୍ଷିଣ ଏସିଆ ସମେତ କେତେକ ଅଞ୍ଚଳରେ ଏହାର ପ୍ରମାଣ ସୀମିତ କିମ୍ବା ଉପଲବ୍ଧ ହେଉ ନ ଥିବାରୁ ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ଏହି ଟିମ୍ ପକ୍ଷରୁ କୁହାଯାଇଛି।

ବିଶେଷକରି ପୂର୍ବ ଏସିଆ, ଉତ୍ତର ଆଫ୍ରିକା, ମଧ୍ୟପ୍ରାଚ୍ୟ ଓ ଦକ୍ଷିଣ ଏସିଆରେ ଶିଶୁଙ୍କ ପ୍ରତି ହେଉଥିବା ଅନ୍‌ଲାଇନ ଯୌନ ଉତ୍ପୀଡ଼ନ ସମ୍ପର୍କିତ ତଥ୍ୟ ମିଳୁନାହିଁ। ଏହି କ୍ଷେତ୍ରଗୁଡ଼ିକରେ ବିଶ୍ୱ ଶିଶୁ ଜନସଂଖ୍ୟାର ଏକ ବଡ଼ ଭାଗ ବସବାସ କରୁଥିବାରୁ ଜାତୀୟ ସ୍ତରରେ ଏନେଇ ଉପଯୁକ୍ତ ଗବେଷଣାର ଆବଶ୍ୟକତା ରହିଥିବା ଟିମ୍ ଉଲ୍ଲେଖ କରିଛି। ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁଯାୟୀ, ଇଣ୍ଟରନେଟ ଜରିଆରେ ଯୌନ ଉତ୍ପୀଡ଼ନରୁ ପିଲାଙ୍କୁ ସୁରକ୍ଷା ଦେବା ପାଇଁ ଆଇନଗତ ପଦକ୍ଷେପ ଏବଂ ପ୍ରାରମ୍ଭିକ ନିରାକରଣ ଉଦ୍ୟମ ଜରୁରୀ। ରିପୋର୍ଟରେ ଅନ୍‌ଲାଇନ ଜରିଆରେ ଯୌନ ଉତ୍ପୀଡ଼ନ ଓ ଶୋଷଣକୁ ୪ ପ୍ରକାରରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଅନ୍‌ଲାଇନ ଯୌନ ଶୋଷଣ (ବିଶ୍ୱରେ ଯୌନ ଶୋଷଣର ୪.୭%), ସେକ୍ସୁଆଲ ଏକ୍ସଟର୍ସନ (୩.୫%), ଫଟୋଭିତ୍ତିକ ଯୌନ ଉତ୍ପୀଡ଼ନ ଓ ଯୌନ କ୍ରିୟା ପ୍ରତି ଲୋଭ। ପୂର୍ବରୁ ପୁଅଙ୍କ ତୁଳନାରେ ଝିଅମାନେ ଅଧିକ ଶିକାର ହୋଇଥିବାବେଳେ ଗତବର୍ଷ ପ୍ରାୟ ସମାନ ପରିମାଣର ଝିଅ ଓ ପୁଅ ଏହାର ଶିକାର ହୋଇଥିବା ଉକ୍ତ ରିପୋର୍ଟ ଦର୍ଶାଇଛି।

## ଅଟୋ ଡ୍ରାଇଭରଙ୍କୁ ଭେଟିଲେ ସୈଫ୍

ମୁମ୍ବାଇ, ୨୨ା୧



ଅଭିନେତା ସୈଫ ଅଲୀ ଖାନ୍‌ଙ୍କୁ ଆହତ ଅବସ୍ଥାରେ ହସ୍ପିଟାଲ ପହଞ୍ଚାଇଥିବା ଅଟୋ ଡ୍ରାଇଭର ଭଜନ ସିଂ ରାଣାଙ୍କୁ ସୈଫ ଓ ତାଙ୍କ ପରିବାର ଭେଟିଛନ୍ତି। ବୁଧବାର ଏନେଇ ଭଜନ ସୂଚନା ଦେଇଛନ୍ତି। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପୂର୍ବରୁ ସୈଫ ତାଙ୍କୁ ଡକାଇଥିଲେ। ଭଜନ ଲୀଲାବତୀ ହସ୍ପିଟାଲ ଯାଇ ସୈଫ ଓ ତାଙ୍କ ପରିବାରକୁ ଭେଟିଥିଲେ। ଜୀବନ ବଞ୍ଚାଇଥିବାରୁ ସୈଫଙ୍କ ମା' ଶର୍ମିଳା ଟାଗୋର ତାଙ୍କୁ କୃତଜ୍ଞତା ଜଣାଇବା ସହ ଆଶୀର୍ବାଦ ଦେଇଥିଲେ ବୋଲି ଭଜନ କହିଛନ୍ତି। ଆକ୍ରମଣ ପରେ ସୈଫ୍ ତାଙ୍କୁ ସୁରକ୍ଷା ଯୋଗାଉଥିବା ସିକ୍ୟୁରିଟି ଏଜେନ୍ସିକୁ ବଦଳାଇଛନ୍ତି। ଅଭିନେତା ରୋନିତ୍ ରଏଙ୍କ ସିକ୍ୟୁରିଟି କମ୍ପାନୀ 'ଏସ୍ ସିକ୍ୟୁରିଟି ଆଣ୍ଡ ପ୍ରୋଟେକ୍ସନ' ଏବେ ସୈଫ୍‌ଙ୍କ ସୁରକ୍ଷା ଦାୟିତ୍ୱରେ ରହିବ। ମଙ୍ଗଳବାର ସନ୍ଧ୍ୟାରେ ରୋନିତ ସୈଫ୍‌ଙ୍କ ବାନ୍ଦ୍ରାସ୍ଥିତ ବାସଭବନକୁ ଆସି ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଅନ୍ୟପକ୍ଷରେ ପୋଲିସ ରିମାଣ୍ଡରେ ଥିବା ବାଂଲାଦେଶୀ ନାଗରିକ ଶରୀଫୁଲ ଇସ୍‌ଲାମ ଶହଜାଦଙ୍କର ଜେରାବେଳେ ଭାଷାଗତ ସମସ୍ୟା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବା ପୋଲିସ କହିଛି।

## ସଞ୍ଜୟଙ୍କୁ ଫାଶୀ ପାଇଁ ହାଇକୋର୍ଟ ଯିବ ସିବିଆଇ

କୋଲ୍‌କାତା, ୨୨ା୧

କୋଲକାତାର ଆର.ଜି. କର୍ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ସିଆଲଦା ସେସନ୍ସ କୋର୍ଟ ଯାବତଜୀବନ କାରାଦଣ୍ଡ ଶୁଣାଇଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ ଏବଂ ସଞ୍ଜୟ ରାୟଙ୍କୁ ଫାଶୀ ଦଣ୍ଡ ଦାବିରେ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଖୁବ୍‌ଶୀଘ୍ର କାଲକାଟା ହାଇକୋର୍ଟରେ ଆବେଦନ କରିବ। ଏହାପୂର୍ବରୁ ସଞ୍ଜୟଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଉ ବୋଲି ଦାବି କରି ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ବୁଧବାର ସିବିଆଇ ପକ୍ଷରୁ ହାଇକୋର୍ଟରେ ମମତାଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ବିରୋଧ କରାଯାଇଛି। କେବଳ ମାମଲାର ତଦନ୍ତ କରୁଥିବା ଏଜେନ୍ସି ହିଁ କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରିପାରିବ ବୋଲି ସିବିଆଇ କହିଛି। ଆସନ୍ତା ୨୭ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିବେ। ଜଷ୍ଟିସ୍ ଦିବ୍ୟାଂଶୁ ବସାକଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ସରକାରଙ୍କ ଆବେଦନକୁ ସ୍ୱୀକାର କରିବା ପୂର୍ବରୁ ହାଇକୋର୍ଟ ପ୍ରଥମେ ସିବିଆଇ, ପୀଡ଼ିତାଙ୍କ ପରିବାର ଓ ଦୋଷୀଙ୍କ ଓକିଲଙ୍କର ଯୁକ୍ତି ଶୁଣିବେ।

## 'ଯୌନ ସମ୍ମତି ଅନ୍ତରଙ୍ଗ ମୁହୂର୍ତ୍ତକୁ ରେକର୍ଡ କରିବାକୁ ଅନୁମତି ଦିଏନାହିଁ'

ନୂଆଦିଲ୍ଲୀ, ୨୨ା୧

ଗତବର୍ଷର ଏକ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିବା ସମୟରେ ଦିଲ୍ଲୀ ହାଇକୋର୍ଟ କହିଛନ୍ତି, କୌଣସି ପୁରୁଷଙ୍କ ସହ ଯୌନ ସମ୍ବନ୍ଧ ରଖିବା ପାଇଁ ମହିଳାଙ୍କ ଦ୍ୱାରା ଦିଆଯାଇଥିବା ସମ୍ମତିର ଅର୍ଥ, ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ରେକର୍ଡ କରି ସୋସିଆଲ ମିଡିଆରେ ଛାଡ଼ିବା ନୁହେଁ। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି, ଶାରୀରିକ ସମ୍ପର୍କ ପାଇଁ ସମ୍ମତି ଥିବାର ଦ୍ୱାହି ଦେଇ କୌଣସି ବ୍ୟକ୍ତିଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଅପବ୍ୟବହାର କରିବାକୁ ଅନୁମତି ଦିଆଯାଇପାରିବ ନାହିଁ।

# ଆମେରିକାରେ ହିମଝଡ଼: ୧୦ ମୃତ

ୱାଶିଂଟନ୍,୨୨ା୧

### ୨,୧୦୦ ବିମାନ ଉଡ଼ାଣ ରଦ୍ଦ

ଆମେରିକାର ଦକ୍ଷିଣ ଭାଗରେ ଏକ ବିରଳ ହିମଝଡ଼ ସାଧାରଣ ଜୀବନ ଯାତ୍ରାକୁ ବ୍ୟାହତ କରିଦେଇଛି। ତୁହାକୁ ତୁହା ତୁଷାରପାତ ଯୋଗୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨,୧୦୦ରୁ ଅଧିକ ବିମାନ ଉଡ଼ାଣକୁ ରଦ୍ଦକରି ଦିଆଯାଇଛି। ବିଶେଷକରି ମିସିସିପି, ଅଲ୍‌ବାମା, ଫ୍ଲୋରିଡା, ଜର୍ଜିଆ ଓ ଲୁଇଜିଆନାରେ ଏହାର ପ୍ରକୋପ ସର୍ବାଧିକ ଥିବାରୁ ଏମର୍ଜେନ୍ସି ଘୋଷଣା କରାଯାଇଛି।

ଟେକ୍ସାସ୍-ଲୁଇଜିଆନା ସୀମା ନିକଟ ଉପକୂଳ କାଉଣ୍ଟିଗୁଡ଼ିକରେ ଏହାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇଛି। ନ୍ୟୁଓଲିଆନ୍ସ ଓ ହ୍ୟୁଷ୍ଟନ୍ ସମେତ ଅନେକ ସହର ସମ୍ପୂର୍ଣ୍ଣ ହିମ ଆଚ୍ଛାଦିତ ହୋଇଯାଇଛି। ମନେହେଉଛି ସତେଯେମିତି ସହର ଧବଳ ଚାଦର ଘୋଡ଼େଇ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ, ରାଜପଥଗୁଡ଼ିକୁ ବନ୍ଦ କରିଦିଆଯାଇଛି। ନ୍ୟୁଓଲିଆନ୍ସରେ ୧୯୬୩ର ରେକର୍ଡଭାଙ୍ଗି ୭ରୁ ୮ ଇଞ୍ଚ ବହଳ ବରଫ ପଡ଼ିଛି। ଆଗକୁ ସାଉଥ୍ ଟେକ୍ସାସ୍‌ରୁ ଫ୍ଲୋରିଡାସ୍ଥିତ ଜ୍ୟାକ୍ସନଭିଲେ ପର୍ଯ୍ୟନ୍ତ ତୁଷାରବର୍ଷା ହେବା ନେଇ ନ୍ୟାଶନାଲ ୱେଦର ସର୍ଭିସ୍ (ଏନ୍‌ଡବ୍ଲ୍ୟୁଏସ୍) ପକ୍ଷରୁ ସତର୍କ କରାଯାଇଛି।

# ମହାକାଶରୁ ମହାକୁମ୍ଭ ମେଳା ଫଟୋ

ନୂଆଦିଲ୍ଲୀ, ୨୨ା୧




ଗତ ୧୩ରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ଚାଲିଛି। ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ଏକ ରାଡାର ଇମେଜିଂ ସାଟେଲାଇଟ୍ ଜରିଆରେ ମହାକୁମ୍ଭ ମେଳାର ଫଟୋ ପଠାଇଛି। ହାଇଦ୍ରାବାଦସ୍ଥିତ ଇସ୍ରୋର ଜାତୀୟ ରିମୋର୍ଟ ସେନ୍ସିଂ ସେଣ୍ଟର (ଏନ୍ଆର୍ଏସ୍‌ସି) ପକ୍ଷରୁ 'ରାଡାରସେଟ-ରିସାଟ ୧ଏ' ଦ୍ୱାରା ମହାକାଶରୁ ନିଆଯାଇଥିବା ୨ଟି ସାଟେଲାଇଟ୍ ଫଟୋକୁ ବୁଧବାର ଜାରି କରାଯାଇଛି। ରାଡାରସେଟ୍ ଦ୍ୱାରା ବାଦଲ ମଧ୍ୟରେ ମଧ୍ୟ ବିଭିନ୍ନ ସ୍ଥାନର ସାଟେଲାଇଟ୍ ଫଟୋ ନିଆଯାଇପାରୁଥିବା ଏନ୍ଆର୍ଏସ୍‌ସିର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚୌହାନ କହିଛନ୍ତି। ଏଥିରେ ମହାକୁମ୍ଭରେ ନିର୍ମିତ ଅସ୍ଥାୟୀ ଟେଣ୍ଟ ସିଟି, ନଦୀ ଉପରେ ନିର୍ମିତ ପାଣ୍ଟୁନ ବ୍ରିଜ୍ ଓ ସଙ୍ଗମ ଆଦି ଦୃଶ୍ୟମାନ ହେଉଛି। ସେହିପରି ମେଳାରେ ନିର୍ମିତ ବିଶାଳ ଢାଞ୍ଚାକୁ ମଧ୍ୟ ଏହି ଫଟୋରେ ଦେଖିବାକୁ ମିଳିଛି। ସାଟେଲାଇଟ୍ ଚିତ୍ରରେ ପ୍ରୟାଗରାଜର ପରେଡ୍ ଗ୍ରାଉଣ୍ଡ ସହ ନୂତନ ଶିବାଳୟ ପାର୍କର ନିର୍ମାଣ କାର୍ଯ୍ୟ ସ୍ଥାନ ପାଇଛି। ଗୋଟିଏ ଫଟୋ ୨୦୨୩ ସେପ୍ଟେମ୍ବର ୧୫ ଓ ଅନ୍ୟଟି ୨୦୨୪ ଡିସେମ୍ବର ୨୯ର।

# ବିବାହ କଲେ ମେଘା

ଜମ୍ମୁ



ଲୋକପ୍ରିୟ ଟିଭି ଅଭିନେତ୍ରୀ ମେଘା ଚକ୍ରବର୍ତ୍ତୀ ନିଜ ବୟଫ୍ରେଣ୍ଡ ତଥା ମଡେଲ ଓ ଅଭିନେତା ସାହିଲ ଫୁଲ୍ଲଙ୍କୁ ବିବାହ କରିଛନ୍ତି। ମେଘା ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର କିଛି ଫଟୋ ଶେୟାର କରିଛନ୍ତି। ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, "ମିଳିତ ଭାବେ ଆମେ ନୂତନ ଜୀବନ ଆରମ୍ଭ କଲୁ। ପ୍ରେମ, ହସ ଓ ଆନନ୍ଦର ସହ ଏକତ୍ର ଭାବେ ଜୀବନ ବିତାଇବାକୁ ଆମେ ପ୍ରତିଜ୍ଞା ନେଇଛୁ। ଦାମ୍ପତ୍ୟ ଜୀବନରେ ସୁଖସମୃଦ୍ଧି ପାଇଁ ଆପଣମାନଙ୍କର ଆଶୀର୍ବାଦ କାମନା କରୁଛୁ"। ମେଘା ଏହି ପୋଷ୍ଟରେ ସାହିଲଙ୍କୁ ଟ୍ୟାଗ କରିଥିଲେ। ଅନେକ ସେଲିବ୍ରିଟି ଓ ମେଘାଙ୍କର ବହୁ ପ୍ରଶଂସକ ଏହି ପୋଷ୍ଟରେ କମେଣ୍ଟ କରି ନବ ବିବାହିତ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିବାହରେ ମେଘା ନାଲି ରଙ୍ଗର ଲେହଙ୍ଗା ପିନ୍ଧିଥିବା ସହ ହାର, କାନ ଫୁଲ ଆଦି ବିଭିନ୍ନ ଆଭୂଷଣ ସହ ସୁନ୍ଦର ଭାବେ ସଜ୍ଜିତ ହୋଇଥିଲେ। ସେହିପରି ସାହିଲ ଏକ କ୍ରିମ୍ ରଙ୍ଗର ଶେରୱାନି ପିନ୍ଧିଥିଲେ। ୨୦୨୦ର ଟିଭି ଧାରାବାହିକ 'କାଟେଲାଲ୍ ଆଣ୍ଡ୍ ସନ୍ସ'ର ସେଟ୍‌ରେ ପ୍ରଥମଥର ପାଇଁ ମେଘା ଓ ସାହିଲ ପରସ୍ପରକୁ ଭେଟିଥିଲେ। ଏହାପରଠାରୁ ଉଭୟେ ଭଲ ବନ୍ଧୁ ହୋଇଯାଇଥିଲେ। ନୂଆବର୍ଷ ୨୦୨୫ ଉପଲକ୍ଷେ ସାହିଲ ମେଘାଙ୍କୁ ବିବାହ ପାଇଁ ପ୍ରପୋଜ କରିଥିଲେ।




# ନୌସେନା ଅଫିସର ନିଖୋଜ

## ରାସ୍ତାରୁ ଆଇଡି କାର୍ଡ, ଇଚ୍ଛାପୁର ଷ୍ଟେଶନରୁ ମିଳିଛି ସିସିଟିଭି ଫୁଟେଜ

ବ୍ରହ୍ମପୁର,୨୨।୧
(ସବାସ ଚନ୍ଦ୍ର ପାଢ଼ୀ)

କେରଳର କୋଚି ଆଇଏଏସ୍ ଗରୁଡ଼ାରେ କାର୍ଯ୍ୟରେ ଯୋଗଦେବାକୁ ଟ୍ରେନ୍‌ରେ ଯାଉଥିବା ଜଣେ ନୌସେନା ଅଫିସର ଗତ ୧୯ ତାରିଖରୁ ନିଖୋଜ ଅଛନ୍ତି। ସେ ହେଲେ ବ୍ରହ୍ମପୁର ଗେଟ୍ ବଜାରର ସୌରଭ କୁମାର ପାତ୍ର (୨୫)। ସୌରଭ ଏ ପର୍ଯ୍ୟନ୍ତ ଆଇଏନ୍ଏସ୍ ଗରୁଡ଼ାରେ ପହଞ୍ଚି ନାହାନ୍ତି କି ତାଙ୍କର କୌଣସି ସନ୍ଧାନ ମିଳୁ ନ ଥିବା ତାଙ୍କ ମା’ ନିଓ ପାତ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଅକୁ ଖୋଜି ଆଣିବାକୁ ପୋଲିସ ଓ ନୌସେନାକୁ ନିବେଦନ କରିଛନ୍ତି। ପୋଲିସ ଏ ନେଇ ଏମ୍ଏମ୍ଆର ୦୨/୨୫ରେ ଷ୍ଟେଶନ ଡାଏରୀ କରିଛି। ସୌରଭଙ୍କର ଲୋକେଶନ ଜାଣିବା ପାଇଁ ଟ୍ରାକିଂ ଜାରି ରଖିଛି। ଶେଷ ମୋବାଇଲ ଲୋକେଶନ ଇଚ୍ଛାପୁରମ୍ ଥିବା ଜଣାପଡିଛି।


ସୌରଭ କୁମାର ପାତ୍ର

ସୌରଭଙ୍କ ଭାଇ ସମୀରଙ୍କ ସୂଚନା ପ୍ରକାରେ, ୨୦୧୯ରୁ ସୌରଭ ନୌସେନାରେ ନିଯୁକ୍ତି ପାଇଥିଲେ। କେରଳର କୋଚି ଆଇଏନଏସ ଗରୁଡ଼ାରେ ତାଙ୍କର ନିଯୁକ୍ତି ଥିଲା। ୨୦୨୪ ଡିସେମ୍ବର ୨୮ ତାରିଖରେ ସେ ଘରକୁ ଛୁଟିରେ ଆସିଥିଲେ। ଜାନୁଆରୀ ୧୯ ତାରିଖରେ କୋଚି ଫେରିବାର ଥିଲା। ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିଶାଖାପାଟଣା ଯାଇ ସେଠାରୁ କୋଚିକୁ ଫ୍ଲାଇଟ ଟିକେଟ ହୋଇଥିଲା। ସମୀର କହିଛନ୍ତି ଯେ, ୧୮ ତାରିଖ ରାତି ୩ଟାରେ ପରିବାର ଲୋକେ ବ୍ରହ୍ମପୁର ଷ୍ଟେଶନରେ ସୌରଭଙ୍କୁ ଟ୍ରେନ୍‌ରେ ବସାଇଥିଲେ। ଅପରାହ୍ନରେ ତାଙ୍କର ଫ୍ଲାଇଟ ଥିଲା। ବ୍ରହ୍ମପୁରରୁ ଯିବା ପରେ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ ହୋଇଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରିବା ପରେ ବିଶାଖାପାଟଣା ଏୟାର ପୋର୍ଟରେ ସୌରଭଙ୍କୁ ଖୋଜିଥିଲେ। କିନ୍ତୁ ସେ ସେଠାରେ ସେ ଚେକ୍ ଇନ କରି ନ ଥିବା ଜଣାପଡିଥିଲା। ଏହାପରେ କୋଚି ଆଇଏଏସ ଗରୁଡ଼ାର ଅଧିକାରୀଙ୍କ ସହ କଥା ହୋଇଥିଲେ ପରିବାର ଲୋକେ। ସୌରଭ ସେଠାରେ ବି ନ ଥିବା ଅଧିକାରୀ ଫୋନ୍‌ରେ ଜଣାଇଥିବା ସମୀର କହିଛନ୍ତି। ପୋଲିସ ସୌରଭଙ୍କ ମୋବାଇଲ ଲୋକେଶନ ଯାଞ୍ଚ କରିଥିଲା। ଇଚ୍ଛାପୁରମ ତାଙ୍କର ଶେଷ ମୋବାଇଲ ଲୋକେଶନ ଥିବା ଜଣାପଡିଛି। ସୌରଭଙ୍କୁ ଅପହରଣ କରାଯାଇଛି ନା ସେ କେଉଁଆଡେ ଚାଲିଯାଇଛନ୍ତି ତାହା ଏବେ ତଦନ୍ତ କରୁଛି ପୋଲିସ। ଟାଉନ ଥାନା ଆଇଆଇସି ସୌଭାଗ୍ୟ ସ୍ୱାଇଁ କହିଛନ୍ତି, ଅଭିଯୋଗ ପରେ ସୌରଭଙ୍କୁ ଖୋଜାଖୋଜି କରାଯାଉଛି। ବିଶାଖାପାଟଣା ଏୟାର ପୋର୍ଟ ଅଥରିଟିଙ୍କ ସହ ଯୋଗାଯୋଗ ସହ ବିଭିନ୍ନ ଥାନାକୁ ସୌରଭଙ୍କ ଫଟୋ ପଠାଯାଇଛି ବୋଲି ସେ କହିଛନ୍ତି। ରେଳ ଧାରଣା କଡ଼ରୁ ନୌସେନା ଅଧିକାରୀ ସୌରଭଙ୍କ ଆଇଡି କାର୍ଡ ମିଳିଛି। ସେହିପରି ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ରେଳଷ୍ଟେଶନରୁ ସେ ବାହାରକୁ ଆସିଥିବା ସିସିଟିଭି ଫୁଟେଜ ପୋଲିସର ହସ୍ତଗତ ହୋଇଛି। ସୌରଭଙ୍କ ଘରେ ତାଙ୍କର ଲାପଟପ ରହିଥିବା ମଧ୍ୟ ଜଣାପଡିଛି। ବଡ଼ବଜାର ପୋଲିସ ଓ ରେଳବାଇ ପୋଲିସ ପକ୍ଷରୁ ତାଙ୍କର ଗତିବିଧି ଉପରେ ଲଗାତାର ଟ୍ରାକିଂ କରାଯାଉଛି ବୋଲି ଟାଉନ ଥାନାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ଟିକେଟ

ଭାରତ-ଇଂଲଣ୍ଡ
ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ

ଭୁବନେଶ୍ୱର, ୨୨।୧
(ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଫେବୃଆରୀ ୯ରେ ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ବୁଧବାର ପୁରୀ ଯାଇ ଏହି ମ୍ୟାଚର ପ୍ରଥମ ଟିକେଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ବାରବାଟୀରେ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ ଯେପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ସଞ୍ଜୟ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ପୁରୀ ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ଏହି ଅବସରରେ ଉପସ୍ଥିତ ଥିଲେ।



### ମୁଖ୍ୟମନ୍ତ୍ରୀ କିଣିଲେ ଗ୍ୟାଲେରି ଟିକେଟ

ବାରବାଟୀରେ ହେବାକୁଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଏକ ଗ୍ୟାଲେରି ଟିକେଟ କ୍ରୟ କରିଛନ୍ତି। ଏହି ଅବସରରେ ଓସିଏ କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏବେ ଉକ୍ତ ଅନ୍ତର୍ଜାତୀୟ ମ୍ୟାଚର ଟିକେଟ ପ୍ରଥମେ ଅନ୍‌ଲାଇନ୍ ଓ ପରେ କାଉଣ୍ଟରରେ ଦର୍ଶକଙ୍କ ପାଇଁ ଉପଲବ୍ଧ ହେବ।

# ଆଜିଠାରୁ ଖୋଲିବ ଭିତରକନିକା

ରାଜନଗର, ୨୨।୧
(ଭାସ୍କର ରାଉତରାୟ)

ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ଲାଗି ୧୪ରୁ ୨୨ ତାରିଖ ଯାଏ ଭିତରକନିକା ବନ୍ଦ ରହିଥିଲା। ଏଥିପାଇଁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଥିଲା। ବିଦେଶୀ ପକ୍ଷୀ ଓ ବଉଳା କୁମ୍ଭୀରଙ୍କ ଗଣନା ଶେଷ ହେବା ପରେ ଗୁରୁବାରଠାରୁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ୪ ଦିନରେ ୪ ଡିଗ୍ରୀ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୨।୧
(ଅନୁରାଧା ମହାରଣା)

ଜାନୁଆରୀ ନ ସରୁଣୁ ହଠାତ୍ ପାରଦ ଉପରମୁହାଁ ହୋଇଛି। ଶୀତ ଗାଏବ୍ ହୋଇଯାଇଥିବାବେଳେ ରାତିରେ କୁହୁଡ଼ି ଓ ଦିନରେ ଖରା ଡରାଉଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଦୃଷ୍ଟାନ୍ତମୂଳକ ଭାବେ ରାତି ତାପମାତ୍ରା ବୃଦ୍ଧି ପାଇଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱାଭାବିକ ରହିଛି। ଗୋଟିଏ ଦୁଇଟି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ଓ ଆଉକିଛି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ବୁଧବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୩.୪ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିଭଳି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୦ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆସନ୍ତା ୩ଦିନରେ କେତେକ ସ୍ଥାନରେ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ବୃଦ୍ଧି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ବୁଧବାର ଭଦ୍ରକ ଜିଲାର କିଛି ସ୍ଥାନରେ ଘନକୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିଲା। ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପ୍ରଭାବ ରହିଥିଲା। ୨୪ ତାରିଖ ପର୍ଯ୍ୟନ୍ତ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

# ୬ଷ୍ଠ ଅର୍ଥ କମିଶନ ଗଠିତ, ଅରୁଣ ପଣ୍ଡା ଅଧ୍ୟକ୍ଷ

ଭୁବନେଶ୍ୱର,୨୨।୧(ଅନିଲ ଦାସ)

ରାଜ୍ୟ ସରକାର ବୁଧବାର ଷଷ୍ଠ ଅର୍ଥ କମିଶନ ଗଠନ କରିଛନ୍ତି। ଏଥିରେ ଅଧ୍ୟକ୍ଷଙ୍କ ସମେତ ୫ ଜଣ ସଦସ୍ୟ ରହିଛନ୍ତି। ବୁଧବାର ଅର୍ଥ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟପାଳ ନିଜ କ୍ଷମତାର ଉପଯୋଗ କରି ରାଜ୍ୟ ଷଷ୍ଠ ଅର୍ଥ କମିଶନ ଗଠନ କରିଛନ୍ତି। ଆୟୋଗ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅରୁଣ କୁମାର ପଣ୍ଡା ଥିବାବେଳେ ସଦସ୍ୟ ଭାବେ ଏକ୍ସଆଇଏମ୍‌ବି ପ୍ରଫେସର ଅସିତ୍ ରଞ୍ଜନ ମହାନ୍ତି, ପୁଡୁଚେରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ପ୍ରଫେସର ଅମରେଶ ସାମନ୍ତରାୟ, ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ (ଟିଆଇଏସ୍ଏସ୍)ର ବିଭୁପ୍ରସାଦ ନାୟକ ଏବଂ ସଦସ୍ୟ ସଚିବ ଭାବେ ଅର୍ଥ ବିଭାଗର ଅତିରିକ୍ତ ସଚିବ ସତ୍ୟପ୍ରିୟ ରଥଙ୍କୁ ସାମିଲ କରାଯାଇଛି। ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟଙ୍କ କାର୍ଯ୍ୟକାଳ ବିଜ୍ଞପ୍ତି ପ୍ରକାଶ ପାଇବାର ୬ ମାସ ପର୍ଯ୍ୟନ୍ତ ରହିବ। ସଦସ୍ୟ ସଚିବଙ୍କ ବ୍ୟତୀତ ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ଆୟୋଗରେ ପୂର୍ଣ୍ଣକାଳୀନ ଅବା ପାର୍ଟଟାଇମ୍ ସେବା ପ୍ରଦାନ କରିପାରିବେ। ସଦସ୍ୟ ସଚିବ ନିଜର କାର୍ଯ୍ୟ ସହ ଆୟୋଗ ନିମନ୍ତେ ପୂର୍ଣ୍ଣକାଳୀନ ସେବା ଦେବେ।

କମିଶନଙ୍କ କାର୍ଯ୍ୟକାଳ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ୬ ମାସ ପାଇଁ ବୈଧ ରହିବ। କମିଶନ ୨୦୨୬ ଏପ୍ରିଲ ପହିଲାରୁ ପରବର୍ତ୍ତୀ ୫ ବର୍ଷ ପାଇଁ ରାଜ୍ୟର ଆର୍ଥିକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ସୁପାରିସ କରିବେ। ରାଜ୍ୟ ପଞ୍ଚମ ଅର୍ଥ କମିଶନଙ୍କ ସୁପାରିସକୁ କିଭଳି କାର୍ଯ୍ୟକାରୀ କରାଯାଇଛି ତା’ର ମଧ୍ୟ ସମୀକ୍ଷା କରିବେ। କମିଶନ ଯେଉଁସବୁ ସୁପାରିସ ତାଙ୍କ ରିପୋର୍ଟରେ କରିବେ, ତାହା କେଉଁ ମାନକ ଆଧାରରେ ପ୍ରସ୍ତୁତ କରିଛନ୍ତି ସେ ନେଇ ସରକାରଙ୍କୁ ଅବଗତ କରାଇବେ। ଆୟୋଗ ମୁଖ୍ୟତଃ ରାଜ୍ୟ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥା ମଧ୍ୟରେ ଟିକସ ଆବଣ୍ଟନ, ଦାୟିତ୍ୱ, ରାଜ୍ୟ ଦ୍ୱାରା ସଂଗୃହୀତ ଟୋଲ୍ ଓ ଫି ଆଦି ସମ୍ପର୍କରେ ନିଜର ରିପୋର୍ଟ ଦେବେ।

ସେହିପରି ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥା ଦ୍ୱାରା କେଉଁସବୁ କ୍ଷେତ୍ରରେ ଟିକସ, ଦାୟିତ୍ୱ, ଟୋଲ୍ ଓ ଫି ନିର୍ଦ୍ଧାରଣ କରାଯିବ ତାହା ଆୟୋଗ ତାଙ୍କ ରିପୋର୍ଟରେ ଦର୍ଶାଇବେ। ରାଜ୍ୟର କନ୍‌ସୋଲିଡେଟେଡ୍ ପାଣ୍ଠିରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାକୁ କେତେ ଅନୁଦାନ ଦିଆଯିବ ତାହା କମିଶନ ସୁପାରିସ କରିବେ।

# ୩୮୮୩.୭୨ କୋଟିର ୧୭ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୨୨।୧(ଅନିଲ ଦାସ)

ରାଜ୍ୟ ସରକାର ୩୮୮୩.୭୨ କୋଟି ଟଙ୍କାର ୧୭ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିରେ ୧୨ ହଜାର ୨୮୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ବାୟୋଫର୍ଟିଲାଇଜର, ଇସ୍ପାତ, ଔଷଧ, ରସାୟନ, ପର୍ଯ୍ୟଟନ ଏବଂ ଗ୍ରୀନ୍ ଏନର୍ଜି, ଗ୍ରୀନ୍ ହାଇଡ୍ରୋଜେନ ଶିଳ୍ପ କ୍ଷେତ୍ରରେ ଉକ୍ତ ପୁଞ୍ଜିନିବେଶ ହେବ।

# ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାଙ୍କୁ ପଦୋନ୍ନତି ପାଇଲେ ହେମନ୍ତ ଶର୍ମା

ଭୁବନେଶ୍ୱର, ୨୨।୧(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨ ଜଣ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି। ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ହେମନ୍ତ ଶର୍ମା ଏବଂ ୧୯୯୪ ବ୍ୟାଚ୍ ଆଇଏଏସ୍ ଅଫିସର ରଞ୍ଜନା ଚୋପ୍ରାଙ୍କୁ ସରକାରଙ୍କ ପକ୍ଷରୁ ପଦୋନ୍ନତି ଦିଆଯାଇଛି। ହେମନ୍ତ ଶର୍ମାଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଥିବା ବେଳେ ରଞ୍ଜନା ଚୋପ୍ରାଙ୍କୁ ଉପରିସ୍ଥ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# କରଞ୍ଜିଆରୁ ଉଦ୍ଧାର ହାତୀଛୁଆ ମୃତ

## ପକ୍ଷାଘାତରେ ପୀଡ଼ିତ ଥିଲା

ବାରଙ୍ଗ/ତ୍ରିଶୂଳିଆ,୨୨।୧
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ମୟୂରଭଞ୍ଜ କରଞ୍ଜିଆ ଡିଭିଜନରୁ ଗତ ୬ ତାରିଖରେ ଉଦ୍ଧାର ହୋଇ ଆସିଥିବା ୫-୬ ବର୍ଷୀୟ ଅଣ୍ଡିରା ହାତୀଛୁଆର ମଙ୍ଗଳବାର ବିଳମ୍ବିତ ରାତିରେ ନନ୍ଦନକାନନରେ ମୃତ୍ୟୁ ଘଟିଛି। ହାତୀଟି ଏକ ମୋରମ ଖଣିରେ ପଡ଼ି ଯାଇଥିବାବେଳେ ମେରୁଦଣ୍ଡରେ ଆଘାତ ଲାଗି ତା’ ପଛଗୋଡ଼ ୨ଟି କାମ କରୁ ନ ଥିଲା। ଫଳରେ ସେ ଛିଡ଼ା ହେବାକୁ ସକ୍ଷମ ହୋଇପାରୁ ନ ଥିଲା। ନନ୍ଦନକାନନ ଚିକିତ୍ସାଳୟରେ ପହଞ୍ଚିବା ପରେ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞ ହାତୀଛୁଆର ରକ୍ତ ପରୀକ୍ଷା ସହ ଏକ୍ସ-ରେ କରିଥିଲେ। ପରୀକ୍ଷା ରିପୋର୍ଟରୁ ସେ ପକ୍ଷାଘାତରେ ଆକ୍ରାନ୍ତ ହେଇଥିବା ଜଣାପଡ଼ିଥିଲା। ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଏକ ସ୍ଲିଙ୍ଗ୍‌ରେ ହାତୀର ପାଦକୁ ଓହଳାଇ ରଖାଯାଇଥିଲା। ଅସୁସ୍ଥ ହାତୀଟି ଘାସ, ଗଛ ପତ୍ର ଏବଂ କଦଳୀ ଗଛ ଖାଉଥିଲେ ମଧ୍ୟ ଠିକ୍ ଭାବେ ମଳତ୍ୟାଗ କରିପାରୁ ନ ଥିଲା। ଫଳରେ ନିୟମିତ ବ୍ୟବଧାନରେ ପ୍ରାଣୀ ଚିକିତ୍ସକ ତା’ ମଳକୁ ବାହାର କରୁଥିଲେ। ହାତୀକୁ ଛିଡ଼ା କରିବାକୁ ବହୁତ ଉଦ୍ୟମ କରାଯାଇଥିଲେ ମଧ୍ୟ ଶେଷରେ ବିଫଳ ହେବାକୁ ପଡ଼ିଥିଲା। ନନ୍ଦନକାନନ ସ୍ୱାସ୍ଥ୍ୟ କମିଟି ପକ୍ଷରୁ ୬ ଓ ୧୬ ତାରିଖ ୨ ଦିନ ଧରି ଅନୁଧ୍ୟାନ କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟରେ ସୁଧାର ଆସି ନ ଥିଲା। ପ୍ରାଣୀ ଚିକିତ୍ସକ ଦଳ ଏବଂ ବିଶେଷଜ୍ଞଙ୍କ ପ୍ରୟାସ ସତ୍ତ୍ୱେ ହାତୀର ଅବସ୍ଥାରେ ଉନ୍ନତି ହୋଇ ନ ଥିଲା। ଶେଷରେ ହାତୀଟିର ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା।



**ଆଜିର ମନ୍ତବ୍ୟ**

" ସର୍ବସାଧାରଣ ସମ୍ପତ୍ତି ଧ୍ୱଂସ କରିବା, ଟ୍ରେନ୍‌କୁ ଟେକା ମାରିବା, ସରକାରୀ ବିଲ୍ଡିଂଗୁଡ଼ିକରେ ନିଆଁ ଲଗାଇବା ଆଦିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସେହି କାର୍ଯ୍ୟ ପାଇଁ ଉତ୍ତରଦାୟୀ କରି ଆର୍ଥିକ ଦଣ୍ଡ ଦିଆଯିବା ଉଚିତ।

–ଜଗଦୀପ ଧନକର, ଉପରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନବୋଦୟ ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ, ସ୍ଥାନ: ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥଳ, ଭିଏସ୍‌ଏସ୍ ନଗର, ସମୟ: ସକାଳ ୭ଟା।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ରସୁଲଗଡ଼ ଛକ, ଭିଏସ୍‌ଏସ୍ ନଗର, ସମୟ: ସକାଳ ୮ଟା ୩୦। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ଣ ୫ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ରସୁଲଗଡ଼ ଛକ, ସମୟ: ସକାଳ ୮ଟା ୩୦।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୯ଟା।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ, ସ୍ଥାନ: ବାଲିଅନ୍ତା ବ୍ଲକର ଭୁବନପୁର ଗ୍ରାମର ନେତାଜୀ କ୍ଲବ ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ବିକାଶ ମହାମଞ୍ଚର ରାଜ୍ୟସ୍ତରୀୟ ସମାଜସେବୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ପର୍ବ ଅବସରରେ ଶୋଭାଯାତ୍ରା, ସ୍ଥାନ: ରାମ ମନ୍ଦିର ଛକ, ସମୟ: ସକାଳ ୮ଟା ୩୦। ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍–୩, ସମୟ: ପୂର୍ବାହ୍ଣ ୧୦ଟା।
- ଅଲ୍ ଓଡ଼ିଶା ଫିଲୋସଫି ଆସୋସିଏଶନର ୩୭ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କମଳା ନେହେରୁ ମହିଳା କଲେଜ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ୧୨୮ତମ ନେତାଜୀ ଜୟନ୍ତୀ ସମାରୋହ, ସ୍ଥାନ: ରେଡ୍‌କ୍ରସ ଭବନ, ୟୁନିଟ୍–୯, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଅଜିତ୍ ନାଟ୍ୟ ମହୋତ୍ସବର ସେମିନାର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ଣ ୧୧ଟା।
- ଓଡ଼ିଶା ବୁଣାକାର ମହାସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଇଞ୍ଜିନିୟର୍ସ ଭବନ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ତଥା ପରାକ୍ରମ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ: ଅପରାହ୍ଣ ୩ଟା।
- ୧୦ମ ମାସିକ କଥା ସମ୍ମିଳନୀ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ଣ ୪ଟା ୩୦।
- ଚଳଚ୍ଚିତ୍ର ଜଗତର ୪୯ତମ ବାର୍ଷିକୋତ୍ସବ ଓ ପ୍ରତିଭା ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ଣ ୫ଟା।
- ସ୍ୱର ପ୍ରବାହ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ମା' ସରସ୍ୱତୀ ଶିକ୍ଷାମନ୍ଦିରର ଅଷ୍ଟାଦଶ ବାର୍ଷିକ ଶିଶୁ ବାଟିକା ପ୍ରଦର୍ଶନୀ, ସ୍ଥାନ: ହାତୀପୋଖରୀ, ସମୟ: ସକାଳ ୯ଟା।
- ନେତାଜୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ଓଡ଼ିଆବଜାର, ସମୟ: ପୂର୍ବାହ୍ଣ ୧୦ଟା।
- ଦିଲ' କଲେଜ ଓଲ୍ଡ଼ ଷ୍ଟୁଡେଣ୍ଟସ୍ ଆସୋସିଏଶନ ପକ୍ଷରୁ ନେତାଜୀ ସୁଭାଷ ଜୟନ୍ତୀ, ସ୍ଥାନ: କଲେଜ ସମ୍ମିଳନୀ କକ୍ଷ, ଅଭିନବ ବିଡ଼ାନାସୀ, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପରାକ୍ରମ ଦିବସ ପାଳନ, ସ୍ଥାନ: କଟକ ସତ୍ୟବ୍ରତ ଷ୍ଟାଡିୟମ, ସମୟ: ପୂର୍ବାହ୍ଣ ୧୦ଟା ୪୫।
- ଗୁରୁ ନାନକ ପବ୍ଲିକ ସ୍କୁଲର ୩୭ତମ ବାର୍ଷିକ ଉତ୍ସବ, ସ୍ଥାନ: କମଳାକାନ୍ତ ବିଦ୍ୟାପୀଠ ଖେଳପଡ଼ିଆ, ସମୟ: ଅପରାହ୍ଣ ୩ଟା।
- ସେଣ୍ଟ ଜାଭିୟର ହାଇସ୍କୁଲ ସିନିୟର ସେକେଣ୍ଡାରୀର ବାର୍ଷିକ ଉତ୍ସବ, ସ୍ଥାନ: ନେତାଜୀ ଖେଳପଡ଼ିଆ, ପୋତାପୋଖରୀ, ସମୟ: ଅପରାହ୍ଣ ୪ଟା।
- ନେତାଜୀ ସଂଘ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ, ସ୍ଥାନ: ନେତାଜୀ ନଗରସ୍ଥିତ ସଂଘ ପରିସର, ସେଲ୍‌ଟର ଛକ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହ ଓ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଶାସନ ବୀରରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ପ୍ରଶାସନ ପକ୍ଷରୁ ସୁବାଷ ବୋଷଙ୍କ ଜୟନ୍ତୀ ପାଳନ, ସ୍ଥାନ: ସୁବାସ ବୋଷ ମ୍ୟୁଜିୟମ, ପୁରୀ, ସମୟ: ସକାଳ ୯ଟା।
- ନେତାଜୀ ଜୟନ୍ତୀ, ସୁରେନ୍ଦ୍ର ସାଏ ଜୟନ୍ତୀ ଓ ପୂର୍ବ ଛାତ୍ର ସମ୍ମିଳନୀ, ସ୍ଥାନ: ହରଚଣ୍ଡି ସାହି ଶିଶୁ ମନ୍ଦିର, ପୁରୀ, ସମୟ: ସକାଳ ୯ଟା ୩୦।
- ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ, ସ୍ଥାନ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ପୁରୀ, ସମୟ: ପୂର୍ବାହ୍ଣ ୧୦ଟା।
- ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନର ବୈଠକ, ସ୍ଥାନ: ପୌରସଦନ, ପୁରୀ, ସମୟ: ପୂର୍ବାହ୍ଣ ୧୧ଟା।
- ହୋପ ଇଜ୍ ଲାଇଫ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟ, ପୁରୀ, ସମୟ: ଅପରାହ୍ଣ ୧ଟା।
- ଜେଜେ ବାପା ଓ ଜେଜେ ମା' ସମ୍ମିଳନୀ, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ପୁରୀ, ସମୟ: ଅପରାହ୍ଣ ୨ଟା।
- ପୂର୍ବ ଛାତ୍ର ସମ୍ମିଳନୀ, ସ୍ଥାନ: ମଧୁବନ ଶିଶୁ ମନ୍ଦିର, ପୁରୀ, ସମୟ: ଅପରାହ୍ଣ ୩ଟା।
- ଜେଜେ ବାପା ଓ ଜେଜେ ମା' ସମ୍ମିଳନୀ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ଣ ୩ଟା ୧୫।
- ବିନାୟକ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ପୁରୀ, ସମୟ: ଅପରାହ୍ଣ ୫ଟା।
- ନେତାଜୀ ଜୟନ୍ତୀ, ସୁରେନ୍ଦ୍ର ସାଏ ଜୟନ୍ତୀ ଉପଲକ୍ଷେ ଆଲୋଚନା ଚକ୍ର, ସ୍ଥାନ: ନାୟକ ପ୍ଲାଜା, ସମୟ: ଅପରାହ୍ଣ ୫ଟା ୩୦।

## ଖୋର୍ଦ୍ଧା

- ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମହାପ୍ରଭୁଙ୍କ ଅପୂର୍ବ ୩୨ ବେଶ, ସ୍ଥାନ: ବାରବାଟିଆ, ଉତ୍ତର ଭୋଗରାଇ, ସମୟ: ସକାଳ ୭ରୁ ଶୁଭାରମ୍ଭ।
- ପରାକ୍ରମ ଦିବସ ଉପଲକ୍ଷେ ବିଶାଳ ସାଇକେଲ ମାରାଥନ୍ ରାଲି, ସ୍ଥାନ: ରାମେଶ୍ୱର ମନ୍ଦିର ଠାରୁ ରେମୁଣା ମନ୍ଦିର ଛକ, ବାଲେଶ୍ୱର, ସମୟ: ସକାଳ ୮ଟା।
- ତାହାରପୁର ନେତାଜୀ କ୍ଲବର ବାର୍ଷିକ ଉତ୍ସବ ଓ ପ୍ରତିଯୋଗିତା ସଭା, ସ୍ଥାନ: ତାହାରପୁର, ରୂପସା, ସମୟ: ସକାଳ ୯ଟା।
- ଆଜାଦ ଯୁବ ପରିଷଦ ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରେଡ ପ୍ରଦର୍ଶନ, ବିଭିନ୍ନ ପ୍ରତିଯୋଗିତା ଓ ସାଧାରଣ ସଭା, ସ୍ଥାନ: ଚନ୍ଦନେଶ୍ୱର, ଭୋଗରାଇ, ସମୟ: ସକାଳ ୯ଟା।
- ନେତାଜୀ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଓ ସାଧାରଣ ସଭା, ସ୍ଥାନ: ଗୁନାଇବସାଣ ଓ ଜୟରାମପୁର, ଭୋଗରାଇ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବୈଦିକ ପରିବାର ସମ୍ମିଳନୀ, ସ୍ଥାନ: ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ, ମନ୍ତ୍ରିଡାହି, ରୂପସା, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲାସ୍ତରୀୟ ଖେଟି ପ୍ରତିଯୋଗିତା, ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ଅପରାହ୍ଣ ୨ଟା ୩୦।
- ନୟାପଡ଼ା ନେତାଜୀ ୟୁଥ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ହଳଦୀପଦା, ବାଲେଶ୍ୱର, ସମୟ: ଅପରାହ୍ଣ ୨ଟା ୩୦।
- ଭବ୍ୟ ପଥ ସଞ୍ଚାଳନ ଓ ଶାରୀରିକ ପ୍ରଦର୍ଶନ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ଣ ୩ଟା।
- ଭଏସ୍ ଅଫ ଭୋଗରାଇ ପକ୍ଷରୁ ନେତାଜୀ ଜୟନ୍ତୀ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରେଡ ଓ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଓ ସାଧାରଣ ସଭା, ସ୍ଥାନ ; ଚନ୍ଦନେଶ୍ୱର ବସ୍‌ଷ୍ଟାଣ୍ଡ, ଭୋଗରାଇ, ସମୟ: ଅପରାହ୍ଣ ୩ଟା।
- ଏକ୍ସପୋ ଓଡ଼ିଶା–୨୦୨୫ ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ଼ ଅଭ୍ୟାସ, ସ୍ଥାନ: କଲେଜ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ଣ ୯ଟା।
- ମା' ତାରିଣୀଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ, କଳସ ଶୋଭାଯାତ୍ରା, ସ୍ଥାନ: ଚୁଡ଼ାମଣି ତଳସାହୀ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା।
- ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଉତ୍ସବ, ସ୍ଥାନ: ନୂଆଗାଁ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା।
- ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଉଦ୍‌ଘାଟନ, ସ୍ଥାନ:ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ଣ ୧୦ଟା।
- ବନ୍ଦେ ଉତ୍କଳ ଜନନୀ ସାମାଜିକ ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ଣ ୧୦ଟା।
- ମଣିନାଥପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ମଣିନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ଣ ୧୦ଟା।
- ନେତାଜୀ ଜୟନ୍ତୀ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ମାଳଦା ଓ ଶାରଦା ବିଦ୍ୟାମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ଣ ୧୦ଟା।
- ନେତାଜୀ ଜୟନ୍ତୀ, ସ୍ଥାନ: ଭଦ୍ରକ କଲେଜ, ସମୟ: ପୂର୍ବାହ୍ଣ ୧୧ଟା।
- ନେତାଜୀଙ୍କ ଜୟନ୍ତୀ ଉତ୍ସବ, ଭଜନ ସନ୍ଧ୍ୟା, ସ୍ଥାନ: ଡିଗିଆଡ଼ି, ବେଲସାଉଁଳିଆ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୧ଟା।
- ସିଟି ରେସିଡେନ୍ସିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବନ୍ତଛକ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ସିଏମ୍ ଟ୍ରଫି ଫାଇନାଲ ମ୍ୟାଚ୍, ସ୍ଥାନ: କାଳୀପଡ଼ିଆ, ଧାମନଗର, ସମୟ: ଅପରାହ୍ଣ ୨ଟା ୩୦।
- ନେତାଜୀ ଜୟନ୍ତୀ, ସ୍ଥାନ: ଶ୍ରୀରାମ ନବମୀ ସମିତି କାର୍ଯ୍ୟାଳୟ, ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ଣ ୩ଟା।
- ଶ୍ରୀ ଦଧିବାମନ ମଦନମୋହନ ଜୀଉ ମନ୍ଦିର ପୁନଃ ପ୍ରତିଷ୍ଠା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୂଜାରୀ ସାହି, ନରିପୁର, ଭଦ୍ରକ, ସମୟ: ଅପରାହ୍ଣ ୪ଟା।
- ଭଣ୍ଡାରିପୋଖରୀ କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ଣ ୪ଟା।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବେଲସାଉଁଳିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ପୂଜା, ସ୍ଥାନ: ଜୟ ହନୁମାନ ଯୁବକ ସଂଘ ଆଖଡ଼ା, ନ୍ୟୁ ମାର୍କେଟ, ବଡ଼ବିଲ, ସମୟ: ସକାଳ ୭ଟା।
- ନେତାଜୀ ଜୟନ୍ତୀ ପାଳନ, ସ୍ଥାନ: ନେତାଜୀ ଛକ, ବଡ଼ବିଲ, ସମୟ: ସକାଳ ୮ଟା।
- କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ: ଗୋପ, ହାଟଡ଼ିହୀ, ସମୟ: ପୂର୍ବାହ୍ଣ ୧୦ ଟା।
- ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା, ସ୍ଥାନ: ବଣିଆପଙ୍କ, ହାଟଡ଼ିହୀ, ସମୟ: ପୂର୍ବାହ୍ଣ ୧୦ ଟା।
- ବ୍ଲକସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘର ସମାରୋହ, ସ୍ଥାନ: ହାଟଡ଼ିହୀ ହାଇସ୍କୁଲ, ହାଟଡ଼ିହୀ, ସମୟ: ପୂର୍ବାହ୍ଣ ୧୧ ଟା।
- ଚଣ୍ଡୀ ମନ୍ଦିରରେ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବାଲିବରେଇ, ଛେନାପଦି, ସମୟ: ମଧ୍ୟାହ୍ନ ୧୨ ଟା।
- ଛତିଆରେ ବିର୍ସାମୁଣ୍ଡା ହୋ ସମାଜ ମାର୍ସାଲ ଆକାଲ କମିଟି ତରଫରୁ ମାଘେ ପରବ ପାଳନ, ସ୍ଥାନ: ଛତିଆ ଶିବ ମନ୍ଦିର ପ୍ରାଙ୍ଗଣ, ଢେଙ୍କିକୋଟ, ସମୟ: ଅପରାହ୍ଣ ୩ ଟା।
- ଶିବରାତ୍ରି ଓ ବାର୍ଷିକୋତ୍ସବ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ନେତାଜୀ ସୁବାସ ଚନ୍ଦ୍ର ବୋଷ ଜୟନ୍ତୀ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲପାଳ, ବଡ଼ସାହି,ସମୟ: ସକାଳ ୮ଟା।
- ଫରେଷ୍ଟ କଲୋନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଯଶିପୁର ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟ।
- ଭଞ୍ଜସେନାର ୨୭ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ଓମ୍ ସାଇ ରଙ୍ଗମଞ୍ଚ ପକ୍ଷରୁ ଉଦଳା ସରସ୍ୱତୀ ମେଳାରେ ଯାତ୍ରା ପରିବେଷଣ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ହାଇସ୍କୁଲ ଛକ (ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ),ସମୟ: ଅପରାହ୍ଣ ୪ଟା।

## ବ୍ରହ୍ମପୁର

- ଜଳବାୟୁ ପରିବର୍ତ୍ତନ ନେଇ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ଣ ୧୧ଟା।
- ପ୍ରାଥମିକ ଶିକ୍ଷକ ସଂଘର ବନ୍ଧୁମିଳନ, ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ,ସ୍ଥାନ: ଏନ୍‌ଜିଓ ହଲ୍, ସମୟ: ପୂର୍ବାହ୍ଣ ୧୧ଟା୩୦।

## ଗଞ୍ଜାମ

- ଚିବିଶି ପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଭଞ୍ଜନଗର ଲଣ୍ଡେଇସାହି, ସମୟ: ସକାଳ ୮ଟା।
- ଦିବ୍ୟ ଜୀବନ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ପୂର୍ବାହ୍ଣ ୧୦ଟା।
- ଶହୀଦ ଉମାକାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଆସିକା ତାଲୁକା ଛକ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ସାମାଜିକ ସଦ୍‌ଭାବନା ସମିତି ପକ୍ଷରୁ ଚିନ୍ତନ ବୈଠକ, ସ୍ଥାନ: ଖଲ୍ଲିକୋଟ ବରାଳ ବାଲୁଙ୍କେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ଣ ୨ଟା।

## ଢେଙ୍କାନାଳ

- ସିଏମ୍ ଟ୍ରଫି ୧୫ବର୍ଷରୁ କମ୍ ଆନ୍ତଃକ୍ଲବ ଜିଲାସ୍ତରୀୟ ଫୁଟ୍‌ବଲ ଉଦ୍‌ଯାପନ, ସ୍ଥାନ: ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ, ସମୟ: ଅପରାହ୍ଣ ୪ଟା ୩୦।
- ନେତାଜୀ କ୍ଲବର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ବିଜ୍ଞାନ ମେଳା ଉଦ୍‌ଘାଟନ, ସ୍ଥାନ: ତାଳଚେର ଅନନ୍ତ ଡିଏଭି ସ୍କୁଲ, ସମୟ: ପୂର୍ବାହ୍ଣ ୧୦ ଟା।
- ପରୀକ୍ଷା ପେ ଚର୍ଚ୍ଚା, ସ୍ଥାନ: ଅନୁଗୋଳ ସେଣ୍ଟ୍ରାଲ ସ୍କୁଲ, ସମୟ: ପୂର୍ବାହ୍ଣ ୧୧ଟା।
- ମହିମାଜ୍ୟୋତି ଶୈକ୍ଷିକ ଶିକ୍ଷାନୁଷ୍ଠାନର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ଖଣ୍ଡହତା, ସମୟ: ଅପରାହ୍ଣ ୪ଟା।
- ୨୨ତମ ତାଳଚେର ପୁସ୍ତକ ମେଳା ଶୁଭାରମ୍ଭ, ସ୍ଥାନ: ତାଳଚେର ଦେଉଳବେଡ଼ା ଦୁର୍ଗାମଣ୍ଡପ ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।

## ଜଗତ୍‌ସିଂହପୁର

- ନେତାଜୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜୟନ୍ତୀ ପାଳନ ଓ ଆଲୋଚନା ସଭା, ସ୍ଥାନ: ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବସ୍‌ଷ୍ଟାଣ୍ଡ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ଣ ୧୦ଟା।
- ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ସଚେତନତା ଅଭିଯାନ ଓ ଆଲୋଚନା ସଭା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ଣ ୧୦ଟା।

## କେନ୍ଦ୍ରାପଡ଼ା

- ଘରୋଇ ଶିକ୍ଷାନୁଷ୍ଠାନ ସଂଘ ପକ୍ଷରୁ ଜସ୍ନ ଏ ତ୍ରୀରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିବି କଲୋନୀ ସ୍ୱର୍ଗଦ୍ୱାର କୀର୍ତ୍ତନ ପଡ଼ିଆ, ପେଟଚ୍ଛେଲା, ମହାକାଳପଡ଼ା, ସମୟ– ସକାଳ ୯ଟା।
- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପ, ସ୍ଥାନ: ରଙ୍ଗାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ନେତାଜୀ ମଡେଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ଣ ୫ଟା।

## ଯାଜପୁର

- ନେତାଜୀ ଜୟନ୍ତୀ ଅବସରରେ ବିଶାଳ ଗଣଦୌଡ଼, ସ୍ଥାନ: ଯାଜପୁର ରୋଡ ବ୍ୟାସନଗର ଷ୍ଟାଡିୟମଠାରୁ ରୟାଲ କଳିଙ୍ଗ ହୋଟେଲ, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଧର୍ମଶାଳା ପ୍ରେସ୍‌କ୍ଲବ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: ଯାଜପୁର ରୋଡ ସତସଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ରାମଚରିତ ମାନସ ପାରାୟଣର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ: ସକାଳ ୮ଟା।
- ଟି ୨୦ କ୍ରିକେଟ ଟୁର୍ନାମେଣ୍ଟର ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡ଼ିଆ, ସମୟ: ପୂର୍ବାହ୍ଣ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ: ପୂର୍ବାହ୍ଣ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାୟ ଜୟନ୍ତୀ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

## ରାୟଗଡ଼ା

- ପରାକ୍ରମ ଦିବସରେ ମେଗା ରକ୍ତଦାନ ଶିବିର, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।
- ଆଜାଦ ହିନ୍ଦ୍ ୟୁଥ ଆସୋସିଏଶନ ପକ୍ଷରୁ ନେତାଜୀ ଜୟନ୍ତୀ, ସ୍ଥାନ: ଆଜାଦ୍ ହିନ୍ଦ ୟୁଥ ଆସୋସିଏଶନ କାର୍ଯ୍ୟାଳୟ, ରାୟଗଡା, ସମୟ: ସକାଳ ୯ଟା ୪୫।
- ନେତାଜୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଚିନାସାରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ରାମନାଗୁଡା, ସମୟ: ପୂର୍ବାହ୍ଣ ୧୦ ଟା।
- ଆଜାଦ ହିନ୍ଦ୍ ୟୁଥ ଆସୋସିଏଶନର ୩୫ତମ ପ୍ରତିଷ୍ଠା ଦିବସ ଏବଂ ନେତାଜୀ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାର୍ଲସ ହାଇସ୍କୁଲ ପଡିଆ, ରାୟଗଡା, ସମୟ: ରାତି ୮ ଟା।

## ନବରଙ୍ଗପୁର

- ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ, ସ୍ଥାନ : ନବରଙ୍ଗପୁର, ସମୟ: ସକାଳ ୮ଟା।
- ବଙ୍ଗୀୟ ସମାଜ, ଉମରକୋଟ ପୌରପରିଷଦ ପକ୍ଷରୁ ସୁବାସ ବୋଷ ଜୟନ୍ତୀ, ସ୍ଥାନ: ଉମରକୋଟ ବ୍ଲକ ଡଙ୍ଗରୀଗୁଡ଼ା, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲାସ୍ତରୀୟ ସ୍କାଉଟ ଓ ଗାଇଡ୍ କ୍ୟାମ୍ପରୀର ପ୍ରସ୍ତୁତି ବୈଠକ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ହାଇସ୍କୁଲ, ସମୟ: ଅପରାହ୍ଣ ୩ଟା।

## ମାଲକାନଗିରି

- ନେତାଜୀ ଜୟନ୍ତୀ ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର, ସ୍ଥାନ: ଏମ୍‌ପିଭି–୮୧, ସମୟ: ସକାଳ ୮ଟା।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: ଗୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ, ସ୍ଥାନ: ମାଲକାନଗିରି ସଦର ମହକୁମାରେ ଥିବା ସୁଭାଷ ବୋଷ କ୍ଲବ୍, ସମୟ: ପୂର୍ବାହ୍ଣ ୧୦ଟା।
- ଏମ୍‌ପିଙ୍କ ଗସ୍ତ, ସ୍ଥାନ: କାଲିମେଲା, ପଡ଼ିଆ ବ୍ଲକ, ସମୟ: ପୂର୍ବାହ୍ଣ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: କାଲିମେଲା ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟ, ସମୟ: ଅପରାହ୍ଣ ୨ଟା।
- ବାର୍ଷିକ ଉତ୍ସବ, ସ୍ଥାନ: କାଲିମେଲା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସନ୍ଧ୍ୟ ୬ଟା।

## ସମ୍ବଲପୁର

- ପ୍ରୟାସ ପରିବାର ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ, ସମୟ : ସକାଳ ୬ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ, ସମୟ : ସକାଳ ୯ଟା।
- ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପଥ ସଞ୍ଚାଳନ କାର୍ଯ୍ୟକ୍ରମ, ସ୍ଥାନ : ହିନ୍ଦୀ ହାଇସ୍କୁଲ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ଣ ୧୦ଟା।
- ସମ୍ବଲପୁର ପୁସ୍ତକ ମେଳା–୨୦୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ଣ ୨ଟା।
- ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ତିଥିରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମାର୍ଚ୍ଚ ଫାଷ୍ଟ କାର୍ଯ୍ୟକ୍ରମ, ସ୍ଥାନ : ସହୀଦ ସ୍ତମ୍ଭ ଛକ, ସମୟ : ଅପରାହ୍ଣ ୩ଟା।
- କଣ୍ଠଶିଳ୍ପୀ ଉମାକାନ୍ତ ବାରିକ ଓ ଦଳଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଏଆଇଡିଏସ୍‌ଓ ପକ୍ଷରୁ ନେତାଜୀ ଜୟନ୍ତୀ, ସ୍ଥାନ: ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ, ସ୍ଥାନ: ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ବଲାଙ୍ଗୀର ଲୋକ ଉତ୍ସବରେ ଜିଲାସ୍ତରୀୟ ଲୋକ ନାଟକ ପ୍ରତିଯୋଗିତା, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ ପୁରୁଣା ମଞ୍ଚ, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ଲୋୟର ସୁକ୍‌ତେଲ ବୁଡ଼ିଅଞ୍ଚଳ ସଂଗ୍ରାମ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ବଲାଙ୍ଗୀର ଲୋକଉତ୍ସବରେ ଲୋକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ ପୁରୁଣା ମଞ୍ଚ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।
- ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋଶଳ କଳାମଣ୍ଡଳ ନୂଆ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୮ଟା୩୦।
- ନେତାଜୀ ଜୟନ୍ତୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଗୁଦୁଗୁଦା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୧ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ଣ ୪ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ:ସତସଙ୍ଗ ବିହାର, ରେଳ ଷ୍ଟେଶନ ରୋଡ୍, ବରଗଡ଼,ସମୟ:ସକାଳ ୯ଟା
- ରାମାୟଣ ପାରାୟଣ,ସ୍ଥାନ:କଲଙ୍ଗାପାଲି, ଗାଇସିଲେଟ୍,ସମୟ:ପୂର୍ବାହ୍ଣ ୧୦ଟା।
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ,ସ୍ଥାନ: ଟାଉନ ହଲ, ବରଗଡ଼, ସମୟ: ଅପରାହ୍ଣ ୩ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ହରିଓମ୍ ସୋସାଇଟି(ତପୋବନ), ବରଗଡ଼,ସମୟ:ଅପରାହ୍ଣ ୪ଟା।

## ଝାରସୁଗୁଡ଼ା

- ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ଡିଏମ୍‌ଏଫ୍ ଅଡିଟରିୟମ ହଲ, ସମୟ: ପୂର୍ବାହ୍ଣ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ:ପଣ୍ଡ୍ରି ମହିମା ମଠ,ସମୟ:ପୂର୍ବାହ୍ଣ ୧୦ଟା।
- ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ, ସମୟ: ପୂର୍ବାହ୍ଣ ୧୦ଟା।
- ରାମଚରିତ ମାନସ ନବାନ୍ନ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ଣ ୧୦ଟା
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସ୍ଥାନ: ଓଏସ୍‌ପି ଖେଳ ପଡ଼ିଆ, ଝାରସୁଗୁଡା, ସମୟ: ପୂର୍ବାହ୍ଣ ୧୧ଟା।
- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିନ ପାଳନ, ସ୍ଥାନ: ଲକ୍ଷ୍ମୀ ନାରାୟଣ କଲେଜ, ସମୟ: ପୂର୍ବାହ୍ଣ ୧୧ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମ ସ୍ଥିତ ଗ୍ରାମ ଉଦ୍ୟାନ ସାଂସାଧନ କେନ୍ଦ୍ରରେ କୃଷକ ମେଳା ଓ କୃଷି ପ୍ରଦର୍ଶନୀ,ସ୍ଥାନ:ଗ୍ରାମ ଉଦ୍ୟାନ ସଂସାଧାନ କେନ୍ଦ୍ର ପ୍ରାଙ୍ଗଣ,ସମୟ: ପୂର୍ବାହ୍ଣ ୧୧ ଟା।
- ବଡ଼ଗାଁ ଥାନା ଆନୁକୂଲ୍ୟରେ ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର ସହଯୋଗରେ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ବଡ଼ଗାଁ ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ଣ ୧୧ଟା।

## ରାଉରକେଲା

- ଆଇଏସ୍‌ଏସ୍ ଓ ଅଲମ୍ପିଆଡ୍ ପରୀକ୍ଷା, ସ୍ଥାନ: ସେକ୍ଟର–୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା ୩୦।
- ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ୨୪ କୁଣ୍ଡୀୟ ଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ସେକ୍ଟର––୨, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲା କଂଗ୍ରେସ ପକ୍ଷରୁ ନେତାଜୀ ଜୟନ୍ତୀ, ସ୍ଥାନ:ସେକ୍ଟର–୨୧,ସମୟ: ପୂର୍ବାହ୍ଣ ୧୧ଟା।

## ଦେବଗଡ଼

- କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗୀତା, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ଶ୍ରୀ ସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।
- ୧୮ ତମ ନ୍ୟୁ ଇଅର କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ ତରବୋଡ୍, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ କଲୋନି ବଙ୍ଗଳାପଡ଼ା ଯଜ୍ଞବେଦୀ, ସମୟ: ଅପରାହ୍ଣ ୫ଟା ୩୬।

## ବୌଦ୍ଧ

- ମା' ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାଳେଶ୍ୱର ଗ୍ରାମ, ବୌଦ୍ଧ, ସମୟ: ଅପରାହ୍ଣ ୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ବିରୋଧୀ ପକ୍ଷ ଦୁର୍ବଳ ରହିବେ ଯଦ୍ୱାରା କି ଆପଣଙ୍କ କାର୍ଯ୍ୟସାଧନ ପାଇଁ କିଛି ଅସୁବିଧା ରହିବ ନାହିଁ। କୃତ୍ତିକା ନକ୍ଷତ୍ର ସକାଶେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। କଠୋର ଶ୍ରମ ଓ ଭ୍ରମଣଜନିତ ଅସୁସ୍ଥତା ଅନୁଭବ କରିବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚୁବା ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** – ସାମାନ୍ୟ ବଚସା କାରଣରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ତଥାପି ସମାଧାନ ସକାଶେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ମୃଗଶିରା ନକ୍ଷତ୍ର କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ମିଥୁନ** – କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ସମ୍ମାନ ଅତୁଟ ରହିବା ସହ କର୍ମ ପ୍ରେରଣା ବୃଦ୍ଧି ପାଇବ। ଆର୍ଦ୍ରା ନକ୍ଷତ୍ର ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ବାଧବାଧକତାରେ ଅନିଚ୍ଛା ସତ୍ତ୍ୱେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବହୁତ ଦିନରୁ ରହିଥିବା ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**କର୍କଟ** – ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ ଈର୍ଷାପରାୟଣ ବ୍ୟକ୍ତି ଗୋଡ଼ଟାଣି ଅପଦସ୍ଥ କରିବାର ମଉକା ଖୋଜିପାରନ୍ତି। ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ, ମାତ୍ର ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ କନ୍ଦଳ ସୃଷ୍ଟି ହୋଇପାରେ।

**ସିଂହ** – ବିଭିନ୍ନ କାରଣରୁ ନିଜର ପରିବେଶ ଶାନ୍ତିପ୍ରଦ ହୋଇ ନ ପାରେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। ଆଲୋଚନା ପରିସରରେ ବନ୍ଧୁଙ୍କ ଦ୍ୱାରା ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ନିଜର ଦକ୍ଷତା ହେତୁକ ପ୍ରଶଂସା ପାଇପାରନ୍ତି।

**କନ୍ୟା** – ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସୁବିଧା ସୁଯୋଗ ହାସଲ କରି କାମ କରିବା ପାଇଁ ଅନୁକୂଳ ସୁଯୋଗ ପାଇବେ। ସାମାଜିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ପରୋକ୍ଷଶତ୍ରୁତା କାରଣରୁ ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବାରୁ ବନ୍ଧୁ ପ୍ରଶଂସା କରିବେ।

**ତୁଳା** – ଆଜି ପରିବାରରେ ବାକ୍‌ସଂଯମ କରିପାରିଲେ ଉପକୃତ ହେବେ। ଚିତ୍ରା ନକ୍ଷତ୍ର ଚେଷ୍ଟାକରୁଥିବା କାମଟିକୁ ଶେଷ କରିପାରିବେନି। ଏଥିପାଇଁ କୈଫିୟତ ଦେବାକୁ ପଡ଼ିପାରେ। ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପର କାରଣ ପାଲଟିଯିବ। ବିଶିଷ୍ଟ ବ୍ୟକ୍ତିଙ୍କ ବାହୁଛାୟାତଳେ ଆଶ୍ରୟନେବା ହେତୁ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**ବିଛା** – ପ୍ରତିବନ୍ଧକ ଲାଗି ରହିବା ଯୋଗୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହଯିବ। ଅନୁରାଧା ନକ୍ଷତ୍ରର ବକେୟା ପାଇବାକୁ କେନ୍ଦ୍ରକରି କଳହ କିମ୍ବା ସମସ୍ୟା ଉପୁଜିପାରେ। ସ୍ୱାର୍ଥସାଧନ ଆଶା ନ ଦେଖି ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। କିନ୍ତୁ ଆପଣଙ୍କ କାର୍ଯ୍ୟଦକ୍ଷତା କାରଣରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ** – ଉତ୍ତରାଷାଢ଼ା ନକ୍ଷତ୍ରର ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କେତେକ ବିବାଦୀୟ ପରିବେଶର ପରିଣାମ ବିଷୟରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ। ନିଜ ଚତୁଃପାର୍ଶ୍ୱସ୍ଥ ନିମ୍ନବର୍ଗର ବ୍ୟକ୍ତିବିଶେଷ ବିରୁଦ୍ଧାଚରଣ କରିପାରନ୍ତି। ପରିବାରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** – ଆଜି ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ହଠାତ୍ ପରିବାରରୁ କେହି ଅସୁସ୍ଥ ହେବା କାରଣରୁ ସାମୟିକ ଦୁଶ୍ଚିନ୍ତା ବଢ଼ିପାରେ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ ପୁନଶ୍ଚ ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଶ୍ରବଣା ନକ୍ଷତ୍ର ଆଜି କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** – ପୂର୍ବରୁ ପ୍ରତିଶ୍ରୁତି ପାଇଥିବା ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଅନ୍ଧକାର ମଧ୍ୟରେ ଆଶାର ଆଲୋକ ଦେଖିପାରନ୍ତି। ଶତଭିଷା ନକ୍ଷତ୍ର ପାରିବାରିକ କ୍ଷେତରେ ମଧ୍ୟ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** – ଏକାଧିକ କାମର ଚିନ୍ତା ମୁଣ୍ଡରେ ଭରି ରହିଥିବାରୁ ମାନସିକ ଶାନ୍ତି ପାଇପାରିବେ ନାହିଁ। ରେବତୀ ନକ୍ଷତ୍ରର ପରିବାର ଭିତରେ ଘଟିଯାଉଥିବା ଘଟଣା ଗୁଡିକ ଅସାଧାରଣ ମନେହେବ। ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କର ବିଚଳିତ ରହିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

ଆଜି ଜାନୁଆରୀ ୨୩ ତାରିଖ, ପରାକ୍ରମ ଦିବସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ, ମାଘ କୃଷ୍ଣ ନବମୀ ଗୁରୁବାର, ରାଶି, ନକ୍ଷତ୍ର–ବିଶାଖା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୫୨ମି. ଗତେ ଘ.୦୧.୦୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ଣ ଘ.୦୧.୨୧ମି. ଗତେ ଘ.୦୨.୪୪ମି. ମଧ୍ୟେ ରାହୁ କାଳ।

# ହତ୍ୟା: ୪ ଦୋଷୀଙ୍କୁ ଆଜୀବନ ଜେଲ

## ବିଧାୟକ ରମେଶ ଜେନାଙ୍କ ସମେତ ୩ ନିର୍ଦ୍ଦୋଷ

ବ୍ରହ୍ମପୁର,୨୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରେ ୨୦୧୭ରେ ହୋଇଥିବା ଏକ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ବୁଧବାର ପ୍ରକାଶ ପାଇଛି। ଏଡିଜେ-୩ ବିବସ୍ୱତ ଗୌତମ ମାମଲାର ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଫାଷ୍ଟଗେଟ୍ ଧୋବାବନ୍ଧ ହୁଡ଼ାର ସୁନୀଲ ଗୌଡ଼ ଓରଫ ସନୁ (୩୦), ଫାଷ୍ଟଗେଟ୍ ବର୍ମା କଲୋନୀର ଦୀପକ ସିଂ(୨୮) ଓ ରବୀନ୍ଦ୍ର ମହାଙ୍କୁଡ଼ (୩୫) ଏବଂ ଆସିକା ରୋଡ୍ ନାରାୟଣନଗରର ଅନିଲ ରେଡ୍ଡୀ (୩୦)। ଜେଲ ସହ ପ୍ରତ୍ୟେକଙ୍କୁ ୫୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୨୦ ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତିଙ୍କ ରାୟରେ ଉଲ୍ଲେଖ ରହିଛି। ସେହିପରି ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ୩ ଜଣଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଛକରେ ଉପେନ୍ଦ୍ର ବେହେରା ଓରଫ ବୁବୁ (୩୮) ପାନ ଦୋକାନ କରିଥିଲେ। ୨୦୧୭ ଜୁଲାଇ ୧ ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ଦୋକାନ ଉପରକୁ ବୋମାମାଡ଼ କରିଥିଲେ। ଦୋକାନରେ ବସିଥିବା ଉପେନ୍ଦ୍ର ଓ ତାଙ୍କ ସାଙ୍ଗ ସନ୍ତୋଷ ପାତ୍ର ଜୀବନ ବିକଳରେ ଦୌଡ଼ିଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଗୋଡ଼ାଇ କାତିରେ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିଲା। ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବାବେଳେ ଉପେନ୍ଦ୍ର ଓ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉପେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ଭିଣୋଇ କେ. କ୍ରିଷ୍ଣା ରାଓଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୯୩/୧୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୧ଜଣଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ ହୋଇଥିଲା। ବୁଧବାର ୭ ଅଭିଯୁକ୍ତଙ୍କ ପାଇଁ ମାମଲାର ଶୁଣାଣି ହୋଇଥିଲା। ମୋଟ ୧୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଥିବାରୁ କୋର୍ଟ ୪ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକଙ୍କ ସମେତ ଗୋସାଇଁନୂଆଗାଁ ଆଡୁଆ ସାହିର ସନ୍ତୋଷ ପାଣିଗ୍ରାହୀ ଓରଫ ଇଚିଲି ଓ ଫାଷ୍ଟଗେଟ ବର୍ମା କଲୋନୀର ଜଗନ୍ନାଥ ବେହେରାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ମାଗୁଣି ଚରଣ ପଲାଇ ମାମଲା ପରିଚାଳନା କରିଥିଲେ।

# ମାଓବାଦୀ ଗତିବିଧିର ସମୀକ୍ଷାକଲେ ଡିଜିପି

ନୂଆପଡ଼ା,୨୨।୧ (ମକାରୁ ବେମାଲ)


ଖବରଦାତା ସମ୍ମିଳନୀରେ ପୋଲିସ ଡିଜି ୱାଇ.ବି. ଖୁରାନିଆ ସୂଚନା ଦେଉଛନ୍ତି।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ବୁଧବାର ନୂଆପଡ଼ା ଜିଲା ଗସ୍ତରେ ଆସି ଛତିଶଗଡ଼ ଓ ନୂଆପଡ଼ା ଏସ୍‌ପିଙ୍କ ସହ ମାଓବାଦୀ ଗତିବିଧି ଉପରେ ସମୀକ୍ଷା କରିଛନ୍ତି। ଛତିଶଗଡ଼-ନୂଆପଡ଼ା ସୀମାରେ ଗରିଆବନ୍ଧ ଜିଲା ମୈନପୁର ଥାନା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ଗୁଳି ବିନିମୟରେ ୨ଦିନରେ ବହୁ ମାଓବାଦୀ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ଆମକୁ ୧୪ ଗୋଟି ମୃତଦେହ ମିଳିଛି। ଆହୁରି ଅଧିକ ମୃତଦେହ ମିଳିବ ବୋଲି ଆଶା କରାଯାଉଛି। ଏହି ଗୁଳି ବିନିମୟରେ ୨ଜଣ ଯବାନ ଛତିଶଗଡ଼ର ନୀରଜ କୁମାର ଓ ଓଡ଼ିଶାର ଧର୍ମେନ୍ଦ୍ର ଭୋଇ ଆହତ ହୋଇଛନ୍ତି ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ଖୁରାନିଆ ସୂଚନା ଦେଇଛନ୍ତି।

ଛତିଶଗଡ଼-ନୂଆପଡ଼ା ସୀମାରେ ଘଞ୍ଚ ଜଙ୍ଗଲ ରହିଥିବାରୁ ମାଓବାଦୀଙ୍କ ଉପସ୍ଥିତି ଦେଖାଦେଉଛି। ଆମେ ଅନେକଥର ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନଙ୍କୁ ନେଇ ମିଳିତ କୋମ୍ବିଂ ଅପରେଶନ କରିଛୁ। ମୈନପୁର ଥାନା କୁଲାରିଘାଟ ଜଙ୍ଗଲରେ ମାଓବାଦୀ ଏକତ୍ରିତ ହୋଇଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିବା ପରେ ଗତ ୧୯ ତାରିଖରୁ ଅପରେଶନ କରାଯାଇଥିଲା। ଏଥିରେ ଉଭୟ ରାଜ୍ୟର ଯବାନ ସାମିଲ ହୋଇଥିଲେ। ୨୦ ତାରିଖରେ ୨ ଜଣ ମହିଳା ମାଓବାଦୀ ଓ ୨୧ରେ ୧୨ ଜଣ ମାଓବାଦୀଙ୍କ ମୃତଦେହ ମିଳିଛି। ସେଥିରେ ୨ଜଣ ହାର୍ଡକୋର ମାଓବାଦୀ ଚଳପତ ରାମଚନ୍ଦ୍ର ରେଡ୍ଡୀ ଓ ଜୟରାମ ଓରଫ ଗୁଡୁ ନିହତ ହୋଇଛନ୍ତି। ବର୍ତ୍ତମାନ ଡ୍ରୋନ ସାହାଯ୍ୟରେ ମୃତଦେହ ଖୋଜା ଚାଲିଛି ବୋଲି ଡିଜିପି କହିଛନ୍ତି। ଖବରଦାତା ସମ୍ମିଳନୀରେ ସାଉଥ ଜୋନ୍ ଆଇଜି ନୀତିଶେଖର, ଡିଆଇଜି ଅପରେଶନ ଅଖିଳେଶ ସିଂ, ନୂଆପଡ଼ା ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଛତିଶଗଡ଼ ଇଣ୍ଟେଲିଜେନ୍ସ ଏସ୍‌ପି ଉପସ୍ଥିତ ଥିଲେ।

## ମାଓବାଦୀ ଦମନ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି

ଭବାନୀପାଟଣା,୨୨।୧ (ଉତ୍ତମ କୁମାର ଦାଶ)

ଡିଜିପି ୱାଇ.ବି. ଖୁରାନିଆ। ବୁଧବାର ଭବାନୀପାଟଣା ସହର ଉପଖଣ୍ଡ ସିଆର୍‌ପିଏଫ୍ କ୍ୟାମ୍ପ ପରିଦର୍ଶନକରି ଯବାନମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲା ପୋଲିସ ମୁଖ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ନୂଆପଡ଼ା ଜିଲା ସୀମାନ୍ତ ଛତିଶଗଡ଼ ଗରିଆବନ୍ଧ ସୀମାରେ ହୋଇଥିବା ମାଓବାଦୀ ଅପରେଶନରେ ଓଡ଼ିଶା ପୋଲିସର ଭୂମିକାକୁ ପ୍ରଶଂସା କରିଥିଲେ। ସେହିପରି ନୂଆପଡ଼ା ଜିଲା ଓ କଳାହାଣ୍ଡି ଜିଲାରେ ମାଓବାଦୀ ଦମନ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ବୋଲି ସେ କହିଥିଲେ। ଉଭୟ ଜିଲାରେ ମାଓବାଦୀ ଦମନରେ ନିୟୋଜିତ ଥିବା କେନ୍ଦ୍ରୀୟ ସୁରକ୍ଷା ବଳ, ସୀମା ସୁରକ୍ଷା ବଳ, ଏସ୍‌ଓଜି, ଡିଭିଏଫ୍, ପୋଲିସ ବାହିନୀର ମନୋବଳ ବୃଦ୍ଧି କରିବାକୁ ସେ ଗସ୍ତ କରିଥିବା କହିଛନ୍ତି।

# ଲାଞ୍ଚ: ଭିଜିଲାନ୍ସ ଜାଲରେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର

କଟକ,୨୨।୧(କାର୍ତ୍ତିକ ସାହୁ)

ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ ପାଇଁ ମୃତକଙ୍କ ପରିବାରଠାରୁ ଲାଞ୍ଚ ନେବା ଅଭିଯୋଗରେ କଟକ ଜିଲା ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସର୍ଜରି ବିଶେଷଜ୍ଞ ଡାକ୍ତର ବିଶ୍ୱନାଥ ଆଧେକ ଭିଜିଲାନ୍ସ ହାତରେ ବୁଧବାର ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଅର୍ଥ ୨ ହଜାର ଟଙ୍କା ଜବତ କରାଯାଇଛି।

ସୂଚନାନୁସାରେ, ଡା. ବିଶ୍ୱନାଥ ମୃତକଙ୍କ ପିତାଙ୍କ ନିକଟରୁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଦାଲତ ଶୁଣାଣି ସମୟରେ ପ୍ରମାଣପତ୍ର ଭାବେ ବିଶ୍ୱନାଥଙ୍କଠାରୁ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ ପାଇଁ ମୃତକଙ୍କ ବାପା ଆଶା କରିଥିଲେ। କିଛିଦିନ ପୂର୍ବେ ଅଭିଯୁକ୍ତ ମୃତକଙ୍କ ପିତାଙ୍କଠାରୁ ୨ ହଜାର ଟଙ୍କା ନେଇଥିଲେ। ଅଭିଯୋଗକାରୀ ଜଣେ ଗରିବ ବ୍ୟକ୍ତି। ଲାଞ୍ଚ ଦେଇ ରିପୋର୍ଟ ନେବା ଘଟଣାରେ ଭିଜିଲାନ୍ସରେ ଜଣାଇବା ବ୍ୟତୀତ ତାଙ୍କ ପକ୍ଷେ ଅନ୍ୟ କିଛି ଉପାୟ ନ ଥିଲା। ଅଭିଯୋଗ ପରେ ଭିଜିଲାନ୍ସ ଅଧିକାରୀମାନେ ବିଶ୍ୱନାଥଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ବିଶ୍ୱନାଥ ସମ୍ପୃକ୍ତ ଡାକ୍ତରଙ୍କୁ ୨ ହଜାର ଟଙ୍କା ଦେବା ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁକରିଥିଲେ। ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ୨ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଏନେଇ କଟକ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୧/୨୫) ରୁଜୁହୋଇଛି।

# କଲେଜ ପରିସରରେ ପୀଡ଼ିତା, ମା'ଙ୍କ ଆମରଣ ଅନଶନ




## କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ଯାଜପୁର,୨୨।୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ଏବଂ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ନେଇ ଅଭିଯୋଗ ହୋଇଛି। ଏହା ଉପରେ ପୋଲିସ ଓ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ନେଇ ପୀଡ଼ିତା ଓ ତାଙ୍କ ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି। ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ଯୁବ ସଂଯୋଜକ ମହମ୍ମଦ ମନୋହର ଅଲ୍ଲି ଓ ଯାଜପୁର ଯୁବ ସଂଯୋଜକ ଅଶ୍ୱିନୀ କୁମାରଙ୍କ ନେତୃତ୍ୱରେ ପୀଡ଼ିତାଙ୍କ ସହ ତାଙ୍କ ମା' ବୁଧବାର ପୂର୍ବାହ୍ନ ୧୧ଟାରୁ କଲେଜ ଗେଟ୍ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ଏହି ଆମରଣ ଅନଶନକୁ ପୂର୍ବତନ ବିଧାୟିକା ତଥା ଭାଜପା ନେତ୍ରୀ ସୁନନ୍ଦା ଦାସ ଉପସ୍ଥିତ ରହି ସମର୍ଥନ ଜଣାଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାର ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଏବଂ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କୁ ଚାକିରିରୁ ବହିଷ୍କାର ଏବଂ ଗିରଫ ଦାବିରେ ସେମାନେ ଅଡି ବସିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ ଘଟଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରି ଯାଜପୁର ଉପଜିଲାପାଳଙ୍କ ସହ ଫୋନରେ କଥାବାର୍ତ୍ତା କରାଇଥିଲେ। ଉପଜିଲାପାଳ ଅଂଶୁମାନ ଶତପଥୀ ଫୋନ୍‌ରେ ଆନ୍ଦୋଳନକାରୀମାନଙ୍କ ସହ କଥାବାର୍ତ୍ତା ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଉ ୩ ଦିନ ସମୟ ମାଗିଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପୀଡିତା ଓ ତାଙ୍କ ମା' ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗ ଭିତ୍ତିରେ ବରୀ ଥାନାରେ ୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। କଲେଜ ପରିସରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# କୋର୍ଟ ସମ୍ମୁଖରୁ ଯୁବକଙ୍କୁ ଉଠାଇନେଇ ଆକ୍ରମଣ

**ଆଳି, ୨୨।୧ (ବନମାଳୀ ସେନାପତି):** କେନ୍ଦ୍ରାପଡ଼ା ଜିଲା ଆଳି କୋର୍ଟ ସମ୍ମୁଖରୁ ବୁଧବାର ଜଣେ ଯୁବକଙ୍କୁ ୫ରୁ ୬ ଜଣ ଯୁବକ ଅପହରଣ କରି ନେଇ ନିଆଳ ହାଟ ଆକାଶିବଣ ଭିତରେ ଗଛରେ ବାନ୍ଧି ମରଣାନ୍ତକ ଆକ୍ରମଣ କରିଛନ୍ତି। ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାଡ଼ି ସେମାନେ ପଳାଇ ଯାଇଥିବାବେଳେ ପୋଲିସ ଖବର ତାଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି।

ପୋଲିସ ସୂଚନା ମୁତାବକ, ଗତ କାଳୀପୂଜା ସମୟରେ ବିଲିକଣା କାଳୀ ପଡ଼ିଆରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ସେହି ସମୟରେ ୨ ଗୋଷ୍ଠୀ ପକ୍ଷରୁ ଆଳି ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ଉଭୟ ପକ୍ଷରୁ କେତେଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟ ଅଭିଯୁକ୍ତମାନେ ଜାମିନରେ ଆସି ସାରିଥିଲେ। ଗୋଟିଏ ଗୋଷ୍ଠୀର ସତ୍ୟରଞ୍ଜନ ବେଜ ନାମକ ଜଣେ ଯୁବକଙ୍କ ସହ ଅନ୍ୟମାନେ ବୁଧବାର ଆଳି କୋର୍ଟକୁ ହାଜିରା ପକାଇବାକୁ ପୂର୍ବାହ୍ନ ୧୧ ଟାରେ ଆସିଥିଲେ। ହାଜିରା ପକାଇ ଅପରାହ୍ନ ପ୍ରାୟ ୩ଟାରେ ସତ୍ୟ କୋର୍ଟରୁ ବାହାରି ମୁଖ୍ୟ ରାସ୍ତାକୁ ଯିବାବେଳେ ପୂର୍ବ ଯୋଜନା ମୁତାବକ ପ୍ରାୟ ୫ରୁ ୬ ଜଣ ଯୁବକ ତାଙ୍କୁ ସେଠାରୁ ଉଠାଇ ନେଇଥିଲେ। କେହି କିଛି ବୁଝିବା ଆଗରୁ ସତ୍ୟରଞ୍ଜନଙ୍କ ମୁହଁରେ ଗାମୁଛା ବାନ୍ଧି ଆଖି ପିଛୁଳାକେ ତାଙ୍କୁ ନେଇ ପଳାଇ ଯାଇଥିଲେ।

# ସୀମାନ୍ତରେ ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲାକନଗିରି, ୨୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୬ଜଣ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ୨ ଲକ୍ଷ ପୁରସ୍କାର ଘୋଷିତ ଉତ୍ତର ବସ୍ତର ମାଓବାଦୀ ଡିଭିଜନ ସିସିଏମ୍ କୁଞ୍ଜାମ ମାସା, କୁଞ୍ଜାମ ଜଗା, ବୋଡକେ ହୁରା, ମଡକମ ହିଡମା, ବଞ୍ଜାମ କେସା ଓ ମାଡବି ଜଗା। ତଥ୍ୟ ଅନୁଯାୟୀ, ଛତିଶଗଡ଼ ସରକାରଙ୍କ ଦ୍ୱାରା ଚାଲିଥିବା ମାଓବାଦୀ ଦମନ ପ୍ରକ୍ରିୟା ଓ ଘରକୁ ଫେରିଆସ ଅଭିଯାନରେ ଛତିଶଗଡ଼ ପୋଲିସର କ୍ରମାନୁଗତ କୋମ୍ବିଂ ଅପରେଶନ, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ସହ ପୋଲିସ ଓ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମାଓବାଦୀ ଗଡ଼ି ଦିନକୁ ଦିନ ଭୁଶୁଡିବାରେ ଲାଗିଛି।

# ଜନସେବା କେନ୍ଦ୍ରରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

ଆନନ୍ଦପୁର,୨୨।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଧକୋଠାଠାରେ ଥିବା ଏକ ଜନସେବା କେନ୍ଦ୍ରରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ନିର୍ଘୁମ୍ ଛେଚି ପୋଲିସ ଜିମା ଦେଇଛନ୍ତି। ପୋଲିସ ଜନସେବା କେନ୍ଦ୍ର ମାଲିକ ସୁଜିତ୍ କୁମାର ସାହୁଙ୍କୁ ଗିରଫ କରିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁଯାୟୀ, ଜଣେ ଅଭିଭାବକ ଆଧାର କାର୍ଡରେ ସଂଶୋଧନ ପାଇଁ ୧୧ ବର୍ଷୀୟା ଝିଅକୁ ନେଇ ବୁଧବାର ସକାଳ ୬ଟା ୩୦ରେ ଧକୋଠାରେ ପହଞ୍ଚିଥିଲେ। ଆଧାରକାର୍ଡ ବାୟୋମେଟ୍ରିକ ସଂଶୋଧନ ପାଇଁ ଜନସେବା କେନ୍ଦ୍ର ମାଲିକ ସୁଜିତ୍ କୁମାର ସାହୁଙ୍କୁ କହିଥିଲେ। ସୁଜିତ୍ ଝିଅର ଆଧାରରେ ଥିବା ଜନ୍ମ ତାରିଖ ଠିକ୍ ଅଛିକି ନାହିଁ ବୁଝିବାକୁ ନାବାଳିକାଙ୍କ ବାପାଙ୍କୁ ସ୍କୁଲ ଶିକ୍ଷକଙ୍କ ପାଖକୁ ପଠାଇଦେଇଥିଲେ। ବାପା ଗଲା ପରେ ଝିଅକୁ ଏକାକୀ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା କୌଣସି ମତେ ଖସିଆସି ପାଟିକରିବାରୁ ଲୋକେ ରୁଣ୍ଡ ହୋଇ ସୁଜିତ୍‌ଙ୍କୁ ମାଡ଼ ମାରିଥିଲେ। ନାବାଳିକାଙ୍କ ବାପା ପହଞ୍ଚି ଝିଅଠାରୁ ଘଟଣା ସମ୍ପର୍କରେ ଜାଣି ଘସିପୁରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା(ନଂ.୩୯/୨୫) ରୁଜୁକରି ସୁଜିତ୍‌ଙ୍କୁ ଗିରଫ କରିଛି। ଥାନା ଅଧିକାରୀ ରମାକାନ୍ତ ସାଇ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତରଭୁଜ, ପୂରୁବ କଥାକୁ ମନେ ହେଜ
ପାସୋର ଗଲାଣି କୁଣ୍ଡା ବୋଝ
କୁଲା ବିକି ହେଲା ଚାତର
ପୂର୍ବ କଥା ମନେ ବିଚାର।**

ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ। ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇ ଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି, ତାହା ସେ ସ୍ମୃତିରେ ଆଣିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତିନି ଥେଣ୍ଟିଆ କାକୁଡି ବାଡ଼ି
ଖାଏ ଶିଆଳ ବେକ ମୋଡ଼ି।**

ସାଧାରଣତଃ କେତେକ ବିଷୟକୁ ନେଇ ଲୋକମାନଙ୍କ ମଧ୍ୟରେ କିଛି କିଛି ଭିନ୍ନ ମତ ରହୁଥିବାର ଲକ୍ଷ୍ୟ କରାଯାଇଥାଏ। ସେଭଳି କୌଣସି ଏକ ପ୍ରସଙ୍ଗରେ ମତ ଭିନ୍ନ ଭିନ୍ନ ହେଲେ ବାହାର ଲୋକ ବା ଅତି ଚାଲାକ ଲୋକ ଏଥିରୁ ଫାଇଦା ହାସଲ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଚାଲାଣ ବେଳେ ୨ ହାତୀଦାନ୍ତ ଜବତ, ୪ ଗିରଫ

ବାରିପଦା,୨୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜବତ ୨ ହାତୀଦାନ୍ତ।

ରାଜ୍ୟ ବାହାରକୁ ଚାଲାଣ ବେଳେ ବୁଧବାର ପୂର୍ବାହ୍ନ ୧୧ଟାରେ ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ଦେଉଳି ରେଞ୍ଜ ଅଞ୍ଚଳରୁ ବନ ବିଭାଗ ୨ ହାତୀଦାନ୍ତ ଜବତ କରିଛି। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ରାଜ୍ୟ ବାହାରର ୨ ଜଣ ଥିବାରୁ ହାତୀଦାନ୍ତ କାରବାରରେ ଆନ୍ତଃ ରାଜ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲା ଗଣ୍ଡାନେଟା ଅଞ୍ଚଳର ମଙ୍ଗଲ ସୋରେନ ଓ ଚାକୁଳିଆ ଥାନା ଅଧୀନ କାଣିମହୁଲୀ ଗ୍ରାମର ବିଜୟ ହାଁସଦା ଏବଂ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଦେବଶୂଳ ଗ୍ରାମ ଡାହିସାହି ଅଞ୍ଚଳର ବିର୍ସା ମୁର୍ମୁ ଓ ପଟଗଡ଼ିଆ ଗ୍ରାମର ଯୋଗେଶ୍ୱର ନାଏକ। ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ନିର୍ଦ୍ଦେଶକ୍ରମେ ଦେଉଳି ବନାଞ୍ଚଳ ରେଞ୍ଜ କର୍ମଚାରୀ ଓ ବନ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଝାରପୋଖରିଆ ଥାନା ୪୯ନଂ. ଜାତୀୟ ରାଜପଥର ଜାମଶୋଳା ନିକଟସ୍ଥ ଗୋଷାଣୀ ଛକରେ ଜଗି ରହିଥିଲେ। ଗୋଟିଏ ବାଇକ୍‌ରେ ୨ ଜଣ ୨ଟି ହାତୀଦାନ୍ତକୁ ଗାମୁଛାରେ ବାନ୍ଧି ଏକ ବ୍ୟାଗ୍‌ରେ ନେଉଥିଲେ। ସେମାନଙ୍କୁ ସୁରକ୍ଷା ଦେଇ ଅନ୍ୟ ଏକ ବାଇକ୍‌ରେ ୨ ଜଣ ଯାଉଥିଲେ। ଜବତ ଗୋଟିଏ ଦାନ୍ତର ଓଜନ ୧ କେଜି ହୋଇଥିବା ବେଳେ ଅନ୍ୟଟି ୧ କେଜି ୨୦ଗ୍ରାମ ବୋଲି ବିଭାଗ ସୂଚନା ଦେଇଛି।

# ବଳାତ୍କାରୀ କନ୍‌ଷ୍ଟେବଲଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୨।୧ (ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାସ ଅଭିଯୁକ୍ତ କନଷ୍ଟେବଲଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ଜଣକ ହେଲେ ଦାରିଙ୍ଗିବାଡି ଥାନା ଅଞ୍ଚଳର ଗୋବିନ୍ଦ ପ୍ରଧାନ(୨୫)। ସେ ଜିଲା ରିଜର୍ଭ ପୋଲିସରେ କନଷ୍ଟେବଲ ଭାବେ କାମ କରୁଥିଲେ।

ଗୋବିନ୍ଦଙ୍କ ଭଉଣୀ ଏବଂ ପୀଡ଼ିତା ସହପାଠୀ। ୨୦୧୬ରେ ୧୦ମ ଶ୍ରେଣୀ ପରୀକ୍ଷା ପରେ ଗୋବିନ୍ଦଙ୍କ ଭଉଣୀ ତାଙ୍କ ସାଙ୍ଗଙ୍କୁ ନିଜ ଘରକୁ ବୁଲାଇ ନେଇଥିଲେ। ସେ ୭ ଦିନ ସେଠାରେ ରହିଥିଲେ। ଏହିସମୟରେ ଗୋବିନ୍ଦ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ଘରକୁ ଆସିବାର କିଛିଦିନ ପରେ ଗୋବିନ୍ଦ ସେଠାରେ ପହଞ୍ଚି ପୁଣି ତାଙ୍କ ଘରକୁ ନେଇ ଯାଇଥିଲେ। ଚିହ୍ନା ପରିଚିତ ହୋଇଯାଇଥିବାରୁ ପରିବାର ଲୋକେ ଝିଅକୁ ତାଙ୍କ ସହ ଛାଡ଼ି ଦେଇଥିଲେ। ୨୦୧୭ରେ ଗୋବିନ୍ଦ ନାବାଳିକାଙ୍କୁ ନେଇ କେରଳ ଚାଲି ଯାଇଥିଲେ। ସେଠାରେ ୪ ମାସ ରହିବା ପରେ ଫୁଲବାଣୀ ଆସି ବିଭିନ୍ନ ସ୍ଥାନରେ ଭଡ଼ାରେ ରହିଥିଲେ। ୨୦୧୮ରେ ଗୋବିନ୍ଦ କନଷ୍ଟେବଲ ଚାକିରି ପାଇଥିଲେ। ଏହାପରେ ସେ ପୀଡ଼ିତାଙ୍କୁ ମୋତେ ଭୁଲିଯା କହି ଛାଡ଼ି ଦେଇଥିଲେ। ଗୋବିନ୍ଦ ଅନ୍ୟତ୍ର ବିବାହ କରୁଥିବା ଜାଣି ୨୦୨୦ ନଭେମ୍ବର ୬ରେ ପୀଡ଼ିତା ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୪୪/୨୦ରେ ମାମଲା ରୁଜୁ କରି ଗୋବିନ୍ଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ମେଡିକାଲ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।



ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ। କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ !!-ଶ୍ରୀମା

-ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ



# ସଂସ୍କୃତି ଓ ସଙ୍ଗୀତ



ଦେବଦତ୍ତ ପଟ୍ଟନାୟକ

ଯେତେବେଳେ ଭଗବାନ୍ ଶିବ ଗୀତ ଗାଇବା ଆରମ୍ଭ କଲେ ସେତେବେଳେ ବିଷ୍ଣୁ ତରଳିଗଲେ ଏବଂ ତାଙ୍କ ଶରୀର ଗଙ୍ଗା ଜଳରେ ପରିଣତ ହେଲା। ରାବଣ ବିଷ୍ଣୁଙ୍କ ଅସ୍ଥିକୁ ବିମ୍ ଭାବେ ଏବଂ ସ୍ନାୟୁକୁ ବାଦ୍ୟଯନ୍ତ୍ରର ତାର ବା ତନ୍ତ୍ରୀ ଏବଂ ମୁଣ୍ଡକୁ ତୁମ୍ବା ଭାବେ ବ୍ୟବହାର କରି ବୀଣା ଉଦ୍ଭାବନ କରିଥିଲେ। ଦେଖିବାକୁ ଗଲେ ହିନ୍ଦୁଧର୍ମର ଲୋକକଥା ଏହିଭଳି କାହାଣୀଗୁଡ଼ିକରେ ପରିପୂର୍ଣ୍ଣ। କିନ୍ତୁ ବୁଦ୍ଧ ଏବଂ ଜୈନ ତୀର୍ଥଙ୍କର ସହ ବାଦ୍ୟଯନ୍ତ୍ର ଥିବା କେହି କେବେ ଦେଖି ନ ଥିବେ। ସଙ୍ଗୀତ ସନ୍ନ୍ୟାସୀଙ୍କ ସହିତ ବି ଜଡ଼ିତ ନ ଥିଲା। ଏହାକୁ ଭକ୍ତିମାର୍ଗର ସାଧୁମାନେ କେବଳ ବ୍ୟବହାର କରୁଥିଲେ। ରୂଢ଼ିବାଦୀ ଖ୍ରୀଷ୍ଟିଆନ ଏବଂ ମୁସଲମାନଙ୍କ କ୍ଷେତ୍ରରେ ଈଶ୍ୱରଙ୍କ ଆରାଧନାରେ ଗୀତ ଓ ଭଜନ ବ୍ୟତୀତ ମ୍ୟୁଜିକ ଏକ ପାପ ଥିଲା। ଏହିପରି ଭାବେ ସଙ୍ଗୀତ ସଂସ୍କୃତି ସମ୍ପର୍କରେ ଅନେକ କିଛି ପ୍ରକାଶ କରେ।

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ମଧୁର ସ୍ୱର ବା ରାଗ କିମ୍ବା ଏକକ ତାଳ ଉପରେ ଆଧାରିତ, ଯେଉଁଠାରେ ଜଣେ ବ୍ୟକ୍ତି ଏକ ସ୍ୱରରେ ଗାଆନ୍ତି ଏବଂ ପରେ ଅନ୍ୟ ବାଦ୍ୟଯନ୍ତ୍ର ବା ସ୍ୱର ଏଥିରେ ସହଯୋଗ କରିଥାଏ। ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ ଏକାଧିକ ସ୍ୱର ସହିତ ଜଡ଼ିତ ଥିବାବେଳେ ଏକ ନୂତନ ତଥା ଭିନ୍ନ ସଙ୍ଗୀତ ସୃଷ୍ଟି କରିବା ପାଇଁ ବିଭିନ୍ନ ଧ୍ୱନିକୁ ଏକତ୍ର କରି ଭାରତୀୟ ସଙ୍ଗୀତ ଏକ ସରଳ ଓ ସ୍ପଷ୍ଟ ସ୍ୱର ସୃଷ୍ଟି କରେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ତୁରନ୍ତ ରଚନା କରିହୁଏ। ଏହାକୁ ପ୍ରାରମ୍ଭିକ ତଥା ଧୀର ତାଳରେ ଗାଇହୁଏ। ଅନ୍ୟପଟେ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତକୁ ଗାଇବା କଷ୍ଟକର। କିନ୍ତୁ ଆଫ୍ରିକାରୁ ପାଶ୍ଚାତ୍ୟକୁ ଯାଇଥିବା ଜାଜ୍ ମ୍ୟୁଜିକକୁ ତୁରନ୍ତ କମ୍ପୋଜ କରି ଗାଇହୁଏ। ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତକୁ ମଧ୍ୟ ସହଜରେ ଲେଖାଯାଇପାରିବ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସାତଟି ସ୍ୱର କିମ୍ବା ତାଳ ଅଛି – ଯାହାକୁ ବିଭିନ୍ନ ପ୍ରକାରେ ଅଦଳବଦଳ କରି ରାଗ ସୃଷ୍ଟି କରାଯାଇଥାଏ। ରସ ଏବଂ ଭାବ ଜାଗ୍ରତ କରିବା ପାଇଁ ଏକ ତାଳରେ ଏହାକୁ ଗାନ କରାଯାଏ। ରସ ଏବଂ ଭାବ ସଙ୍ଗୀତର ଅଂଶ ନୁହନ୍ତି। ସଙ୍ଗୀତ ଏକ ଅନୁଭବ ଏବଂ ଦର୍ଶକ କଳାକାରଙ୍କୁ



ଗାଇବା ଲାଗି ପ୍ରେରିତ କରିଥାନ୍ତି। ଅନ୍ୟପକ୍ଷରେ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ରସ ଏବଂ ଭାବ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହାକୁ ଠିକ୍ ଭାବରେ ଗାଇ ହୁଏନି। ବାସ୍ତବରେ ସଙ୍ଗୀତ ପ୍ରତି ବିଶ୍ୱସ୍ତତା ବା ନିଷ୍ଠା ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ।

ସାମ ବେଦ ହେଉଛି ଭାରତୀୟ ସଙ୍ଗୀତର ଆଦ୍ୟ ପ୍ରମାଣ। ପ୍ରାଗ୍ଐତିହାସିକ ଯୁଗରେ ସଙ୍ଗୀତ ଆରମ୍ଭ ହୋଇଥିଲା। ପ୍ରସ୍ତର ଯୁଗରେ ଲୋକମାନେ ପଥର ସହ ପଥରକୁ ବାଡ଼େଇ ମ୍ୟୁଜିକ ସୃଷ୍ଟି କରୁଥିଲେ। ଏଭଳି ପଥରଗୁଡ଼ିକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଓଡ଼ିଶାରେ ଆବିଷ୍କାର କରିଛନ୍ତି। ପରେ ପ୍ରସ୍ତର ଯୁଗରେ ଲୋକେ ସ୍ୱର ଏବଂ ବାଦ୍ୟଯନ୍ତ୍ରର ବିକାଶ କଲେ। ହରପ୍ପାରୁ ମିଳିଥିବା ଏକ ମୋହରରେ ସାତ ଜଣ ଲୋକ ସମାନ ପୋଷାକ ପିନ୍ଧି ଏକ ଗଛ ଚାରିପାଖରେ ନାଚୁଥିବାର ଐତିହାସିକ ପ୍ରମାଣ ରହିଛି। ତେଣୁ ଏହି ନୃତ୍ୟକୁ ସହଯୋଗ କରିବାରେ ନିଶ୍ଚିତ ଭାବେ ମ୍ୟୁଜିକ ରହିଥିବ ବୋଲି ଅନୁମାନ କରାଯାଏ। ଯେହେତୁ ବାଦ୍ୟଯନ୍ତ୍ରଗୁଡ଼ିକ ଜୈବ ପଦାର୍ଥରେ ନିର୍ମିତ, ସେଥିପାଇଁ ସେଗୁଡ଼ିକ ଦୀର୍ଘ ସମୟ ଅକ୍ଷୁଣ୍ଣ ରହିବା ସମ୍ଭବ ହୋଇନାହିଁ। ତେଣୁ ହରପ୍ପା ସଭ୍ୟତାରେ ବ୍ୟବହାର କରାଯାଉଥିବା ମାଟି ତିଆରି ବାଦ୍ୟଯନ୍ତ୍ରଗୁଡ଼ିକ ଆମ ପାଖରେ ନାହିଁ। କିନ୍ତୁ ହରପ୍ପାର ଲୋକମାନେ ସୁମେରିଆନ (ବାବିଲୋନିଆର ପୁରାତନ ଲୋକ)ଙ୍କ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ। ସୁମେରୀୟ କବର ଏବଂ କଳାରେ ହରପ୍ପାରୁ ମିଳିଥିବା ବାଦ୍ୟଯନ୍ତ୍ରଗୁଡ଼ିକର ଛାପ ଦେଖିବାକୁ ମିଳେ। ଏଣୁ ଏଗୁଡ଼ିକୁ ସେତେବେଳେ ହରପ୍ପାବାସୀ ରପ୍ତାନି କରିଥାଇ ପାରିଥାଆନ୍ତି ବୋଲି ଐତିହାସିକମାନେ ମତ ଦିଅନ୍ତି।

ଭାରତୀୟ ସଙ୍ଗୀତର ପ୍ରଥମ ସ୍ପଷ୍ଟ ପ୍ରମାଣ ସାମ ବେଦରୁ ମିଳେ (ଖ୍ରୀଷ୍ଟପୂର୍ବ ୧୦୦୦), ଯାହା ଋଗ୍ ବେଦର ପଂକ୍ତିକୁ ନେଇ ସଙ୍ଗୀତ ସୃଷ୍ଟି କରିଥିଲା। ଗନ୍ଧର୍ବ ବା ସ୍ୱର୍ଗର ସଙ୍ଗୀତଜ୍ଞଙ୍କ ବିଷୟରେ ମଧ୍ୟ ସାମବେଦରେ ଉଲ୍ଲେଖ ରହିଛି। ସଙ୍ଗୀତକାରମାନେ ସଂସ୍କୃତ ନାଟକ ମାଧ୍ୟମରେ ରାଜାମାନଙ୍କ ମନୋରଞ୍ଜନ କରୁଥିବାର ଉଦାହରଣ ସବୁ ରହିଛି। ହିନ୍ଦୁ ମନ୍ଦିର ଏବଂ ବୌଦ୍ଧ ଗୁମ୍ଫାର କାନ୍ଥରେ ମହିଳା ସଙ୍ଗୀତଜ୍ଞଙ୍କ ମୂର୍ତ୍ତି ଦେଖିବାକୁ ମିଳେ।

ଇସ୍‌ଲାମର ଆଗମନ ପରେ ଭାରତରେ ମ୍ୟୁଜିକରେ ବଡ଼ ପରିବର୍ତ୍ତନ ହୋଇଛି। ପାର୍ସୀ ସଙ୍ଗୀତ ପରମ୍ପରା ଭାରତରେ ପ୍ରବେଶ କରିବା ପରେ ଉତ୍ତର ଭାରତୀୟ (ହିନ୍ଦୁସ୍ଥାନୀ) ସଙ୍ଗୀତ ପ୍ରଣାଳୀର ବୃଦ୍ଧି ଘଟିଛି, ଯାହା ପୁରାତନ ତଥା ଅଧିକ ପାରମ୍ପରିକ ଦକ୍ଷିଣ ଭାରତୀୟ (କର୍ନାଟିକ୍) ସଙ୍ଗୀତ ପ୍ରଣାଳୀଠାରୁ ଭିନ୍ନ। ହିନ୍ଦୁସ୍ଥାନୀ ସଙ୍ଗୀତ ରାଜ ଦରବାରରେ ଏବଂ ପ୍ରତିଷ୍ଠିତ ପରିବାରଗୁଡ଼ିକ(ଘାରାନା)ରେ ପୃଷ୍ଠପୋଷକତା ଲାଭ କରିଥିଲା। ବିଶେଷକରି ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ(ତୱାଫ) ଙ୍କ ଦ୍ୱାରା ଏହା ସମ୍ଭବ ହୋଇଥିଲା। ପରେ ମନ୍ଦିର ଏବଂ ଦେବଦାସୀ ପରିବାରଗୁଡ଼ିକରେ ଏହା ପୃଷ୍ଠପୋଷକତା ପାଇଥିଲା।

ବ୍ରିଟିଶମାନଙ୍କ ସହିତ ଅର୍କେଷ୍ଟ୍ରା ଏବଂ ସାମରିକ ବ୍ୟାଣ୍ଡ ଭାରତକୁ ଆସିଲା। ଭାରତୀୟ ସୈନ୍ୟବାହିନୀ ସର୍ବଦା ଡ୍ରମ୍ ଏବଂ ବଗଲ ସହିତ ଜଡ଼ିତ ରହିଆସିଥିଲେ ବି ଇଂରେଜମାନେ ବ୍ୟାଣ୍ଡକୁ ଭାରତରେ ପ୍ରବେଶ କରାଇଥିଲେ। ଏହି ବ୍ୟାଣ୍ଡ ଦକ୍ଷିଣ ଭାରତର ସଙ୍ଗୀତଜ୍ଞଙ୍କ ଉପରେ ଅଧିକ ପ୍ରଭାବ ପକାଇଥିଲା। କେବଳ ଅଷ୍ଟାଦଶ ଶତାବ୍ଦୀରେ ଏହା ଘଟିଥିଲା। କର୍ନାଟିକ ସଙ୍ଗୀତକୁ ସମୃଦ୍ଧ କରିଥିବା ତିନି ସଙ୍ଗୀତଜ୍ଞ ହେଲେ ତ୍ୟାଗରାଜ, ମୁଥୁସ୍ୱାମୀ ଦୀକ୍ଷିତାର ଏବଂ ଶ୍ୟାମ ଶାସ୍ତ୍ରୀ। ଦକ୍ଷିଣରେ ଦେବଦାସୀ ଏବଂ ଉତ୍ତରରେ ତୱାଫଙ୍କ ଦ୍ୱାରା ଭାରତର ସଙ୍ଗୀତ ପରମ୍ପରାର ମିଳନ ଘଟିଥିଲା। ବାଙ୍ଗାଲୋରର କର୍ନାଟକୀ ଗାୟିକା ତଥା ଦେବଦାସୀ ନାଗରଥନମ୍ମା ଏହାର ଉଦାହରଣ। ସେ ତ୍ୟାଗରାଜଙ୍କ ପାଇଁ ସମାଧି ନିର୍ମାଣ କରିଥିଲେ। ଉତ୍ତର ଭାରତରେ ଗୌହରଜାନଙ୍କ ପରି ଗାୟିକା ଓ ନର୍ତ୍ତକୀ, ଯିଏ କି ଭାରତରେ ୭୮ ଆର୍‌ପିଏମ୍ ରେକର୍ଡରେ ସଙ୍ଗୀତ ରେକର୍ଡ କରିଥିବା ପ୍ରଥମ କଳାକାରଙ୍କ ମଧ୍ୟରୁ ଜଣେ ଏବଂ ଗାୟିକା ତଥା ଅଭିନେତ୍ରୀ ବେଗମ୍ ଅଖତରଙ୍କର ମଧ୍ୟ ଅବଦାନ ରହିଛି।

–devduttofficial@gmail.com

# ଉଚ୍ଚତା



ଧ୍ରୁବ ଚରଣ ଘିବେଲା

ବ୍ୟକ୍ତି ପ୍ରଶଂସା ତଥା ପ୍ରତିଷ୍ଠା ପାଇଁ ନିଜ ଉଚ୍ଚତା ନିର୍ମାଣ କାମରେ ଆଜିକାଲି ବିଶେଷଭାବେ ରହୁଥିବା ପରିଲକ୍ଷିତ ହୁଏ। ଗାଆଁ ଗହଳରେ ଯାହାର ଘର ସବୁଠୁ ଉଚ୍ଚ, ସେଇଟା ମୋ'/ଆମ ଘର କହି କିଛି ଲୋକ ଗର୍ବ ଅନୁଭବ କରିଥାନ୍ତି। କେଉଁଠି କେଉଁଠି ଉଚ୍ଚ ଘର ଯେମିତି ବ୍ୟକ୍ତିର ଉଚ୍ଚତା ତିଆରିରେ, ସେମିତି ଥିଲାବାଲା ଧନସମ୍ପତ୍ତି ଆଧାରରେ ନିଜ ଉଚ୍ଚତା ଜାହିର କରିଥାନ୍ତି। ନିଜ ପରିସରରେ ଗାଆଁରେ ତାଙ୍କର ବେଶ୍ ପତିଆରା ଥାଏ। ସମୟ ଥିଲା, ବାଇକ, ଚାରିଚକିଆ ଗାଡ଼ି ଷ୍ଟାଟସ ସିମ୍ବଲ ଥିଲା। ସେସବୁ ଡିଆରୁ ଥିଲା ବ୍ୟକ୍ତିର ପତିଆରା, ବ୍ୟକ୍ତିତ୍ୱ, ଉଚ୍ଚତା ଅନେକ କିଛି। ସେମାନେ ଅନ୍ୟର ସୁବିଧା ଅସୁବିଧାରେ ଯଥା ସାହାଯ୍ୟ କରୁଥିଲେ। ତାଙ୍କୁ ସାଧାରଣ ଲୋକେ ମାନୁଥିଲେ। ଧୀରେ ଧୀରେ ଥିଲାବାଲାଙ୍କ ଥିଲାପଣିଆ ଗର୍ବଭାବ ବଢ଼ିଲା। ସାହାଯ୍ୟ ନାଆଁରେ ଅନ୍ୟକୁ ଶୋଷଣ କରିଚାଲିଲେ। ଥିଲାବାଲା ନିଜ ପରିବେଶରେ ଯେଉଁ ଉଚ୍ଚତା ତିଆରିଥିଲେ, ତାହା କ୍ଷୁଣ୍ଣ ହେବାକୁ ଲାଗିଲା ନାନା କାରଣରୁ।

ବେପାର କ୍ଷେତ୍ରରେ ଥିବା କିଛି ଥିଲାବାଲା ଦେଖିଲେ ବେପାରରେ ତାଙ୍କ ପୂର୍ବ ପ୍ରତିଷ୍ଠା ଆଉ ଏତେ ରହୁନାହିଁ। ସେମାନଙ୍କ ଭିତରୁ କିଛି ଆଖି ବୁଲାଇଲେ ବେପାର ବ୍ୟତୀତ ଆଉ କେଉଁ କ୍ଷେତ୍ର ରହିଛି, ଯେଉଁଠୁ ସହଜରେ ମାନ ସମ୍ମାନ ପ୍ରତିଷ୍ଠା ପୁରସ୍କାର ଆଦି ଗୋଟାଇ ହେବ। କମ୍ ଖର୍ଚ୍ଚରେ ଅଧିକ ଫାଇଦା ଗଣ୍ଡେଇ ହେବ। କିଛି ଚତୁର ବେପାରୀଙ୍କ ଆଖିନିବଦ୍ଧ ହେଲା ସାହିତ୍ୟର ସବୁଜ କ୍ଷେତ୍ର ଉପରେ। ବେଶ୍ ତା'ପରେ ଖଟାଇଲେ ଚତୁର ବେପାରୀ ତାଙ୍କ ଯେତେକ ଖଳ ବଳ ବୁଦ୍ଧି ସବୁ ସେଇଠି। ଅଜସ୍ର ଅର୍ଥ ଥିବାରୁ ସ୍ଥାନେ ସ୍ଥାନେ ତିଆରିକଲେ ସେମାନେ ସାହିତ୍ୟ ଅନୁଷ୍ଠାନ। ଗୋଡ଼ାଣିଆ କୃପଣ ଦଳ ହାତରୁ ଦି' ପଇସା ଖର୍ଚ୍ଚ କରନ୍ତି ନାହିଁ । କେଉଁଠି, ମାହାଳିଆ ସାହିତ୍ୟ କରିବେ, ନାଁ ଅର୍ଜିବେ, କିଛି ଖାଇବେ ପିଇବେ ସେଇ ଲକ୍ଷ୍ୟରେ ବେପାରୀଙ୍କ ସାହିତ୍ୟ ଅନୁଷ୍ଠାନରେ ଭିଡ଼ ଜମାନ୍ତି। ବେପାରୀ ତା'ପରେ ବେପାରୀରୁ ସାହିତ୍ୟିକ ବନିଯାଆନ୍ତି। ନାଁ ପାଇଁ କିଛି ସାହିତ୍ୟ ସଭା କରନ୍ତି। ପୁରସ୍କାର ବାଣ୍ଟନ୍ତି। ଟଙ୍କା ଦେଇ କେଉଁଠି ମଞ୍ଚ ଚଳାନ୍ତି। ଏମିତି ରୀତିମତ ଉଚ୍ଚତା ତିଆରିବା ତରିକା ଆପଣେଇ ନିଜ ଉଚ୍ଚତା ବୃଦ୍ଧି ଅଭିଯାନରେ ଆଂଶିକ ସଫଳ ହୁଅନ୍ତି। ହେଉଛନ୍ତି ମଧ୍ୟ।

ସମୟ କ୍ରମେ ପୁଣି ଦେଖାଯାଏ,ଆପଣା ଉଚ୍ଚତା ପାଇବାକୁ ଯାଇ ଅନ୍ୟର ଅପନିନ୍ଦା କରିବା ଆରମ୍ଭ କରନ୍ତି ବେପାରୀ ସାହିତ୍ୟିକଙ୍କ ଭିତରୁ କେତେକ। ଯିଏ ଅନ୍ୟକୁ ସମାଲୋଚନା କରି ନିଜେ ପ୍ରତିଷ୍ଠିତ ହେବାକୁ ଚାହେଁ, ସେ ଜାଣି ପାରି ନ ଥାଏ ଅନ୍ୟକୁ ସମାଲୋଚନା କରିବା ଭିତରେ ନିଜକୁ କେତେ ନ୍ୟୂନ କରି ଦେଇଥାଏ। ଅନ୍ୟକୁ ଗାଳି କରି କେହି କେବେ ଉଚ୍ଚ ହୁଏ ନାହିଁ। ନିଜେ ପୁରସ୍କାର କିଣି ପ୍ରଶଂସିତ ହୁଅ କି କେଉଁଠି ମଞ୍ଚ ଚଢ଼ି ପୁରସ୍କାର ବାଣ୍ଟ, ତାହା ତୁମ ପାଇଁ ହେଉ ଭଲ କଥା। ହେଲେ ତୁମେ ପ୍ରଶଂସିତ ହେବ ବୋଲି ଅପରର ଅପନିନ୍ଦା କରିବା କେଉଁ ଜ୍ଞାନୀଗୁଣୀର କାମ। ଏହା ତ ଭଲ କାମ ପଦବାଚ୍ୟ ନୁହଁ, ଅପକର୍ମ ନିଶ୍ଚୟ। ଆପଣା ଉଚ୍ଚତା ତିଆରିବ ବୋଲି ଅନ୍ୟକୁ ଗାଳି କରିବ, ଏହା କି କଥା ? ସାହିତ୍ୟରେ ଅସହିଷ୍ଣୁତା ଠିକ୍ ନୁହେଁ। ଆପଣା ମନ୍ଦ ଉଦ୍ଦେଶ୍ୟ (ପୁରସ୍କାର କିଣିବା, ପୁରସ୍କାର କିଣି ନାଁ କମେଇବା ମାନସିକତା ରଖିବା) ଚରିତାର୍ଥ କରିବା ପାଇଁ ସାହିତ୍ୟର ସବୁଜିମାକୁ ନଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ। ଠିକ୍ ମାର୍ଗରେ ଯାଇ ଆପଣା ଉଚ୍ଚତା ପାଇବା ଭଲ କଥା। ତହିଁରେ କାହାର ଆପତ୍ତି ରହିବ ନାହିଁ। ସେମିତି କରାଗଲେ ତାହାକୁ ସଭିଏଁ ସ୍ୱାଗତ କରିବେ। ଏବେ ଏବେ ଏଇଠି କେତେକ ବଡ଼ ପୁରସ୍କାର ହାତେଇବା ପାଇଁ ସାନ ସାନ ପୁରସ୍କାର ସଂଗ୍ରହ କାମରେ ନିଜକୁ ବେଶ୍ ନିୟମିତ ନିୟୋଜିତ ରଖୁଥିବାର ମନେହୁଅନ୍ତି। ବଡ଼ ପଦ୍ମ ପୁରସ୍କାର ନ ହେଲେ ନାହିଁ, ସାନ ପଦ୍ମ ପୁରସ୍କାର ଚୋଳିବା ପାଇଁ କେତେକଙ୍କଠି ନାହିଁ ନ ଥିବା ବୈକଲ୍ୟ ଭାବ ଜାଗରୁକ ହେଲାଣି।

ତେବେ ଯାହା ପୁରସ୍କାର ପାଉଛ ପାଅ। କିନ୍ତୁ ଠିକ୍ ଧାରା ଧରି, ଠିକ୍ କର୍ମ କରି ଆପଣା ଉଚ୍ଚତା ବଢ଼ାଅ। ତାହା ନ କରି ଗଳାବାଟର ବାଟୋଇ ହୋଇ ପୁଣି ପ୍ରଶଂସା କାଙ୍ଗାଳ ସାଜି ଅନ୍ୟର ଅପନିନ୍ଦା କରିବା ବୁମେରାଂ ହେବ।

**ବଉଦରାଜ, ଜି. ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ବନ୍ୟଜନ୍ତୁ ସୁରକ୍ଷାର କବଚ ପାଲଟିଛନ୍ତି ରାଜସ୍ଥାନର ଶ୍ରବଣ ପଟେଲ । ସେ ତାଙ୍କ ଗାଁ ନିକଟରେ ରହୁଥିବା ବିଲୁପ୍ତ ପ୍ରାୟ ହରିଣ, କୃଷ୍ଣସାର ମୃଗ, ବଗ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା କରୁଛନ୍ତି। ଯୋଧପୁର ନିକଟରେ ଥିବା ତାଙ୍କ ଗାଁ ଧୱାର ବିଶେଷତ୍ୱ ରହିଛି। ଏହି ଗାଁରେ ଥିବା ଛୋଟ ଜଙ୍ଗଲକୁ ଗାଁର ଲୋକେ ସୁରକ୍ଷା ଦେବା ସହ ପଶୁପକ୍ଷୀଙ୍କ ସହିତ ସହାବସ୍ଥାନ କରନ୍ତି। ଏହି ଧାରା ଅନେକ ଶତାବ୍ଦୀ ଧରି ଚାଲିଆସିଛି। କିନ୍ତୁ ଏବେ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ଏହାସହ ଗାଁ ନିକଟରେ ବହି ଯାଇଥିବା ଜୋଜ୍ରି ନଦୀର ପାଣି ବିଷାକ୍ତ ହୋଇଯାଇଛି। ଫଳରେ ଏହି ପାଣି ପିଇ ହରିଣ, କୃଷ୍ଣସାର ମୃଗ ଆଦି ବନ୍ୟଜନ୍ତୁ ରୋଗଗ୍ରସ୍ତ ହେଉଛନ୍ତି। ଏହା ବ୍ୟତୀତ ଚାଷଜମି ଚାରିପାଖରେ ତାର ବାଡ଼ ଲଗାଇବା ଦ୍ୱାରା ଏହି ସବୁ ପ୍ରାଣୀ ଅନେକ ସମୟରେ ଆହତ ହେଉଛନ୍ତି କିମ୍ବା ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ସେମାନଙ୍କ ସୁରକ୍ଷା ପାଇଁ ଶ୍ରବଣ ଏକ ଟିମ୍ ଗଢ଼ିଛନ୍ତି । 'ୱାନ୍ ରୁପି ପର୍ ଡେ ଫର୍ ୱାଇଲ୍ଡ ଲାଇଫ୍ କଞ୍ଜରଭେଶନ' ନାମକ ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍ ମଧ୍ୟ ଗଠନ କରି ସେଥିରେ ୧,୦୦୦ ଜଣଙ୍କୁ ସାମିଲ କରିପାରିଛନ୍ତି। ପ୍ରତ୍ୟେକ ସଭ୍ୟ ୩୬୫ ଦିନରେ ଦିନକୁ ୧ଟଙ୍କା ହିସାବରେ ଦେଉଛନ୍ତି, ଯାହା ପଶୁପକ୍ଷୀଙ୍କ ଚିକିତ୍ସାରେ ଖର୍ଚ୍ଚ ହେଉଛି। ଏହି ଟିମ୍ ଯେଉଁ ଜାଗା ନଷ୍ଟ ହୋଇଯାଇଛି ସେଠାରେ ବୃକ୍ଷ ରୋପଣ କରିବା ସହ ଚାରଣଭୂମି ସୃଷ୍ଟି କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୨୩ ଜାନୁଆରୀ ୧୯୭୬**

- ସୁନ୍ଦରଗଡ଼ରେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ପିତାମହଲ ବନ୍ଧ ଓ କାଂସବାହଲ ଡାକ୍ତରଖାନା ଉଦ୍‌ଘାଟିତ।
- ଭାରତୀୟ ଭୂତଳ ସର୍ଭେ ସଂସ୍ଥା ପକ୍ଷରୁ ରାଜ୍ୟର ସର୍ଭିପଲ୍ଲୀ ଅଞ୍ଚଳରେ ଖଣିଜ ଧାତୁର ସନ୍ଧାନ।
- ଦୁର୍ଘଟଣାଗ୍ରସ୍ତ ଚାସନଳା କୋଇଲା ଖଣିରୁ ୧୩ଟି ଶବ ଉଦ୍ଧାର କରାଯାଇଥିବା ବେଳେ ଖଣିର ଦ୍ୱିତୀୟ ସ୍ତରର ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି।

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | 4 | | 1 | 9 |
| | | 4 | | | | | | |
| 8 | | | | | 3 | | | |
| | 2 | 7 | | 3 | | | | 4 |
| | | 3 | | | | | 9 | 1 |
| | 5 | | | 7 | 9 | | | |
| | | 1 | | | | | | 6 |
| 3 | | | | | | | | |
| | | 2 | 7 | 5 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 1 | 9 | 2 | 8 | 7 | 6 |
| 8 | 2 | 7 | 3 | 6 | 5 | 4 | 9 | 1 |
| 6 | 1 | 9 | 8 | 4 | 7 | 5 | 3 | 2 |
| 7 | 6 | 3 | 9 | 5 | 1 | 2 | 4 | 8 |
| 5 | 9 | 4 | 2 | 8 | 3 | 1 | 6 | 7 |
| 1 | 8 | 2 | 4 | 7 | 6 | 9 | 5 | 3 |
| 9 | 5 | 1 | 6 | 3 | 8 | 7 | 2 | 4 |
| 3 | 7 | 8 | 5 | 2 | 4 | 6 | 1 | 9 |
| 2 | 4 | 6 | 7 | 1 | 9 | 3 | 8 | 5 |

ଗତକାଲିର ଉତ୍ତର

# ଆଇଏନ୍‌ଏର ପରାକ୍ରମୀ ସେନାଧ୍ୟକ୍ଷ



ଡ. ମନୋଜ କୁମାର ମହାନ୍ତି

ଯଦିଓ ପରିବର୍ତ୍ତନ ପ୍ରକୃତିର ନିୟମ ତଥାପି ମଣିଷ ତା' ଅତୀତକୁ ଛାଡ଼ି ରହିପାରିବ ନାହିଁ। କାରଣ ଇତିହାସ ବୃହତ୍ ଚିନ୍ତାଧାରା ଓ ବ୍ୟକ୍ତିତ୍ୱକୁ ପୁନରାବୃତ୍ତି କରି ମାନବ ସମାଜକୁ ବିକାଶ ପଥରେ ଅଗ୍ରଗତି ହେବା ପାଇଁ ପ୍ରେରଣା ଯୋଗାଇ ଥାଏ। ବିଶେଷ କରି ବ୍ୟକ୍ତିବିଶେଷଙ୍କ ଚିନ୍ତାଧାରା, କର୍ମ, ତ୍ୟାଗ ଓ ଜୀବନଦର୍ଶନ ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତରୂପେ ପ୍ରେରଣାଦାୟୀ ସ୍ରୋତ ପାଲଟି ଯାଏ। ସେମାନଙ୍କ ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜର ଜନସାଧାରଣଙ୍କ ସ୍ମୃତିପଟରେ ସ୍ମରଣୀୟ ହୋଇ ରହିଯାଏ। କାଳଜୟୀ ପୁରୁଷ ଭାବେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯା'ନ୍ତି ଇତିହାସର ଅଧ୍ୟାୟରେ, ଏକ ସ୍ୱର୍ଣ୍ଣିମ ପୃଷ୍ଠାଭାବରେ। ଶୈଶବର ଧୂଳିଖେଳ ପରେ କୈଶୋର, ପୁଣି କୈଶୋର ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ, ପ୍ରତ୍ୟେକ ଜୀବନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ, ଯୁବଶକ୍ତିର ଏକ ଚଳଚଞ୍ଚଳ ପ୍ରବହମାନ ସ୍ରୋତ। ନେତାଜୀ ସୁଭାଷ ବୋଷ ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ। ୪୮ ବର୍ଷର ସ୍ୱଳ୍ପ ଜୀବନଯାତ୍ରା ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗ୍ଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ । ରାଷ୍ଟ୍ରୀୟ ସୈନ୍ୟବାହିନୀର ପ୍ରତିଷ୍ଠା(ଆଜାଦ ହିନ୍ଦ୍ ଫୌଜ), ଆଜାଦ ହିନ୍ଦ୍ ସରକାର ସ୍ଥାପନ, ଆଜାଦ ହିନ୍ଦ୍ ରେଡିଓ ବାର୍ତ୍ତାର ପ୍ରଚାରକ, ଦିଲ୍ଲୀ ଚଲୋର ଡାକରା, ଭରତୀୟ ବନ୍ଦୀ କଏଦୀ ସଂଗଠନ, ଜୟହିନ୍ଦ୍ ସ୍ଲୋଗାନ ଓ ସାମ୍ୟବାଦ ନୀତିକୁ ଅଗ୍ରାଧିକାର ଦେବା ସହ ଭାରତୀୟଙ୍କୁ ଏକଜୁଟ କରି ଇଂରେଜ ସରକାରଙ୍କୁ ଭାରତରୁ ବହିଷ୍କାର କରିବାରେ ଯେଉଁ ଆନ୍ତରିକ ଉଦ୍ୟମ ଆରମ୍ଭ କରିଥିଲେ ତାହା ଯୁବ ସମାଜ ସଦାସର୍ବଦା ମନେରଖିବ।

ଇଂରେଜ ଶାସନ କାଳରେ ଭାରତୀୟଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତବିବ୍ରତ କରିଥିଲା। ଜଣେ ଯୁବକ ହୋଇଥିବାରୁ ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସାକାର କରି ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ କିପରି ସାମିଲ କରାଯାଇପାରିବ ଓ ଦେଶପ୍ରେମର ମହାମନ୍ତ୍ରରେ ଦୀକ୍ଷିତ କରାଯିବ ସେଥିପାଇଁ ସେ ଉପାୟ ଖୋଜିଲେ। ପରାଧୀନତା ହିଁ ସବୁ ଦୁଃଖ ଓ ମାନସିକ ଯନ୍ତ୍ରଣାର କାରଣ। ସେ ଅନୁଭବ କରିଥିଲେ ଯେ ସାମରିକ ଶକ୍ତି ହିଁ ଏକମାତ୍ର ଅସ୍ତ୍ର, ଯାହାକୁ ହତିୟାର କରି ଭାରତୀୟମାନେ ସ୍ୱାଧୀନତାର ସ୍ୱାଦ ଅନୁଭବ କରିପାରିବେ। ଯେପର୍ଯ୍ୟନ୍ତ ଯୁବ ଗୋଷ୍ଠୀ ନିଜ ରକ୍ତ ନ ବୁହାଇଛି ସେପର୍ଯ୍ୟନ୍ତ ପରାଧୀନତାର ପଞ୍ଜୁରିରେ ଆବଦ୍ଧ ହୋଇ ପିଞ୍ଛିଛାଟି ହେବା ଛଡ଼ା ଅନ୍ୟ ଗତି ନାହିଁ। ଯଦି ଜୀବନରେ ସଂଘର୍ଷ ନାହିଁ ସେ ଜୀବନ ଜିଇବାରେ ଆନନ୍ଦ ବା କାହିଁ। ୧୯୨୧ରେ ଭାରତୀୟ ପ୍ରଶାସନିକ ସେବାର ଉଚ୍ଚପଦକୁ ପାଦରେ ଏଡ଼େଇ ସେ ଗାନ୍ଧୀଙ୍କ ଆଦର୍ଶ ତଥା ଭାରତୀୟ ମୁକ୍ତି ଆନ୍ଦୋଳନରେ ଅନୁପ୍ରାଣିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଗାନ୍ଧୀଙ୍କ ଚିନ୍ତାଧାରାକୁ ନେଇ ଭାରତର ସ୍ୱାଧୀନତାର ସ୍ୱପ୍ନ ଅସ୍ପଷ୍ଟ ଦିଶୁଥିବାରୁ ସେ ନିଜ ରାସ୍ତାର ଗତିପଥକୁ ବଦଳାଇବାକୁ ବାଧ୍ୟ ହେଲେ। ଇଂରେଜମାନଙ୍କ ନିକଟରେ ନିଜ ଦେଶର ସ୍ୱାଧୀନତାକୁ ଭିକ୍ଷା କରିବାର ଅର୍ଥ ଭାରତୀୟ ସ୍ୱାଭିମାନର ଭିକ୍ଷା । ସ୍ୱାଧୀନତା କେହି କାହାକୁ ଦିଏନାହିଁ ବରଂ ତାକୁ ଜୋର କରି ଅଣାଯାଇଥାଏ। ଭାରତ ବର୍ଷକୁ ସ୍ୱାଧୀନତା ଦେବା ପାଇଁ ସେ ତାଙ୍କର ଚିନ୍ତାଧାରାକୁ କ୍ରାନ୍ତିକାରୀ ରୂପ ଦେଇଥିଲେ। ଜଣେ ଭାରତୀୟ ନାଗରିକ ଓ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଥିଲା ; କଣ୍ଟାକୁ କଣ୍ଟା ଦ୍ୱାରା କେବଳ ବାହାର କରାଯାଇପାରିବ। ଯେଉଁ ଯୁବକ ଦିନେ ଗାନ୍ଧିବାଦର ଅହିଂସା ମାର୍ଗକୁ ଆପଣାଇ ଇଂରେଜମାନଙ୍କ ବିରୋଧରେ ନିଜକୁ ଆନ୍ଦୋଳନରେ ସାମିଲ କରିଥିଲେ, ସେହି ଯୁବକ ହିଁ



ହିଂସାର ଆବଶ୍ୟକତାକୁ ଅନୁଭବ କରି ସ୍ୱାଧୀନତାକୁ କିପରି ହାତେଇବାକୁ ହେବ ତା'ର ସମସ୍ତ କୌଶଳ ଅବଲମ୍ବନ କରିବାରେ ପଛଘୁଞ୍ଚା ଦେଇ ନ ଥିଲେ। ଗାଲଚାପୁଡ଼ା ଓ ଲାଠି ପାହାର ଖାଇ କେହି ସ୍ୱାଧୀନ ହୋଇ ବଞ୍ଚିପାରେନି ବରଂ ଉପଯୁକ୍ତ ପ୍ରତିବାଦ ସହ ପ୍ରତିଆକ୍ରମଣ ହିଁ ସ୍ୱାଧୀନତା ଅନୁଭବର ଏକମାତ୍ର ମାଧ୍ୟମ । ଇଂରେଜଶାସନକୁ ଦେଶରୁ ବିନାଶ କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ।

କ୍ରାନ୍ତିକାରୀ ରାସ ବିହାରୀ ବୋଷଙ୍କ ପ୍ରୟାସରେ ସୃଷ୍ଟି ହେଲା ଭାରତୀୟ ସ୍ୱାଧୀନତା ସଂଘ ଓ ବ୍ରିଟିଶ ସୈନ୍ୟବାହିନୀରେ ଭାରତୀୟ ପରିତ୍ୟକ୍ତ ସୈନିକମାନଙ୍କର ସହଯୋଗରେ କ୍ୟାପଟେନ ମୋହନ ସିଂ ଦ୍ୱାରା ୧୯୪୨ରେ ସ୍ଥାପନା ହୋଇଥିବା ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀର (ଆଇଏନ୍‌ଏ) ଦାୟିତ୍ୱ ତଥା ପରିଚାଳନା ପାଇଁ ନେତାଜୀଙ୍କୁ ଜର୍ମାନୀରୁ ନିମନ୍ତ୍ରଣ କରାଯାଇଥିଲା। ୨୧ ଅକ୍ଟୋବର ୧୯୪୩ରେ ସୁଭାଷ ବୋଷଙ୍କ ଦ୍ୱାରା ସିଙ୍ଗାପୁରରେ ଆଇଏନ୍‌ଏକୁ ପୁନର୍ଜୀବିତ କରି ତା'ର ନୂତନ ନାମ ଦେଲେ 'ଆଜାଦ ହିନ୍ଦ୍ ଫୌଜ'। ଯେଉଁଥିରେ ୬୦ ହଜାର ସୈନିକ ଯୋଗଦେଇଥିଲେ, ତାହାର ସେନାଧ୍ୟକ୍ଷ ହେଲେ ନେତାଜୀ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିବା ବ୍ରିଟିଶକୁ ପୂର୍ବଏସିଆରେ ଦୁର୍ବଳ କରିବାକୁ ଜାପାନ ଚାହୁଁଥିଲା ; ଫଳରେ ଜର୍ମାନ, ଜାପାନ ଓ ଇଟାଲୀ ଆଜାଦ ହିନ୍ଦ୍ ଫୌଜକୁ ସ୍ୱୀକୃତି ପ୍ରଦାନ କରିଥିଲେ। ୧୯୩୯ରୁ ୧୯୪୫ ମଧ୍ୟରେ ଚାଲିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆଜାଦ ହିନ୍ଦ୍ ଫୌଜର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଗଷ୍ଟ ୩୧ ତାରିଖ ୧୯୪୨ରେ ଜର୍ମାନୀରେ ଜୟ ହିନ୍ଦ୍ ରେଡିଓ ପ୍ରସାରଣରେ ନେତାଜୀ ଭାରତୀୟମାନଙ୍କ ପାଇଁ ଯେଉଁ ବାର୍ତ୍ତା ପ୍ରେରଣ କଲେ ତାହାର ରୂପରେଖ ତୀବ୍ରତର ହୋଇଥିଲା। ନେତାଜୀଙ୍କ ବାର୍ତ୍ତା ସିଧାସଳଖ ବ୍ରିଟିଶ ସରକାରଙ୍କୁ ଥିଲା। ସରକାର ଦ୍ୱାରା ଆଦାୟ କରାଯାଉଥିବା 'କର'କୁ ତୁରନ୍ତ ବନ୍ଦ କରାଯାଉ। ଭାରତରେ ବ୍ରିଟିଶ ସରକାର ଦ୍ୱାରା ଉତ୍ପାଦନ ହେଉଥିବା ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର କାରଖାନାର ବିନାଶ ସହ ଉତ୍ପାଦନର ନିଷେଧ ହେଉ, ନଚେତ୍ ଭାରତକୁ ମଧ୍ୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବ୍ରିଟିଶ ସରକାରର କୌଣସି ପ୍ରତିବନ୍ଧକ ନ ରହୁ। ଭାରତ ମଧ୍ୟ ତା'ର ନିଜସ୍ୱ ସରକାର ଗଠନ କରି ସମାଜର ସବୁ ବର୍ଗର ମଣିଷଙ୍କୁ ସମାନ ସୁବିଧା ପ୍ରଦାନ ଓ ସହଭାଗିତାରେ ସାମିଲ କରୁ। କେବଳ ଭାରତ ନୁହେଁ ବରଂ ଜର୍ମାନୀ, ଇଟାଲୀ ଓ ଜାପାନରେ ନେତାଜୀଙ୍କ ଚର୍ଚ୍ଚା ଖୁବ୍ ଜୋର ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ବିପକ୍ଷରେ ଥିବା ବ୍ରିଟିଶ ସୈନ୍ୟଶକ୍ତିର ପୂର୍ବ–ଏସିଆରେ ପତନ ପାଇଁ ଜାପାନ ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀକୁ ସାହାଯ୍ୟ ଓ ସହଯୋଗ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁ ନ ଥିଲା। ନେତାଜୀଙ୍କ ରେଡିଓ ବାର୍ତ୍ତା ଭାରତର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି କଲା, ଯେଉଁଥିରେ ସର୍ବସାଧାରଣ ଭାରତରେ ବ୍ରିଟିଶ ସରକାର ବିରୋଧରେ ବିପ୍ଳବର ନିଆଁ ଜାଳିବା ଆରମ୍ଭ କରିଦେଇଥିଲେ। ସରକାର ଦ୍ୱାରା ଉତ୍ପାଦିତ ହେଉଥିବା ଅସ୍ତ୍ରଶସ୍ତ୍ର ଓ କାରଖାନା, ସରକାରୀ କାର୍ଯ୍ୟାଳୟ, ସରକାରୀ ଦପ୍ତର, ଗୁପ୍ତ ଖବର ତଥ୍ୟ କାର୍ଯ୍ୟାଳୟ, ରେଡିଓ କେନ୍ଦ୍ର, ରେଳଷ୍ଟେଶନ ଓ ପୋଲିସ କାର୍ଯ୍ୟାଳୟ ଆଦିର ପୋଡ଼ାଜଳା ଭଳି ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ସୁଭାଷ ବୋଷଙ୍କ ବ୍ୟକ୍ତିତ୍ୱର ପ୍ରଭାବ କେବଳ ଭାରତରେ ସୀମିତ ନ ହୋଇ ସିଙ୍ଗାପୁର, ବର୍ମା, ଜର୍ମାନୀ, ଜାପାନ, ଇଟାଲୀ ତଥା ଇଂଲଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ଥିଲା। ଜଣେ ସଫଳ ବ୍ୟକ୍ତି ଭାବରେ, ଯୁବ ନାୟକ ଭାବରେ, ସେନାଧ୍ୟକ୍ଷ ଭାବରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ନିଜର ମହତ୍ ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ଯେଉଁ ତ୍ୟାଗ କରିଥିଲେ, ତାହା ପ୍ରତ୍ୟେକ ଭାରତୀୟ ପାଇଁ ନିଶ୍ଚୟ ଶିକ୍ଷଣୀୟ। ନିଜ ଦେଶ ପାଇଁ, ମାଟି ପାଇଁ ନେଇଥିବା ବୃହତ୍ ନିଷ୍ପତ୍ତି ନିକଟରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢ଼ି ନିଶ୍ଚିତ ଭାବେ କୃତଜ୍ଞତା ଜ୍ଞାପନ କରିବ। ସବୁ ଘାତପ୍ରତିଘାତ ସତ୍ତ୍ୱେ ଦେଶକୁ ସ୍ୱାଧୀନତାପ୍ରାପ୍ତିର ଶିଖରରେ ପହଞ୍ଚାଇବାର ଶତ ପ୍ରଚେଷ୍ଟାକୁ ଭାରତବାସୀ ସର୍ବୋପରି ଓଡ଼ିଶାର ଜନସାଧାରଣ ନିଶ୍ଚୟ ହୃଦୟଙ୍ଗମ କରିବେ। ବୟସର ଅପରାହ୍ନ ଯାହାକୁ ସ୍ପର୍ଶ କରିବାର ବହୁ ଆଗରୁ ଯିଏ ମୃତ୍ୟୁଞ୍ଜୟ ହୋଇ ଇତିହାସ ନିଜେ ରଚନା କରିଗଲେ ସେହିଭଳି ନେତୃତ୍ୱଙ୍କୁ ପ୍ରଣାମ।

**ଅଧ୍ୟାପକ, ଦର୍ଶନ ବିଭାଗ, ଭଦ୍ରକ**
**ମୋ: ୮୮୯୫୩୪୧୦୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ଦୋକାନୀଙ୍କୁ ଥଇଥାନ କରାଯାଉ

ମହାଶୟ,

କଟକ ରେଳ ଷ୍ଟେସନର ସମ୍ପ୍ରସାରଣ କରାଯାଉଥିବାରୁ ଅନେକ ଦୋକାନୀଙ୍କୁ ଉଚ୍ଛେଦ କରିବାକୁ ରେଳବାଇ ବିଭାଗ ପ୍ରୟାସ କରୁଛି। ପ୍ରଥମେ ସମସ୍ତଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରାଯାଉ। ଏହା ପରେ ସେମାନଙ୍କୁ ଉଚ୍ଛେଦ କରାଯିବା ଦରକାର। କାରଣ ସେମାନେ ଦୋକାନ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କୁ ଖୋଲା ସରକାରୀ ଜାଗା ଦିଆଯାଉ। ଅଥବା ଭେଣ୍ଡିଂ ଜୋନ୍ ମାଧ୍ୟମରେ ଦୋକାନ ଗୃହ ଯୋଗାଇ ଦିଆଗଲେ ସେମାନଙ୍କ ଦୁଃଖ ଲାଘବ ହେବ। ଦୋକାନୀମାନଙ୍କୁ ଅଧିକ ସମୟ ନ ଦେଇ ହଠାତ୍ ଉଚ୍ଛେଦ ପ୍ରକ୍ରିୟା କରା ନ ଯାଉ। ରେଳବାଇ କର୍ତ୍ତୃପକ୍ଷ ପୁନର୍ବିଚାର କରିବାକୁ ପ୍ରୟାସ କରନ୍ତୁ। ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ଗୁରୁତ୍ୱ ଦିଅନ୍ତୁ, ଯେପରି ଦୋକାନୀଙ୍କର କୌଣସି କ୍ଷତି ହେବନାହିଁ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୂରଦେଶୁ ପରବାସୀ ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ।
କେଉଁ ଦେଶେ ଲୁଚି ରହେ ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ।

–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମୁଣ୍ଡଳି ହାଇସ୍କୁଲର ବାର୍ଷିକ ଉତ୍ସବ

ତ୍ରିଶୂଳିଆ,୨୨।୧(ତୁଷାରକାନ୍ତ ବେହେରା): ନୋଡ଼ାଲ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ସମାରୋହ ଓ ଏହାର ପ୍ରତିଷ୍ଠାତା ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ସ୍ମୃତିସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଅରୁଣ କୁମାର ପରିଛା ଯୋଗଦେଇ ବିଦ୍ୟାର୍ଥୀଙ୍କ ପ୍ରତିଭାର ବିକାଶ ପାଇଁ ଅଭିଭାବକ ଓ ଶିକ୍ଷକ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ସେ କହିଥିଲେ। ପ୍ରତି ବର୍ଷ ସ୍କୁଲର କନିଷ୍ଠ ଓ ବରିଷ୍ଠ ବର୍ଗର ଜଣେ ଲେଖାଏଁ ବିଦ୍ୟାର୍ଥୀଙ୍କୁ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ଜଷ୍ଟିସ ପରିଛା ଘୋଷଣା କରିଥିଲେ। ବିଶିଷ୍ଟ ପରିବେଶ ବିଶାରଦ ଡ. ଆଶୁତୋଷ ଦେବତା ପରିବେଶର ସୁରକ୍ଷା ଓ ବିକାଶ ପାଇଁ ବିଦ୍ୟାର୍ଥୀଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ବ୍ଲକ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା, ଗୋଡ଼ିସାହି ହାଇସ୍କୁଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନା, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ, ଅନ୍ତର୍ଯ୍ୟାମୀ ରାଉତ, ଉତ୍କଳ ଭୂଷଣ ରାଉତରାୟ, ନଳିନୀ ରାୟ, ସରୋଜ ସାହୁ ପ୍ରଭାକର ସାହୁ, ଅମୂଲ୍ୟ ରାଉତ, ବିଜୟ ନାୟକ ପ୍ରମୁଖ ଭାଷଣ ଦେଇଥିଲେ। କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଲାମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାରଙ୍ଗ,୨୨।୧(ଲିଙ୍ଗରାଜ ରାଉତ): ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ମିଶ୍ର(୭୪)ଙ୍କ କାନନବିହାର ଫେଜ୍-୨ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବହୁ ପୁରାତନ ଛାତ୍ର ବୁଧବାର ସକାଳୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ସେଠାରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ମୁରବିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଶ୍ରୀ ଜୟଦେବ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବାଲିଅନ୍ତା,୨୨।୧(ନୀଳମାଧବ ସାହୁ) ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜର ୩୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅତିଥି ରୂପେ ଯୋଗଦେଇଥିଲେ। କଲେଜ ଛାତ୍ରୀଛାତ୍ର ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ରୂପେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାକ୍ଷର ରଞ୍ଜନ ମହାନ୍ତି, ବ୍ରହ୍ମାନନ୍ଦ ପଣ୍ଡା, ଡ. ସୁପ୍ରିୟା ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିଲେ। ଧିରେନ୍ଦ୍ର ରାଉତରାୟ ଧନ୍ୟବାଦ ଦେଇଥିଲେ।

### ଚଳଚ୍ଚିତ୍ର 'ଆଶିକ୍ ଦିୱାନା'ର ଶୁଭ ମହୁରତ

ଭୁବନେଶ୍ୱର,୨୨।୧(ସୌମ୍ୟରଞ୍ଜନ ରାଉତ) – ଓଡ଼ିଆ ଚଳଚ୍ଚିତ୍ର 'ଆଶିକ୍ ଦିୱାନା'ର ଶୁଭ ମହୁରତ ବୁଧବାର ବାରଙ୍ଗ ନିକଟ ଗର୍ଡ୍ଡେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଯୋଜକ ଅକ୍ଷୟ କୁମାର ପରିଜା ମହୁରତ କ୍ଲାପ୍ ଦେଇଥିଲେ। ପ୍ରମୋଦ ଅର୍କିଡ଼ ଚିତ୍ରିଟର ନିର୍ଦ୍ଦେଶକ ବନ୍ଦନ ମହାନ୍ତି, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ପ୍ରଶାନ୍ତ ବେହେରା, ଅଭିନେତା ପପୁ ପମ୍‌ପମ୍, ଆମ ଟିଭି ନିର୍ଦ୍ଦେଶକ ପ୍ରଣୟ ଜେଠୀ, ପ୍ରଯୋଜକ ଅମୂଲ୍ୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ମାତା ପ୍ରମୋଦ କୁମାର ସ୍ୱାଇଁ ଦୀର୍ଘ ବର୍ଷ ପରେ ପୁଣି ଥରେ ପ୍ରଯୋଜନା କ୍ଷେତ୍ରକୁ ଫେରିଛନ୍ତି। ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ଜେ.ଏନ୍. ପଦ୍ମ। ମୁଖ୍ୟ ଭୂମିକାରେ ଦୀପକ ଓ ରିୟା ନଜର ଆସିବାକୁ ଥିବାବେଳେ ଅନ୍ୟ ଚରିତ୍ରରେ ପ୍ରିୟଙ୍କା ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ, ବବି ମିଶ୍ର, ଜୀବନ ପଣ୍ଡା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ମହାଦେବ ପ୍ରଡକ୍ସନ୍‌ରଏହି ଚଳଚ୍ଚିତ୍ରଟି ଆଗାମୀ ସପ୍ତାହରେ ରିଲିଜ୍ ହେବ ବୋଲି ସୂଚନା ଦିଆଯାଇଛି।

# ୨୦ ଜିଲ୍ଲାରୁ ୪୬୬୮ ଯକ୍ଷ୍ମା ରୋଗୀ ଚିହ୍ନଟ

**୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ତ୍ୱରାନ୍ୱିତ ନିର୍ଦ୍ଦେଶ**

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

୨୦୨୪ ଡିସେମ୍ବର ୭ରେ ଓଡ଼ିଶାର ୨୦ଟି ଯକ୍ଷ୍ମାପ୍ରବଣ ଜିଲ୍ଲାଗୁଡ଼ିକରେ ଆରମ୍ଭ ହୋଇଥିବା ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନକୁ ତୀବ୍ର କରିବା ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛି। ସମ୍ଭାବ୍ୟ ବ୍ୟକ୍ତିବିଶେଷଙ୍କର ଭଲ ଭାବରେ ସ୍କ୍ରିନିଂ କରି ରୋଗ ଚିହ୍ନଟ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଚିକିତ୍ସାସେବା ଯୋଗାଇ ଦେଇ ମୃତ୍ୟୁ ହାରକୁ କମାଇବା ଏହି ଅଭିଯାନର ଉଦ୍ଦେଶ୍ୟ ରହିଛି। ଯକ୍ଷ୍ମାପ୍ରବଣ ଜିଲାଗୁଡ଼ିକ ମଧ୍ୟରେ ବଲାଙ୍ଗୀର, ବରଗଡ, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ, ଗଞ୍ଜାମ, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ରାୟଗଡା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ ଆଦି ରହିଛି। ଚଳିତ ଜାନୁଆରୀ ୨୧ ସୁଦ୍ଧା ବିଭାଗ ୬୦% ପୂର୍ବ ଟିବି ଆକ୍ରାନ୍ତ, ଟିବି ରୋଗୀଙ୍କ ପରିବାର ସଦସ୍ୟ, ମଧୁମେହ ରୋଗୀ, ଏଚ୍‌ଆଇଭି ଆକ୍ରାନ୍ତ, ୬୦ ବର୍ଷରୁ ଅଧିକ ବୟସର ନାଗରିକ, ଧୂମପାନ ଏବଂ ମଦ୍ୟପାନକରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ଭାବ୍ୟ ତାଲିକାଭୁକ୍ତ କରି ସେମାନଙ୍କର ସ୍କ୍ରିନିଂ ଓ ଅନ୍ୟାନ୍ୟ ପରୀକ୍ଷା କରି ଟିବି ରୋଗୀଙ୍କୁ ଚିହ୍ନଟ କରିଛି। ବର୍ତ୍ତମାନ ସୁଦ୍ଧା ୪,୬୬୮ ଜଣ ଟିବି ରୋଗୀଙ୍କୁ ଏହି ୨୦ଟି ଜିଲ୍ଲାରୁ ଚିହ୍ନଟ କରାଯାଇଛି। ଅଭିଯାନକୁ କ୍ରିୟାଶୀଳ କରିବା ପାଇଁ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ. ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡିଶା)ର ମିଶନ ନିର୍ଦ୍ଦେଶକ ଡା. ବୃନ୍ଦା ଡି ଜିଲ୍ଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ଆଭାସୀ ମାଧ୍ୟମରେ ଅଭିଯାନର ସ୍ଥିତି, ଅଗ୍ରଗତି ଓ ଆଶୁ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଅଭିଯାନର ଗୁଣବତ୍ତା ଆକଳନ ସହ ସଫଳତାକୁ ସୁନିଶ୍ଚିତ କରିବାକୁ ଜିଲା ପ୍ରଶାସନ ପ୍ରତି ସପ୍ତାହରେ ସମୀକ୍ଷା କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପଞ୍ଚାୟତିରାଜ ବିଭାଗ ଟିବି ରୋଗୀମାନଙ୍କୁ ପିଏମ୍‌ଟିବିଏମ୍‌ବିଏ ଯୋଜନାର ଜିପିଡିପି ବଜେଟରୁ ପୋଷଣ ସହାୟତା ଯୋଗାଇବାକୁ ସୁନିଶ୍ଚିତ କରିବ ବୋଲି କୁହାଯାଇଛି।



ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ବୁଧବାର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଅଭ୍ୟାସ ପରେଡ୍। (ଫଟୋ: ବିକାଶ ନାୟକ)

# ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଅଭ୍ୟାସ ପରେଡ୍

ଭୁବନେଶ୍ୱର,୨୨।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରବିବାର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବ। ୨୦୨୨ ବ୍ୟାଚର ଆଇପିଏସ୍ ଅଫିସର ଭୋସ୍‌ଲେ ଶୁଭମ ସଞ୍ଜୟ ପରେଡ୍‌ର ନେତୃତ୍ୱ ନେବେ। ଏଥିସହ ସାଧାରଣତନ୍ତ୍ର ଦିବସ ଦିନ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଥିବାବେଳେ ବୁଧବାରଠାରୁ ଅଭ୍ୟାସ ପରେଡ୍ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଗାନ୍ଧୀ ମାର୍ଗରେ ଅପରାହ୍ନ ୨ଟାରୁ ୬ଟା ଯାଏ ଅଭ୍ୟାସ ପରେଡ୍ ହୋଇଥିଲା। ଏଥିରେ ଚନ୍ଦକା ଏସ୍‌ଓଜି, ଓଡ଼ିଶା ସୁଇଫ୍ଟ ଆକ୍ସନ୍ ଫୋର୍ସ, ଓଡ୍ରାଫ୍, ଓଆଇଏସ୍‌ଏଫ୍, ଏପିଆର୍, ଅଗ୍ନିଶମ, ହୋମ୍‌ଗାର୍ଡ, ରେଲୱେ ପ୍ରୋଟେକ୍ସନ୍ ଫୋର୍ସ, ଓଏସ୍‌ଏପି ୭ମ ବାଟାଲିଅନ୍, ଏନ୍‌ସିସିର ବିଭିନ୍ନ ୱିଙ୍ଗ୍ ସମେତ ପ୍ରାୟ ୪୯ଟି କଣ୍ଟିଜେଣ୍ଟ୍ ଭାଗ ନେଇଥିଲେ। ଅପରାହ୍ନରେ କଣ୍ଟିଜେଣ୍ଟଗୁଡ଼ିକ ଚିତ୍ତାକର୍ଷକ ଭାବେ ଅଭ୍ୟାସ ଆରମ୍ଭ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ଗାନ୍ଧୀମାର୍ଗ ଓ ଆଖପାଖ ଅଞ୍ଚଳରେ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା କଡାକଡି କରାଯାଇଛି। ଏଥିସହ ପୂରା ଅଞ୍ଚଳକୁ ସିସିଟିଭି ନଜରରେ ରଖାଯାଇଛି। ଗୁରୁବାର ଅପରାହ୍ନ ୨ଟାରୁ ୬ଟା ପର୍ଯ୍ୟନ୍ତ ପୁଣି ଅଭ୍ୟାସ ପରେଡ୍ ହେବ। ଶୁକ୍ରବାର ସକାଳ ୭ରୁ ୧୧ଟା ୩୦ ଯାଏ ପୂର୍ଣ୍ଣ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# 'ଝିଅ ହେଲେ ସଶକ୍ତ, ଉଜ୍ଜ୍ୱଳ ହେବ ଭବିଷ୍ୟତ'

## ଧଉଳି ଚାରୁକଳା ମହାବିଦ୍ୟାଳୟରେ ଚିତ୍ରକଳା ଶିବିର



ଅତିଥିଙ୍କ ସହ ପୁରସ୍କୃତ ଶିଳ୍ପୀମାନେ।

ଭୁବନେଶ୍ୱର,୨୨।୧(ସୌମ୍ୟରଞ୍ଜନ ରାଉତ)

ଧଉଳି ଚାରୁକଳା ମହାବିଦ୍ୟାଳୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ 'ଝିଅ ହେଲେ ସଶକ୍ତ, ଉଜ୍ଜ୍ୱଳ ହେବ ଭବିଷ୍ୟତ' ଶୀର୍ଷକ ଚିତ୍ରକଳା ଶିବିର ବୁଧବାର ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ଜଣ ଯୁବ ଚିତ୍ରଶିଳ୍ପୀ ଯୋଗଦେଇ ସୁନ୍ଦର ସୃଜନଶୀଳ ଚିତ୍ର ଅଙ୍କନ କରିଛନ୍ତି। ସେମାନେ ଭ୍ରୂଣ ହତ୍ୟା ବନ୍ଦ କରିବା, ନାରୀ ସ୍ୱାକ୍ଷରତା, ସମାନତା ଓ ସେମାନଙ୍କ ଦୃଷ୍ଟିରେ ଆଗାମୀ ଭବିଷ୍ୟତରେ ସଶକ୍ତ ନାରୀର ଭୂମିକାକୁ କାନ୍‌ଭାସ ଉପରେ ଚିତ୍ର ମାଧ୍ୟମରେ ନିଖୁଣ ଭାବେ ବଖାଣିଥିଲେ ଶିଳ୍ପୀ। ଏହି ଅବସରରେ ଚିତ୍ରଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଚିତ୍ରଗୁଡ଼ିକ ଜାନୁଆରୀ ୨୪ ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ପ୍ରଦର୍ଶିତ ହେବ ଓ କୃତୀ ଶିଳ୍ପୀମାନଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡ. ସଂଯୁକ୍ତା ସାହୁ, ଡ. ତାପସ ପତ୍ର, ମନୋରଞ୍ଜନ ପ୍ରଧାନ, ଡ. ଶ୍ରାବଣୀ ଦାସ, ନେପାଳର ଚିତ୍ରଶିଳ୍ପୀ ସରିତା ଡଙ୍ଗର ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ବିଭୂତି ଭୂଷଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜେବିରେ ମାଗଣା ହିମୋଗ୍ଲୋବିନ, ବିଏମ୍‌ଆଇ ପରୀକ୍ଷା

ଭୁବନେଶ୍ୱର,୨୨।୧(ସୁଚିସ୍ମିତା ସାହୁ): ଆନେମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଜେବି ମହାବିଦ୍ୟାଳୟସ୍ଥିତ ଓଏସିସ୍ ସ୍ୱାସ୍ଥ୍ୟ ଓ ନୀରୋଗ କେନ୍ଦ୍ର ପକ୍ଷରୁ ଏକ ମାଗଣା ହିମୋଗ୍ଲୋବିନ ଓ ବିଏମ୍‌ଆଇ ପରୀକ୍ଷା ଶିବିର ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନଙ୍କ ରକ୍ତରେ ଥିବା ହିମୋଗ୍ଲୋବିନସ୍ତର ଓ ବିଏମ୍‌ଆଇ ପରୀକ୍ଷା ମାଗଣାରେ କରାଯାଇଥିଲା। ଓଏସିସ୍ ସ୍ୱାସ୍ଥ୍ୟ ଓ ନୀରୋଗ କେନ୍ଦ୍ର ମୁଖ୍ୟ ଅଧ୍ୟାପିକା ଡ. ରଞ୍ଜିତା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ ଇତିଶ୍ରୀ ପାଢ଼ୀଙ୍କ ସମେତ ଦୁଇ ଜଣ ବରିଷ୍ଠ ଡାକ୍ତର ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣ ଓ ଅଧ୍ୟାପିକା ମିଳନ ସହଯୋଗ କରିଥିଲେ।

# ୪ଜଣିଆ ବାଇକ୍ ଚୋର ଗ୍ୟାଙ୍ଗ୍ ଧରାପଡ଼ିଲେ



ଭୁବନେଶ୍ୱର,୨୨।୧(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ପୋଲିସ ୪ଜଣିଆ ବାଇକ ଚୋର ଗ୍ୟାଙ୍ଗକୁ ଧରିବା ସହ ସମ୍ପୃକ୍ତ ୪ଜଣଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡା ଜିଲା ସଦର ଥାନା ଅଞ୍ଚଳର ଶିବ ନାରାୟଣ ସାହୁ, ଦିଲୀପ କୁମାର ଗୋଚ୍ଛାୟତ, ପ୍ରଦୀପ କୁମାର ଜେନା ଓ ଡେରାବିଶ ଥାନା ଅଞ୍ଚଳର ବିନିତ୍ କୁମାର ଲେଙ୍କା। ସେମାନଙ୍କଠାରୁ ଗୋଟିଏ ଚୋରି ବାଇକ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ପ୍ରତାପ ଛୋଟରାୟ ଜାନୁଆରୀ ୧୫ରେ ବ୍ୟକ୍ତିଗତ କାମରେ ହାଇଟେକ୍ ମେଡିକାଲକୁ ଯାଇ ପାର୍କିଂସ୍ଥଳରେ ବାଇକ୍ ରଖିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କ ବାଇକକୁ ଚୋରିକରି ନେଇଯାଇଥିଲେ। ଅପରାହ୍ନ ୫ଟାରେ ସେ ହସ୍ପିଟାଲରୁ ଫେରିବା ପରେ ବାଇକ ଚୋରି ନେଇ ଜାଣିବାକୁ ପାଇ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୧/୨୦୨୫) ରୁଜୁ କରିଥିଲା। ଗିରଫ ପରେ ଅଭିଯୁକ୍ତମାନେ ଅପରାଧ ସ୍ୱୀକାର କରିବା ସହ ଅନ୍ୟଏକ ବାଇକକୁ ରସୁଲଗଡସ୍ଥିତ ବିଶାଲ ମେଗାମାର୍ଟ ସାମ୍ନାରୁ ଚୋରି କରିଥିବା ମାନିଥିଲେ। ଅଭିଯୁକ୍ତଙ୍କ ନାମରେ ସାଲେପୁର, କେନ୍ଦ୍ରାପଡ଼ା, ଡେରାବିଶ ଓ ମଞ୍ଚେଶ୍ୱର ଆଦି ଥାନାରେ ୯ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

### ଏସ୍‌ଟିଏଫ୍ ପଞ୍ଝାରେ ୩ ଗଞ୍ଜେଇ ବେପାରୀ

**ପଶ୍ଚିମବଙ୍ଗ ଚାଲାଣ ବେଳେ କାର୍‌ରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ**

ଭୁବନେଶ୍ୱର,୨୨।୧(ସତ୍ୟଜିତ୍ ରାଉତ)

ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାତରେ ଧରାପଡିଛି। ଖୋର୍ଦ୍ଧା-ଚନ୍ଦକା ରାସ୍ତା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମା ଲତା ଭୁଆଶୁଣୀ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉକରି କାର୍‌ରୁ ୧ କୁଇଣ୍ଟାଲ ୧ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଗୋଛପଡା ଥାନା ଅନ୍ତର୍ଗତ କାତିରଙ୍ଗା ଅଞ୍ଚଳର ଅକ୍ଷୟ କୁମାର ବିନ୍ଧାଣି (୩୯), କୁକୁନା ବେହେରା (୩୮) ଓ ଫୁଲବାଣୀ ଅଞ୍ଚଳର ବିକ୍ରମ କୁମାର ବେହେରା (୪୦)। ଚାଲାଣରେ ବ୍ୟବହୃତ ମାରୁତି ସୁଇଫ୍ଟ ଡିଜାୟାର୍ କାର୍ (ଓଡିଓ୩ଏଜି୫୭୨୦)କୁ ଏସ୍‌ଟିଏଫ୍ ଜବତ କରିବା ସହ ଏନେଇ ଏକ ମାମଲା (ନଂ.୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ବୁଧବାର ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ପଶ୍ଚିମବଙ୍ଗର ଗଞ୍ଜେଇ ବେପାରୀଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଉଦ୍ୟମ ଚଳାଇଛି।

# ଶିକ୍ଷାନୁଷ୍ଠାନ ନିକଟରୁ ଗୁଟ୍‌ଖା, ସିଗାରେଟ୍ ଜବତ: ୧୬ ଅଟକ



ଭୁବନେଶ୍ୱର,୨୨।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ବେଆଇନ ନିଶା କାରବାର ବିରୋଧରେ କମିଶନରେଟ୍ ପୋଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଇନ୍‌ଫୋସିଟି ଥାନା ଓ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ପ୍ରମୁଖ ଶିକ୍ଷାନୁଷ୍ଠାନ ନିକଟରେ ବୁଧବାର ସନ୍ଧ୍ୟାରେ ମିଳିତ ପୋଲିସ ଟିମ୍ ଚଢ଼ାଉ କରି ବିପୁଳ ଗୁଟ୍‌ଖା ଓ ବେଆଇନ ସିଗାରେଟ୍ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୧୬ଜଣଙ୍କୁ ପୋଲିସ ଟିମ୍ ଅଟକ ରଖି ପଚରାଉଚରା କରୁଛି। ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋଇଙ୍କ ନେତୃତ୍ୱରେ ମିଳିତ ପୋଲିସ ଟିମ୍ ସନ୍ଧ୍ୟା ୭ରୁ ୯ଟା ୩୦ ମଧ୍ୟରେ ୩୦ ପାନ ଦୋକାନ ଓ ସନ୍ଦେହଜନକ ସ୍ଥାନରେ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ ମାମଲା ରୁଜୁ ପାଇଁ ପ୍ରସ୍ତୁତି ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କୋର୍ଟରେ ରକ୍ତଲଗା ପୋଷାକ ଚିହ୍ନିଲେ ପରିବାର ଲୋକ

**ଜିଜିପି କଲୋନିରେ ମହିଳା ରିସେପ୍ସନିଷ୍ଟଙ୍କୁ ଛୁରି ଭୁସି ହତ୍ୟା ଘଟଣା**

ଭୁବନେଶ୍ୱର,୨୨।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନିରେ ଥିବା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ରିସେପ୍ସନିଷ୍ଟ ବୈଜୟନ୍ତୀ ସାହୁଙ୍କୁ ୨୦୨୩ ଜୁନ ୨୦ ରଥଯାତ୍ରା ଦିନ ଅଫିସ ଭିତରେ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ମାମଲାର ଶୁଣାଣି ପ୍ରକ୍ରିୟା ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ଚାଲିଛି। ବୁଧବାର ଏହି ମାମଲାରେ ବୈଜୟନ୍ତୀଙ୍କ ମା' କବିତା ସାହୁ, ମାମୁ ପ୍ରଦୀପ କୁମାର ସାହୁ ଏବଂ ଭାଇ ରଶ୍ମିରଞ୍ଜନ ସାହୁ କୋର୍ଟରେ ସାକ୍ଷୀ ଦେଇଛନ୍ତି। ବିନା କାରଣରେ ରମେଶ ଛୁରି ଭୁସିଥିଲେ ବୋଲି ଆଇସିୟୁରେ ଥିବାବେଳେ ବୈଜୟନ୍ତୀ କହିଥିବା ସାକ୍ଷୀମାନେ ବୟାନ ଦେଇଥିଲେ। ଏଥିସହ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମାଙ୍କ ପକ୍ଷରୁ ବିଚାରପତିଙ୍କ ସାମ୍ନାରେ ରକ୍ତଲଗା ଛୁରି ପ୍ରଦର୍ଶନ କରାଯାଇଥିଲା। ପରିବାର ଲୋକେ ବୈଜୟନ୍ତୀଙ୍କ ରକ୍ତଲଗା ପୋଷାକ (ଟି ଶାର୍ଟ ଓ ଜିନ୍‌ପ୍ୟାଣ୍ଟ)କୁ ମଧ୍ୟ ଚିହ୍ନିଥିଲେ। ସୂଚନାଯୋଗ୍ୟ, ଜଗତ୍‌ସିଂପୁର ଜିଲା ନାଉଗାଁ ଅଞ୍ଚଳର ବୈଜୟନ୍ତୀ ଜିଜିପି କଲୋନିରେ ଥିବା ଫାୟାର ଆଣ୍ଡ ସେଫ୍ଟି ଏଜେନ୍ସିରେ କାମ କରୁଥିଲେ। ପୂର୍ବରୁ ସେଠାରେ ସିକ୍ୟୁରିଟି ଗାର୍ଡ ଥିବା ଅଭିଯୁକ୍ତ ରମେଶ ବାରିକଙ୍କର ସଂସ୍ଥା ମାଲିକଙ୍କ ସହ କୌଣସି କାରଣରୁ ଶତ୍ରୁତା ଥିଲା। ଜୁନ୍ ୨୦ ପୂର୍ବାହ୍ନରେ ରମେଶ ଉକ୍ତ ଅଫିସକୁ ଯାଇ ମାଲିକଙ୍କୁ ଖୋଜିଥିଲେ। ମାଲିକ କେଉଁଆଡ଼େ ଯାଇଛନ୍ତି ସେ ସମ୍ପର୍କରେ ଜାଣି ନ ଥିବା ବୈଜୟନ୍ତୀ କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ରମେଶ ଛୁରୀରେ ବୈଜୟନ୍ତୀଙ୍କୁ ଆକ୍ରମଣକରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ବୈଜୟନ୍ତୀ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଜୁନ ୨୨ ରାତିରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁକରି କେନ୍ଦ୍ରାପଡ଼ାରୁ ଘଟଣାର ୩ଦିନ ପରେ ରମେଶଙ୍କୁ ଗିରଫ କରିଥିଲା।

# ରାଜ୍ୟ ପ୍ରଗତିର ପୃଷ୍ଠଭୂମି ପାଲଟିଛି କୁଟୀରଶିଳ୍ପ



କାର୍ଯ୍ୟକ୍ରମରେ ସଫଳ ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୨୨।୧(ସୌମ୍ୟରଞ୍ଜନ ରାଉତ)

ବଞ୍ଚିବା ଆଉ ବଢିବାର ସଂଘର୍ଷ ଭିତରେ ମଣିଷ ସ୍ୱାବଲମ୍ବୀ ହେବାକୁ ନୂତନ ପନ୍ଥା ଆପଣାଉଛି। ତାହାରି ଭିତରେ ରାଜ୍ୟ ପ୍ରଗତିର ପୃଷ୍ଠଭୂମି ପାଲଟିଛି କୁଟୀର ଶିଳ୍ପ। ସମାଜ ଶକ୍ତି ଫାଉଣ୍ଡେଶନ ପକ୍ଷରୁ ମହିଳା ଉଦ୍ୟୋଗୀଙ୍କୁ ପ୍ରେରଣା ଯୋଗାଇବାକୁ ଜାଗମରାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ବୁଧବାର କୁଟୀର ଶିଳ୍ପ ବଜାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ଏହି ଅବସରମରେ ସଫଳ ମହିଳା ଉଦ୍ୟୋଗୀଙ୍କୁ 'ସମାଜ ଶକ୍ତି ସମ୍ମାନ' ଓ ସମାଜ ଶକ୍ତି ଫାଉଣ୍ଡେଶନକୁ ପ୍ରତ୍ୟକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଥିବା ସହଯୋଗୀସଂସ୍ଥାଙ୍କୁସମ୍ମାନିତକରାଯାଇଛି।

# ୩ ସଂସ୍ଥା ସହ ପରିବେଶ ବିଭାଗର ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୨୨।୧(ସୁଚିସ୍ମିତା ସାହୁ)



ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷରିତ ହେଉଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଆଇଆଇଟି ଭୁବନେଶ୍ୱର, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ ସିଇଇଡବ୍ଲ୍ୟୁ ମଧ୍ୟରେ ବୁଧବାର ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଖାରବେଳ ଭବନଠାରେ ବୁଧବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ କହିଲେ, ଭୁବନେଶ୍ୱର ଆଇଆଇଟି ସହିତ ଭାଗିଦାରିତା ସ୍ଥାୟୀ ଉପକୂଳ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବ। ଉନ୍ନତ ଗବେଷଣା ସୁଯୋଗ ଏବଂ ଗୋଷ୍ଠୀସମ୍ପୃକ୍ତି ପଦକ୍ଷେପ ପାଇଁ ଏହା ସହାୟକ ହେବ। ଏଥିସହ ଭିଜନ ଓଡ଼ିଶା ୨୦୩୬କୁ ମଜଭୁତ କରିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି,ଏହି ସହଭାଗିତା ଭାରତର ୨୦୭୦ ନେଟ୍-ଜିରେ ଲକ୍ଷ୍ୟ ସହିତ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ସମନ୍ୱିତ କରିବାରେ ଏକ ଗୁରୁତ୍ୱପର୍ଣ୍ଣ ପଦକ୍ଷେପ। ଅଭିନବ, ତଥ୍ୟ-ଚାଳିତ ଏବଂ ସର୍ବସମ୍ମତ ପଦ୍ଧତି ମାଧ୍ୟମରେ ଜଳବାୟୁ ଆହ୍ୱାନର ମୁକାବିଲା କରିବାରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ଥିବାବେଳେ ନିର୍ଦ୍ଦେଶକ ପ୍ରେମ କୁମାର ଝା, ଆଇଆଇଟି ଭୁବନେଶ୍ୱରର ଡିନ୍ ତଥା ପ୍ରାୟୋଜିତ ଗବେଷଣା ଓ ଶିଳ୍ପ ପରାମର୍ଶଦାତା ପ୍ରଫେସର ଦିନାକର ପାସଲା, ଶକ୍ତି, ପରିବେଶ ଏବଂ ଜଳ ପରିଷଦର ଡ. ବୈଭବ ଚତୁର୍ବେଦୀ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଡେପୁଟି କଣ୍ଟ୍ରି ଡାଇରେକ୍ଟର ନୋଜୋମି ହାସିମୋଟୋ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଶ୍ରୀପଦ କର୍ମାଲକର, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ସ୍କୁଲ ଅଫ ଆର୍ଥ, ଓସେନ ଏବଂ କ୍ଲାଇମେଟ ସାଇନ୍ସ ମୁଖ୍ୟ ପ୍ରଫେସର ସୟଦ ହିଲାଲ ଫାରୁକ, ଗବେଷକ ଡ. ପ୍ରସନ୍ନଜିତ ଆଚାର୍ଯ୍ୟ, ଜେମ୍ସ କୁକ ବିଶ୍ୱବିଦ୍ୟାଳୟ ଅଷ୍ଟ୍ରେଲିଆର ବରିଷ୍ଠ ବୈଜ୍ଞାନିକ ଡ. ଅମୃତ କୁମାର ମିଶ୍ର, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ପ୍ରଶମନ ହ୍ରାସ ୟୁନିଟ ମୁଖ୍ୟ ପ୍ରଜ୍ଞା ପୈଠଙ୍କର, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ହିମାଂଶୁ ବଳ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡିଶାର କୃଷି ବିଜ୍ଞାନୀ ରାଜଶ୍ରୀ ପୁରୋହିତ, ଶକ୍ତି, ପରିବେଶ, ଜଳ ପରିଷଦର ଓଡ଼ିଶା ରାଜ୍ୟ ସଂଯୋଜକ ନୀତି ଗୁପ୍ତା ଏହି କାର୍ଯ୍ୟକ୍ରମର ପ୍ରତିନିଧିତ୍ୱ କରିଥିଲେ।

**ରାସ୍ତାର ଶିଳାନ୍ୟାସ କଲେ ବିଧାୟକ**

କଟକ ସଦର,(ସୁଶାନ୍ତ କୁମାର ଜେନା): ଜଗତ୍‌ସିଂହପୁର ପୂର୍ତ୍ତ ଡିଭିଜନ ଅନ୍ତର୍ଗତ ସୋମପୁର-କିଶୋରନଗର ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ ବୁଧବାର ହୋଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାସ କରିଥିଲେ। ଏନେଇ ବିଧାୟକ କହିଛନ୍ତି, ଏହି ମାଟି ରାସ୍ତା ଖରାଦିନେ ବାରମ୍ବାର ଫାଟି ଗର୍ତ୍ତ ସୃଷ୍ଟି ହେଉଥିଲା। ଏଥର ରାସ୍ତା ନିର୍ମାଣବେଳେ ସେଥିପ୍ରତି ଦୃଷ୍ଟି ଦିଆଯିବ। ୬ କିମି ରାସ୍ତା ପାଇଁ ୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବିଧାୟକ କହିଛନ୍ତି।

# ନେତାଜୀ ବ୍ୟାଖ୍ୟାନ କେନ୍ଦ୍ରରେ ଆଜିଠୁ ଲେଜର ଶୋ

କଟକ,୨୨।୧(ଶିକ୍ଷା ପ୍ରିୟଦର୍ଶିନୀ)



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ସମ୍ପର୍କରେ ଅଧିକ ଜାଣିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ୪୫ କୋଟି ଟଙ୍କା ବ୍ୟୟରେ କଟକ ଓଡ଼ିଆ ବଜାରଠାରେ ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଓ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯାଇଛି। ନେତାଜୀଙ୍କ ଜୀବନୀ ସହିତ ଜଡ଼ିତ ଥିବା ବିଭିନ୍ନ ମଡ଼େଲ ଏଠାରେ ସ୍ଥାନିତ କରାଯାଇଛି। ଏହାସହ ପୁରୁଣା ଜେଲ, ଗଙ୍ଗାମନ୍ଦିର ପୋଖରୀ, ନେତାଜୀ ବାଖ୍ୟାନ କେନ୍ଦ୍ରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇଛି। ନେତାଜୀ ଜୟନ୍ତୀ ଅବସରରେ ନେତାଜୀ ବ୍ୟାଖ୍ୟାନ କେନ୍ଦ୍ରରେ ଗୁରୁବାରଠାରୁ ଲେଜର ଶୋ' କରାଯିବ। ଏହି ଶୋ' ପ୍ରତ୍ୟେକ ସନ୍ଧ୍ୟାରେ ୪୫ ମିନିଟ୍ ବ୍ୟବଧାନରେ ଦୁଇଟି ପର୍ଯ୍ୟାୟରେ କରାଯିବ। ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଶିଶୁ ଉଦ୍ୟାନ, ଯୋଗକେନ୍ଦ୍ର, ଫୁଡ୍‌କୋର୍ଟ, ପାର୍କିଂସ୍ଥାନ, ଟିକେଟ୍ କାଉଣ୍ଟର, ଶୌଚାଳୟ ଆଦି ରହିଛି। ଏହା ମଧ୍ୟରେ ଏକ ମେଡିଟେଶନ ସେଣ୍ଟର ରହିଛି। ଏପରି କି ନେତାଜୀଙ୍କ ଏକାଧିକ ଭାଷଣ, ବିଭିନ୍ନ ଯୁଦ୍ଧ ଓ ଅନ୍ୟାନ୍ୟ ବିଷୟର ଲେଖା ଏବଂ ଫଟୋ ରହିଛି। ବ୍ୟାଖ୍ୟାନ କେନ୍ଦ୍ରରେ ଏକ ଭିଡିଓ ହଲ୍ ରହିଛି ଯେଉଁଠାରେ ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ୧୫ରୁ ୨୦ ମିନିଟ୍‌ର ଭିଡିଓ ପ୍ରଦର୍ଶନ କରାଯିବ। ଏଠାରେ ଗୋଲ ଟେବୁଲ ବ୍ୟବସ୍ଥା କରାଯାଇଛି, ଯେଉଁଠାରେ ଚିତ୍ରଶିଳ୍ପୀମାନେ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ଘଟଣାକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରିପାରିବେ।

ନେତାଜୀ ଜୟନ୍ତୀଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବ୍ୟାଖ୍ୟାନ କେନ୍ଦ୍ର ପରିସରକୁ ଜନସାଧାରଣ ବିନା ଦେୟରେ ପ୍ରବେଶ

**ଆସନ୍ତା ୩୧ ପର୍ଯ୍ୟନ୍ତ ନିଃଶୁଳ୍କ ପ୍ରବେଶ**

କରିବା ସହ ଲେଜର ଶୋ' ଦେଖିପାରିବେ। ଫେବୃୟାରୀ ୧ ତାରିଖଠାରୁ ଏଥିପାଇଁ ଅର୍ଥ ଦେବାକୁ ପଡିବ। ଅପରପକ୍ଷରେ ୧୦ ବର୍ଷରୁ କମ୍ ଶିଶୁ ଓ ଦିବ୍ୟାଙ୍ଗ ମାଗଣାରେ ବ୍ୟାଖ୍ୟାନ କେନ୍ଦ୍ରକୁ ପ୍ରବେଶ କରିପାରିବେ। ସ୍କୁଲ ଛାତ୍ରୀଛାତ୍ର ଆଇକାର୍ଡ ଦେଖାଇଲେ ୧୦ଟଙ୍କା ଓ ଅନ୍ୟ ଲୋକଙ୍କ ପାଇଁ ୨୦ ଟଙ୍କା ଲେଖାଏ ପ୍ରବେଶ ଶୁଳ୍କ ରହିଛି। ସେହିପରି ଲେଜର ଶୋ' ଦେଖିବା ପାଇଁ ୧୦ ବର୍ଷରୁ କମ୍ ଶିଶୁ ଓ ଦିବ୍ୟାଙ୍ଗଙ୍କୁ ଦେୟମୁକ୍ତ କରାଯାଇଥିବାବେଳେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୧୫ଟଙ୍କା ଓ ଅନ୍ୟ ଲୋକଙ୍କ ନିମନ୍ତେ ୩୦ ଟଙ୍କା ଲେଖାଏ ରହିଛି ବୋଲି କଟକ ମହାନଗର ନିଗମ(ସିଏମ୍‌ସି)କମିଶନର ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

କଣ୍ଟାପଡ଼ା,୨୨।୧(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ନୋଡାଲ ହାଇସ୍କୁଲ ଏବଂ ପଞ୍ଚାୟତ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଭୟ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗଣେଶ୍ୱର ଭୋଇ ଓ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ବ୍ରାହ୍ମଣସାଇଲୋ ଗ୍ରାମ ପରିକ୍ରମା କରିଥିଲା। ବ୍ରାହ୍ମଣସାଇଲୋ ସରପଞ୍ଚ ତୃପ୍ତିମୟୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କିଶୋର କୁମାର ରାଉତରାୟ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଅନିଲ କୁମାର ପଟ୍ଟନାୟକ ଓ ଅନିରୁଦ୍ଧ ପଟ୍ଟନାୟକ ଯୋଗଦେଇଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ ସରିତା ବାରିକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ କବିତା ବିଟ, ରେଣୁବାଳା ଦାଶ, ମମତା ବାରିକ, ଶିକ୍ଷକ ପ୍ରଫୁଲ୍ଲ ଦାଶ, ବିଭୂତି ମାନସିଂ, ଚନ୍ଦ୍ରକାନ୍ତ ଜେନା, ଅସିତ୍ ପାଢ଼ୀ, ପତିତପାବନ ମହାପାତ୍ର ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ବାଙ୍କୀ,୨୨।୧(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମ ମହାବୀର ମନ୍ଦିର ପ୍ରାଙ୍ଗଣରେ ୨୬ ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ବୁଧବାର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ମହାବୀର ମନ୍ଦିର ପ୍ରାଙ୍ଗଣରେ ମାଟିରେ ନିର୍ମିତ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର, ମା'ସୀତା ଦେବୀ, ଲକ୍ଷ୍ମଣଙ୍କ ସ୍ଥାୟୀ ମୂର୍ତ୍ତି ନିର୍ମାଣ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପବିତ୍ର ମକର ସଂକ୍ରାନ୍ତି ଦିବସରୁ ଚାଲିଥିବା ଶ୍ରୀରାମ ମାନସ ନବାହ୍ନ ପାରାୟଣ ଦିବସ ୯ ଦିନ ବ୍ୟାପୀ ପାଳନ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚକ ଗୀତାଞ୍ଜଳି ଜେନା ଓ ବସନ୍ତ କୁମାର ବିଶୋଇ ଶ୍ରୀରାମ ଓ ହନୁମାନଙ୍କ ଉପରେ ପ୍ରବଚନ ଦେଇଥିଲେ। ବୁଧବାର ପୂର୍ଣ୍ଣାହୁତି ଦିବସରେ ରଜନୀ କାନ୍ତ ପଣ୍ଡା ଓ ମନୋରମ ପଣ୍ଡା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ବ୍ୟାସ ବିପିନ ବିହାରୀ ପଣ୍ଡା ଓ ପୂଜକ ରମାକାନ୍ତ ପଣ୍ଡା ଯଜ୍ଞ ଓ ପୂଜାପାଠ କରିଥିଲେ । ରଜନୀ କାନ୍ତ ପଣ୍ଡା, ପ୍ରକାଶ କୁମାର ଦାସ, ତ୍ରିଲୋଚନ ସାହୁ, ପୁରୁଷୋତ୍ତମ ମିଶ୍ର, ଦୋଳଗୋବିନ୍ଦ ଦଳେଇ, ଶରତ କୁମାର ବେହେରା, ବେଣୁଧର ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବର୍ଦ୍ଧିତ, ନୂତନ ଭତ୍ତା ବାଣ୍ଟିଲେ ବିଧାୟକ

ଆଠଗଡ,୨୨।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ଏନ୍‌ଏସି ପକ୍ଷରୁ ବୁଧବାର ଅପରାହ୍ନରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଏନଏସି କାର୍ଯ୍ୟାଳୟସ୍ଥିତ ସଭାଗୃହ ମଧ୍ୟରେ ଅନୁଷ୍ଠିତ ଏହିକାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ଏସି ଅଞ୍ଚଳର ୨୩ ଜଣଙ୍କୁ ୮୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଅଶୀ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଲେଖାଏ ବଣ୍ଟନ କରିଥିଲେ। ସେହିପରି ନୂତନ ଭାବେ ୫ଜଣଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୧୦୦୦ଟଙ୍କା ଲେଖାଏ ଭତ୍ତା ଦିଆଯାଇଛି। କାର୍ଯ୍ୟକ୍ରମରେ ଉପନଗରପାଳ ବି.ଶୁଭ୍ରଶଙ୍କର ଜ୍ୟୋତି, ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ଏନ୍‌ଏସି ଗୋଷ୍ଠୀ ସହାୟିକା ବାସନ୍ତୀ ସାହୁ, ଯୁବନେତା ପ୍ରକାଶ ରାଉତ, ଲକ୍ଷ୍ମୀ ନାରାୟଣ ଭଞ୍ଜ ଓ ବିଭିନ୍ନ ୱାର୍ଡର କାଉନ୍‌ସିଲରମାନେ ଯୋଗଦେଇଥିଲେ। ନିରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖ୍ରୀଷ୍ଟ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ,୨୨।୧(କାର୍ତ୍ତିକ ସାହୁ)

ଖ୍ରୀଷ୍ଟ କଲେଜର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କଲେଜ ଖେଳପଡ଼ିଆରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ମଧୁମିତା ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଙ୍କ ମଧ୍ୟରେ ସୁଭଦ୍ରା ମହାରଣା ଓ ଛାତ୍ରଙ୍କ ମଧ୍ୟରେ ଯାଜ୍ଞଜ୍ୟୋତି ମହନ୍ତ ଚାମ୍ପିୟନ୍ ହୋଇଥିଲେ। ପରିଚାଳନା ସମିତି ସମ୍ପାଦକ ଶୁଭାଶିଷ ସାହୁ, ସଦସ୍ୟ ସୌମେନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ଚୌଧୁରୀ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦଙ୍କ ସମେତ ଅନ୍ୟମାନେ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ଜିତା ରାୟ ଓ ଡ. ଦୈତାରୀ ଶୁକ୍ଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ା ପରିଷଦର ଉପସଭାପତି ପ୍ରାଧ୍ୟାପକ ଶୋଭନ ପଣ୍ଡା ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡ. ପ୍ରଦ୍ୟୁମ୍ନ ଦାଶ, ଡ. ଅଶୋକ କୁମାର ସାହୁ, ଡ. କବିତା ଜେନା, ଡ. ଅଭିଜିତ୍ ଷଡ଼ଙ୍ଗୀ ଓ କ୍ରୀଡ଼ା ଶିକ୍ଷକ ଶୁଭମ୍ କୁମାର ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ପରିଷଦର ସଦସ୍ୟ ଡ. ଜେହାରା ଜବିନ୍ ଧନ୍ୟବାଦ ଦେଇଥିଲେ।

# ଶୈଳବାଳା କଲେଜକୁ ଏନ୍‌ଏସ୍‌ଏସ୍‌ର ୨ ରାଜ୍ୟ ପୁରସ୍କାର




କଟକ,୨୨।୧(କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ଓ ରସାୟନବିଭାଗର ଛାତ୍ରୀ ତଥା ସ୍ୱେଚ୍ଛାସେବୀ ଜୟଶ୍ରୀ ସାହୁ ରାଜ୍ୟ ପୁରସ୍କାର ପାଇଛନ୍ତି। ଏଥିପାଇଁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଏନ୍‌ଏସ୍‌ଏସ୍ ଓଡ଼ିଶା ଶାଖା ଆନୁକୂଲ୍ୟରେ ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସରେ ଏକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥି ଭାବେ ଯୋଗଦେଇ ଉଭୟଙ୍କୁ ସମ୍ମାନିତ କରିଛନ୍ତି। ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ବିଚିତ୍ରା ପାଣିଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ ଦୁଇ ପ୍ରତିଭାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ସନ୍ଥ ଅରକ୍ଷିତ ଦାସ ଗବେଷଣା ପରିଷଦର ବାର୍ଷିକ ଉତ୍ସବ ପାଳନ ଅବସରରେ ସନ୍ଥ ଅରକ୍ଷିତ ଦାସଙ୍କ ସଂକଳନ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ମଦ ଦୋକାନ ବନ୍ଦ ପାଇଁ ଦାବିପତ୍ର

କଟକ ସଦର,୨୨।୧(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ କିଶୋରନଗର ପଞ୍ଚାୟତରେ ସରକାରୀ ମଦ ଦୋକାନ ଖୋଲିଛି। ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ନିଶାମୁକ୍ତ ସଂଗ୍ରାମ ସମିତି ପକ୍ଷରୁ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ପ୍ରଦାନ କରାଯାଇଥିଲା। ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ବିକ୍ରମ କୁମାର ବିଷୋୟୀ, ଶ୍ୟାମସୁନ୍ଦର ଜେନା, ପ୍ରମୋଦ କୁମାର ମହାନ୍ତି, ନିରଞ୍ଜନ କାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇବେ ବୋଲି ତହସିଲଦାର ଦାସ ପ୍ରତିଶ୍ରୁତି ଦେଇଛନ୍ତି।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୨୨।୧(କାର୍ତ୍ତିକ ସାହୁ)

କଟକ ଜିଲା ବାରଙ୍ଗ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ବିଚାରକରି କଟକ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ତଥା ପୋକ୍ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଜୟପୁର ଗ୍ରାମର ମନୋଜ କୁମାର ନାୟକ। ଅପରପକ୍ଷରେ ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ୨୦୨୩ ଅକ୍ଟୋବର ୧୧ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ନାବାଳିକା ଜଣକ ଘର ନିକଟସ୍ଥ ବାରିରେ ବୁଲୁଥିବାବେଳେ ମନୋଜ ତାଙ୍କ ପାଟି ବନ୍ଦ କରି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିବାବେଳେ ସେ ଚିତ୍କାର କରିବାରୁ ଗ୍ରାମବାସୀ ପହଞ୍ଚି ଯାଇଥିଲେ। ଲୋକମାନଙ୍କୁ ଦେଖି ଅଭିଯୁକ୍ତ ସେଠାରୁ ଖସି ପଳାଇଥିଲେ। ଏକ ସପ୍ତାହ ପୂର୍ବେ ଅଭିଯୁକ୍ତ ମଧ୍ୟ ନାବାଳିକାଙ୍କୁ ବଳାତ୍କାର କରିଥିବା ଜଣାପଡ଼ିଥିଲା। ସେ ନାବାଳିକାଙ୍କୁ ବଳାତ୍କାର ସମୟରେ ଉଠାଇଥିବା ଫଟୋ ଭାଇରାଲ କରିଦେବାର ଭୟ ଦେଖାଇଥିବା ନାବାଳିକା ପରିବାର ଲୋକଙ୍କ ନିକଟରେ ପ୍ରକାଶ କରିଥିଲେ। ଏନେଇ ନାବାଳିକାଙ୍କ ମା' ବାରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୭୭/୨୩) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୨୩ ଡିସେମ୍ବର ୧୮ରେ ପୋଲିସ ଚାର୍ଜଶିଟ୍ ଦାଖଲ କରିବା ପରେ ୨୦୨୪ ଫେବୃଆରୀ ୧୩ରେ ଚାର୍ଜଫ୍ରେମ ହୋଇଥିଲା। ପୋକ୍ସୋ ଅଦାଲତରେ ମାମଲାର ବିଚାର ହୋଇ ଗତ ୧୫ ତାରିଖରେ ବିଚାରପତି ରାୟ ସଂରକ୍ଷିତ ରଖିଥିଲେ। ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଶୁଭେନ୍ଦୁ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଶିକ୍ଷାବିତ୍‌ଙ୍କ ଜୟନ୍ତୀ ପାଳିତ

ଚୌଦ୍ୱାର,୨୨।୧(ଆଶୁତୋଷ ଦାସ)

ବିଶିଷ୍ଟ ଶିକ୍ଷାବିତ୍, ରାଜନେତା, ସାମାଜିକ କର୍ମୀ ତଥା ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ସ୍ୱର୍ଗତ କୈଳାସ ଚନ୍ଦ୍ର ବରାଳଙ୍କ ଜୟନ୍ତୀ ବୁଧବାର ମଧ୍ୟାହ୍ନରେ ପାଳିତ ହୋଇଯାଇଛି। ବିଦ୍ୟା ମନ୍ଦିରର ସମ୍ପାଦକ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ହରେକୃଷ୍ଣ ସାହୁ, ଦୂରଦର୍ଶନ ବେତାର ମଞ୍ଚ ନିର୍ଦ୍ଦେଶକ ଅକ୍ଷୟ ନାୟକ ଯୋଗଦେଇ କୈଳାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନୁରାଧା ଭଞ୍ଜ, ସାଗରିକା ସିଂ, ପିଙ୍କି ସାହୁ, ଲକ୍ଷ୍ମୀ ନାଟିଆ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ରାଜେଶ କୁମାର ଓଝା ଧନ୍ୟବାଦ ଦେଇଥିଲେ।

# ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ

ଚୌଦ୍ୱାର,୨୨।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଗୀତାଞ୍ଜଳି ରାଉତ ଯୋଗଦେଇ ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖି ସମାଜ ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାୟ ୧୦ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ମାଷ୍ଟର ଟ୍ରେନର ଲତିକା ସ୍ୱାଇଁ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ଅଧ୍ୟାପିକା ରାଜଶ୍ରୀ ମିଶ୍ର, ଦିଲ୍ଲୀପ କୁମାର ସାହୁ, ସୁନୀଲ କୁମାର ବରାଳ, ଅଧ୍ୟାପିକା ଦୀପ୍ତି ଚାନ୍ଦ, ସରୋଜିନୀ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କଣ୍ଟାପଡ଼ା,୨୨।୧(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏସ୍‌ସିବି ମେଡିକାଲର ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ପରୀକ୍ଷା ନୀରିକ୍ଷା କରିଥିଲେ। ଏଥିରେ ୮୩୨ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଡିଓ ସ୍ୱପ୍ନିତା ନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ଓ ପ୍ରାଚୀ ଏକାଡେମୀର ଏନ୍‌ସିସି ଛାତ୍ରୀଛାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଏସ୍‌ସିବି ନିରାମୟ କେନ୍ଦ୍ରରେ ଅବ୍ୟବସ୍ଥା

କଟକ,୨୨।୧(ଶିକ୍ଷା ପ୍ରିୟଦର୍ଶିନୀ)

- ଡାଇବେଟିସ, ଅର୍ଥୋପେଡିକ ଔଷଧ ନାହିଁ
- ଗୋଟିଏ କେନ୍ଦ୍ରରୁ ଅନ୍ୟ କେନ୍ଦ୍ରକୁ ପଠାଉଛନ୍ତି କର୍ମଚାରୀ




ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଶେଷକରି ସେଠାରେ ଡାଇବେଟିସ ଓ ଅସ୍ଥିଶଲ୍ୟ ବିଭାଗର ଔଷଧ ମିଳୁନାହିଁ। ଡାକ୍ତର ଲେଖିଥିବା ଡାଇବେଟିସ ଔଷଧ ଷ୍ଟକ୍ ନ ଥିବା କହି ରୋଗୀଙ୍କୁ ଫେରାଇ ଦିଆଯାଉଛି। ସେହିପରି ୩ ନମ୍ବର ଆର୍‌ଡିସି ନିରାମୟ କେନ୍ଦ୍ରରେ ଅସ୍ଥିଶଲ୍ୟ ବିଭାଗର ଔଷଧ ନ ଥିବାରୁ ରୋଗୀଙ୍କୁ ଅନ୍ୟ ନିରାମୟ କେନ୍ଦ୍ରକୁ ପଠାଇ ଦିଆଯାଉଛି। ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ସୁବିଧାରେ ଔଷଧ ଯୋଗାଇ ଦେବା ପାଇଁ ୬ଟି ନିରାମୟ କେନ୍ଦ୍ରକୁ କିଛିଦିନ ପୂର୍ବରୁ ବିଭିନ୍ନ ବିଭାଗରେ ଭାଗ କରାଯାଇଥିଲା। ଏପରି କି ଯେଉଁ ବହିର୍ବିଭାଗ ଯେଉଁଠି ରହିଛି ସେହି ନିକଟରେ ଥିବା ନିରାମୟ କେନ୍ଦ୍ରରୁ ରୋଗୀ ଔଷଧ ନେଇ ଫେରିବେ। କିନ୍ତୁ ଏହି ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏନେଇ ରୋଗୀ ନଳିନୀକାନ୍ତ ପ୍ରଧାନ କହିଛନ୍ତି, ଡାକ୍ତର ଲେଖିଥିବା ୬ଟି ମେଡିସିନରୁ ୪ଟି ନାହିଁ। ଏପରି କି କର୍ମଚାରୀମାନେ ଷ୍ଟକ୍ ନାହିଁ ବୋଲି କହି ଫେରାଇ ଦେଉଛନ୍ତି। ଔଷଧ ନ ଥିବାରୁ ବାହାରୁ କିଣିବାକୁ ବାଧ ହେଉଛୁ। ସେହିପରି ଅନ୍ୟଜଣେ ରୋଗୀ ହରିପଦ ପାଲ୍ କହିଛନ୍ତି, ଅର୍ଥୋପେଡିକ ବିଭାଗର ଔଷଧ ମିଳିବା ପାଇଁ ବୋର୍ଡରେ ଜାଗା ଲେଖାଯାଇଛି। ହେଲେ ସେଠାରେ ଔଷଧ ନ ଥିବାରୁ ଅନ୍ୟ ନିରାମୟ କେନ୍ଦ୍ରକୁ ପଠାଇ ଦିଆଯାଉଛି। ଅନ୍ୟ ନିରାମୟରେ ମଧ୍ୟ ଔଷଧ ନାହିଁ। ତେଣୁ ଔଷଧ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେ କହିଛନ୍ତି। ଏନେଇ ମେଡିକାଲର କୁଳସଚିବ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଫଟୋ ରେ ଖବର




କଟକ ଜିଲାପାଳଙ୍କ କାର୍ଯ୍ୟାଳୟର କନ୍‌ଫରେନ୍ସ ହଲ୍‌ରେ ବେଟି ବଚାଓ ବେଟି ପଢାଓ ଅଭିଯାନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।




କଟକ ସେଲ୍‌ଟର ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ପୂର୍ବତନ ସାମରିକ ଅଧିକାରୀଙ୍କ ପରଲୋକ

**ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ କୋଠକରଣ ସାହିର ପୂର୍ବତନ ସାମରିକ ଅଧିକାରୀ ବିବେକାନନ୍ଦ ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଏୟାରଫୋର୍ସରେ ଜୁନିୟର ୱାରେଣ୍ଟ ଅଫିସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ଭୁବନେଶ୍ୱର ସ୍ଥିତ ନୀଳାଦ୍ରି ବିହାର ଅଞ୍ଚଳରେ ରହୁଥିଲେ। ସେ ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ କୋଲକାତା ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ବଡ଼ଭାଇ ଆକ୍ରମଣରେ ସାନ ଆହତ

**ଯାଁଳା,୨୨।୧(ବୁଲା ବାରିକ):** ଇନ୍‌ଫୋଭ୍ୟାଲି ଥାନା ଛତାବର ପଞ୍ଚାୟତ ଅନ୍ତର୍ଗତ କାଶୀପୁରରେ ପୂର୍ବ ବିବାଦରୁ ବଡ଼ଭାଇ ଆକ୍ରମଣରେ ସାନଭାଇ ଆହତ ହୋଇଛନ୍ତି। ଆହତ ସାନଭାଇ ହେଲେ ଜଗଦୀଶ ମହାପାତ୍ର। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୨/୧) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଜମିବାଡି ବଣ୍ଟନକୁ ନେଇ କିଛି ମାସ ହେବ କାଶିପୁର ଗ୍ରାମର ମିହିର ମହାପାତ୍ର ଏବଂ ଶିଶିର ମହାପାତ୍ର ଦୁଇ ଭାଇଙ୍କ ପରିବାର ମଧ୍ୟରେ ମତାନ୍ତର ହୋଇଥିଲା। କୌଣସି କାରଣକୁ ନେଇ ମଙ୍ଗଳବାର ବଡ଼ଭାଇ ମିହିରଙ୍କ ପୁଅ ଆଶୁତୋଷ ମହାପାତ୍ର ତାଙ୍କ ଦାଦା ଶିଶିରଙ୍କ ଘର ନିକଟକୁ ଆସି ଗାଳିଗୁଲଜ କରିଥିଲେ। କାହିଁକି ଗାଳିଗୁଲଜ କରୁଛ ବୋଲି ଶିଶିରଙ୍କ ପୁଅ ଜଗଦୀଶ କହିବା ସହ ବିରୋଧ କରିଥିଲେ। ଏଥିରେ ଆଶୁତୋଷ ଉତ୍‌କ୍ଷିପ୍ତ ହୋଇ ଜଗଦୀଶଙ୍କୁ ଆକ୍ରମଣ କରିଥିଲେ। ଜଗଦୀଶଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି। ଏନେଇ ଶିଶିର ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଛନ୍ତି।

### ହାତୀ ଉପଦ୍ରବ, ଗ୍ରାମବାସୀ ଭୟଭୀତ

**ବେଗୁନିଆ,୨୨।୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ବାମଡିହ ନିକଟରେ ଥିବା କାଜୁ ଜଙ୍ଗଲରେ ୧୩ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇଛନ୍ତି। ଏହି ହାତୀପଲ ଶଗଡ଼ଭଙ୍ଗା, ସିକୋ, ରାଉତପଡ଼ା, ଗୋବିନ୍ଦପୁର, ହଜ୍ ଏବଂ ଲୋକିପୁର ଅଞ୍ଚଳରେ ଧାନଗଦା, ପରିବା ଓ ଘର ଭାଙ୍ଗି ନଷ୍ଟ କରିଛନ୍ତି। ଏନେଇ କ୍ଷତିପୂରଣ ଦାବିରେ ବିଭାଗୀୟ ଅଧିକାରୀଙ୍କ ନିକଟରେ କେତେଜଣ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଡ୍ରୋନ୍ ମାଧ୍ୟମରେ ବନ ବିଭାଗ କର୍ମଚାରୀମାନେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଉଥିବା ବେଳେ ବାଘମାରୀ ଅଞ୍ଚଳରେ ହାତୀପଲ ବିଚରଣ କରୁଥିବା ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ କହିଛନ୍ତି।

### ୩୩ ୟୁନିଟ୍ ରକ୍ତ ସଂଗ୍ରହ

**ବୋଲଗଡ଼,୨୨।୧(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ କଡ଼ବ ପଞ୍ଚାୟତର ଚଟୁଆ ସ୍ଥିତ ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ପଞ୍ଚମ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି ଶିବିରଟିକୁ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କ ସହଯୋଗରେ ଶିବିରରୁ ମୋଟ୍ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ନଳିନୀକାନ୍ତ ବଡ଼ଜେନା, ସମିତିସଭ୍ୟା ବୈତୁଲ ବିବି, ସେବାସମବାୟ ସମିତି ସଭାପତି ଅତୁଲ୍ୟ ଗଡବାଡ଼, ଶୁଭ ଖବର ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଗ୍ରାମ ସଭାପତି ପ୍ରଭାତ କୁମାର ଦାସ, ଯଜ୍ଞାନୁଷ୍ଠାନ ପୁରୁଧା ବିଭୂତି ଭୂଷଣ ରଥ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ କମିଟି ସମ୍ପାଦକ ପ୍ରସନ୍ନ କୁମାର ସାହୁ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ସଂଯୋଜନା କରିଥିବା ବେଳେ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

### ସେମିରେ ପାଟପୁର କ୍ରିକେଟ କ୍ଲବ୍

**ବୋଲଗଡ଼,୨୨।୧(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଖଣ୍ଡୁରିଆ ଗ୍ରାମ ବଡ଼ତୋଟା ଖେଳପଡ଼ିଆରେ ଚାଲିଥିବା ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟରଫାଇନାଲ ମ୍ୟାଚ୍ ବୁଧବାର ଖଣ୍ଡୁରିଆ କ୍ଲବ ଏବଂ ପାଟପୁର କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ପାଟପୁର ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ୯ଉଇକେଟ ବିନିମୟରେ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ଖଣ୍ଡୁରିଆ ଟିମ୍ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୩୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପାଟପୁର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜା କୁମାର ଏବଂ ଜୀବନ କୁମାର ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଚାଷୀ ନେତା ପ୍ରକାଶ କୁମାର ରାଉତରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦନ, ରାଜୁ, ସନ୍ତୋଷ, ପ୍ରଭଞ୍ଜନ, ସୁଶାନ୍ତ, ଚଗଲା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# 'କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ'

## ଜିଲାସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ ପାଳନ ଉତ୍ସବ

**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**




କେନ୍ଦ୍ର ସରକାରଙ୍କ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ୧୦ବର୍ଷ ପୂର୍ତ୍ତି ପାଳନ ଅବସରରେ ବୁଧବାରଠାରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ କୁମାରୀ ପ୍ରହରାଜ, ଜିଲା ଶିକ୍ଷା ଅଧିକରିଣୀ ସୋନାମିକା ରାୟ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପିଲାମାନେ କିପରି ପାଠ ପଢ଼ି ସକ୍ଷମ ହୋଇପାରିବେ ଏବଂ ସେମାନଙ୍କ ମନୋବଳ କିପରି ବଢ଼ିବ ସେ ଦିଗରେ ଅତିଥିମାନେ କହିଥିଲେ। ଝିଅମାନେ ଭଲ ପାଠ ପଢ଼ି ଆଗକୁ ବଢ଼ିବେ, ପାରଦର୍ଶିତା ଅର୍ଜନ କରିବେ ସରକାର ସେ ଦିଗରେ ଗୁରୁତ୍ୱ ଦେଉଛନ୍ତି। ଦୃଢ଼ ଆତ୍ମବିଶ୍ୱାସ, ଏକାଗ୍ରତା, କଠିନ ପରିଶ୍ରମ ଦ୍ୱାରା ସଫଳ ହୋଇପାରିବ। ଏ ଦିଗରେ ସମସ୍ତଙ୍କ ସହଯୋଗ ରହିଲେ ଏହି ଅଭିଯାନ ସଫଳହେବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୧୫୦ଜଣ ବାଳିକା ଯୋଗଦେଇ କନ୍ୟା ସନ୍ତାନଙ୍କ ଜନ୍ମ ଏବଂ ବଞ୍ଚିବା ପ୍ରତି ବିପଦ ସୃଷ୍ଟି କରୁଥିବା ଲିଙ୍ଗଗତ ପକ୍ଷପାତିତା ଏବଂ ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣକୁ ସମାପ୍ତ କରିବା, ଝିଅମାନଙ୍କ ଶିକ୍ଷା, ଆଦର ସମ୍ମାନ ଆଦି ବିଷୟରେ ସମାଜରେ ସଚେତନ କରାଇବା ପାଇଁ ଶପଥ ନେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣରେ ଏହି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର, ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ସୁକାନ୍ତ ପୃଷ୍ଟି, ଗୀତାଞ୍ଜଳି ମହାନ୍ତି, ଅର୍ଚ୍ଚନା ରାୟ, ନିରାଳି ପ୍ରଧାନ, ଅଶୋକ କୁମାର ସେଠୀ, ପ୍ଲାନ ଇଣ୍ଡିଆର କାର୍ଯ୍ୟକ୍ରମ ଅଧିକାରୀ ପ୍ରସୂନ ଶୁକ୍ଳା ପ୍ରମୁଖ ସହଯୋଗ କରିଥିଲେ।


ବାଲୁଗାଁ ମହାବିଦ୍ୟାଳୟରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ଶିବିରରେ ତାଲିମ ନେଇଥିବା ଛାତ୍ରୀମାନେ।

# ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ

**ବାଲୁଗାଁ/ଟାଙ୍ଗୀ,୨୨।୧ (ସଂଗ୍ରାମ ପାଇକରାୟ/ରଘୁନାଥ ସାହୁ)**

ବାଲୁଗାଁ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ରାଜ୍ୟ ପ୍ରଶିକ୍ଷକ ଦୀପକ ସାମନ୍ତରା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ମୋନାଲିସା ମାନସିଂହ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ । ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ରୀନା ରାଉତ, କରାଟେ ପ୍ରଶିକ୍ଷକ ପ୍ରତାପ କେଶରୀ ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମୁଖ୍ୟ ତାଲିମ୍‌ଦାତା ସୁଶ୍ରୀ ନିଲମ ସାହୁ ଏବଂ ଲିପିକା ସାହୁ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ଝରଣା ନାଥ, କ୍ରିଷ୍ଣା ସେଠୀ, ସ୍ନିଗ୍ଧାରାଣୀ ମୁଦୁଲି, ପ୍ରିୟମ୍ବଦା ମହାପାତ୍ର ଏବଂ ବିଷ୍ଣୁପ୍ରିୟା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ, ସମ୍ମାନିତ ଅତିଥି ବିଦ୍ୟାଳୟ ପଞ୍ଚସଖା ସେତୁ ସଭାପତି ପଠାଣି ସୁନ୍ଦରାୟ, କୁହୁଡି ଜନତା କଲେଜ ପରିଚାଳନା କମିଟି ପୂର୍ବତନ ସଭାପତି ମନୋଜ ମାନସିଂହ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଂଯୋଜକ ଅଧ୍ୟାପକ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଶ୍ମିତା ବେହେରା, କଳ୍ପନା ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଆସ୍‌ମା ବେଗମ ଯୋଗଦେଇ ଆତ୍ମରକ୍ଷାର ପ୍ରାସଙ୍ଗିକତା ସହ ତାଲିମର ବିଭିନ୍ନ ଦିଗ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ସମସ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ହରିହର ରଣା ଧନ୍ୟବାଦ ଦେଇଥିଲେ।

# 'ଶୃଙ୍ଖଳା ବିଦ୍ୟାର୍ଥୀଙ୍କ ପ୍ରଗତିର ମୂଳାଧାର'

**ବୋଲଗଡ଼,୨୨।୧(ଦେବବ୍ରତ ହୋତା)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧ୍ରୁବନନ୍ଦ ନାୟକଙ୍କ ପୌରୋହିତ୍ୟରେ ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାନ୍ସୁ ମୋହନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ମାନସିକ, ଶାରୀରିକ ତଥା ନୈତିକ ପ୍ରଗତିର ମୂଳାଧାର ହେଉଛି ଶୃଙ୍ଖଳା। ଶୃଙ୍ଖଳା ହେଉଛି ପ୍ରଗତିର ଚାବିକାଠି ବୋଲି କହିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ବଳବନ୍ତରାୟ ମୁଖ୍ୟବକ୍ତା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ସମିତିସଭ୍ୟା ବିନୋଦିନୀ ଦତ୍ତ, ସିଆର୍‌ସିସି ଚନ୍ଦ୍ର ଶେଖର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଭାରତୀ ନାୟକ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଆରାଧନା ଶତପଥୀଙ୍କ ବେଦମନ୍ତ୍ର ପାଠ ମଧ୍ୟରେ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପରେ ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଶିକ୍ଷକ ରଜନୀକାନ୍ତ ପୃଷ୍ଟି ସ୍ୱାଗତ ଭାଷଣ ଏବଂ ଗୌରଚନ୍ଦ୍ର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଦଲାଲ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା ସହ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଯାଁଳା,୨୨।୧(ବୁଲା ବାରିକ)**

ଜଟଣୀ ବ୍ଲକ୍ ପଞ୍ଚୁପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଜଗମୋହନ ଉଚ୍ଚ ବିଦ୍ୟାଳୟ ବ୍ରହ୍ମକୁଣ୍ଡଳର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସାଥୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ହରିଶ ଚନ୍ଦ୍ର ମହାନ୍ତି, ଏସ୍‌ବିଡି ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଆଧ୍ୟାପିକା ସୌଦାମିନୀ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିରାଜିନୀ ନିଶଙ୍କ, ଆଲୁମ୍‌ନି ଆସୋସିଏଶନର ସଭାପତି ବସନ୍ତ କୁମାର ଭୁଜବଳ, ପରିଚାଳନା ସମିତି ସଭାପତି ଶରତ କୁମାର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ବୁଲା ବାରିକ ଏବଂ ସୁଶାନ୍ତ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ହିନ୍ଦୀ ଶିକ୍ଷକ ଦେବେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମୀର ବେହେରା ଏବଂ ତନ୍ନୁ ରାଉତରାୟ ଚାମ୍ପିୟନ ହୋଇଥିଲେ। ମମିତା ମହାନ୍ତି, କମଳ କୁମାରୀ ସୁନ୍ଦରାୟ, ବିଶ୍ୱରଞ୍ଜନ ବଳବନ୍ତରାୟ, ଗୋକୁଳାନନ୍ଦ ଜେନା, ବିଧୁଭୂଷଣ ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଏଥର ହେବନି ଖୋର୍ଦ୍ଧା ଜିଲା ଲୋକ ଉତ୍ସବ

**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଲୋକ ଉତ୍ସବ ଆସନ୍ତା ୨୫ରୁ ୩୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିଲା। ରାଜପଥ ନିର୍ମାଣ ଚାଲିଥିବାରୁ ଚଳିତବର୍ଷ ଏହି ଲୋକ ଉତ୍ସବ ହେବ ନାହିଁ ବୋଲି ଆୟୋଜକ କମିଟି 'ଆଶ୍ୱାସନା ପରିବାର' ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ସୂଚନା ଅନୁଯାୟୀ, ଉତ୍ସବ ପଡ଼ିଆର ସମ୍ମୁଖ ଏବଂ ପୂର୍ବ ପାର୍ଶ୍ୱରେ ନୂତନ ଜାତୀୟ ରାଜପଥ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଦର୍ଶକଙ୍କ ସୁରକ୍ଷା ଦୃଷ୍ଟିରୁ ତଥା ଉତ୍ସବ ପଡ଼ିଆ ମଧ୍ୟରେ ଉତ୍ସବ କାର୍ଯ୍ୟ କରିବାରେ ଅନେକ ବାଧା ସୃଷ୍ଟିହେବାର ଆଶଙ୍କା ଦେଖାଦେଲା। ଏହାକୁ ଦୃଷ୍ଟିରେ ରଖି ଉତ୍ସବର ଆୟୋଜକ 'ଆଶ୍ୱାସନା ପରିବାର' ପକ୍ଷରୁ ଏକ ବୈଠକ କରାଯାଇ ଆଲୋଚନା ପରେ ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତଥା ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସହ ବିଚାରବିମର୍ଶ କରାଯିବା ପରେ ଚଳିତ ବର୍ଷ ଖୋର୍ଦ୍ଧା ଜିଲା ଲୋକ ଉତ୍ସବ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ଆଶ୍ୱସନା ପରିବାରର ସଭାପତି ବିଧାନ ଚନ୍ଦ୍ର ମହାନ୍ତି ଏବଂ ସମ୍ପାଦକ ରିତେଶ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଶିକ୍ଷାବିତ୍ ଚିନ୍ତାମଣି ଦାସଙ୍କ ପରଲୋକ

**ନିରାକାରପୁର,୨୨।୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ବଡ଼ପୋଖରିଆ ପଞ୍ଚାୟତ ଅନ୍ତର୍ଗତ କଣ୍ଟପୁର ଗ୍ରାମର ଶିକ୍ଷାବିତ୍ ଚିନ୍ତାମଣି ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ସେ ଜଣେ ଆଦର୍ଶ ଶିକ୍ଷକ ସହ ବଡ଼ପୋଖରିଆ ନିଗମାନନ୍ଦ ବିଦ୍ୟାନିକେତନର ପ୍ରତିଷ୍ଠାତା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବଡ଼ପୁଅ ସତ୍ୟରଞ୍ଜନ ପଟ୍ଟନାୟକ ଏବଂ ସାନପୁଅ ଡା.ପ୍ରେମାନନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମନୋଜ ପଟ୍ଟନାୟକ, ଶିକ୍ଷାବିତ୍ ଲିଙ୍ଗରାଜ ପାଇକରାୟ, ସାମାଜିକ କର୍ମୀ ହାଡିବନ୍ଧୁ ବଳିୟାରସିଂହଙ୍କ ସମେତ ବହୁ ବ୍ୟକ୍ତି ଶୋକପ୍ରକାଶ କରଛନ୍ତି।

# ମଣ୍ଡିରୁ ଉଠିଲାନି ଧାନ, ଚିନ୍ତାରେ ଚାଷୀ

**ଜଟଣୀ,୨୨।୧(ରବୀନ୍ଦ୍ରନାଥ ମହାକୁଡ଼)**



ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଧାନମଣ୍ଡିରେ ବୁଧବାର ମିଲର୍ ନ ଆସିବାରୁ ଧାନ ଉଠି ପାରିନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ହାତୀ ଭୟରେ ମଣ୍ଡିରେ ଚାଷୀ ଧାନକୁ ଜଗି ରହିଛନ୍ତି। ସୂଚନା ମୁତାବକ, ବେଣାପାଞ୍ଜରୀ ସୋସାଇଟିରେ ବୁଧବାର ମଣ୍ଡିରୁ ଧାନ ଉଠିବାକୁ ସ୍ଥିର ହୋଇଥିଲା। ଚାଷୀମାନେ ସକାଳୁ ମଣ୍ଡିଙ୍କୁ ଧାନ ନେଇ ଆସିଥିଲେ। ତେବେ ମିଲର୍ ଧାନ ଉଠାଇବାକୁ ଅପରାହ୍ନ ୨ଟାରେ ଆସିବେ ବୋଲି କହିଥିଲେ ମଧ୍ୟ ଆସିଲେ ନାହିଁ ବୋଲି ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସାହା ଜାଫର ଅଲି କହିଛନ୍ତି। ବୁଧବାର ମିଲର ୭୦୦ କୁଇଣ୍ଟାଲ ଧାନ ନେବାର ଥିଲା ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପଟେ ମଣ୍ଡିରେ କଟ୍‌ନିଛଟ୍‌ନି କରାଯାଉଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

## ପ୍ରକଳ୍ପ ବୁଲି ଦେଖିଲେ ଟ୍ରେନି ପୌର ଅଧିକାରୀ



**ଜଟଣୀ,୨୨।୧(ରବୀନ୍ଦ୍ରନାଥ ମହାକୁଡ଼)**

ଓଡ଼ିଶା ମ୍ୟୁନିସିପାଲ ଆଡମିନିଷ୍ଟ୍ରେଟିଭ ସର୍ଭିସ୍ (ଓମାସ) ଅଧୀନରେ ଟ୍ରେନିଂ ନେଉଥିବା ସମସ୍ତ ଅଧିକାରୀ ବୁଧବାର ଜଟଣୀ ପୌର ପରିଷଦର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଷଣ୍ଢପୁରଠାରେ ଥିବା ଗୋଶାଳା, ମଳ ଉପଚାର କେନ୍ଦ୍ର, ଲିଗାସି ୱେଷ୍ଟ ଏବଂ ବାଛରାଠାରେ ଥିବା ଆଦର୍ଶ ଶ୍ମଶାନ ସହ ପୌର କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଗ୍ରସ୍ତ ସମୟରେ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ସମସ୍ତ ଟ୍ରେନିଂ ଅଧିକାରୀଙ୍କୁ ଉକ୍ତ ପ୍ରକଳ୍ପ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନ, ସହକାରୀ ଯନ୍ତ୍ରୀ ଦୀପକ ରଥଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଜ୍ୟ ଶକ୍ତି ଉତ୍ତୋଳନରେ ସୌମେନଙ୍କୁ ୨ ସ୍ୱର୍ଣ୍ଣ

**ବାଲୁଗାଁ,୨୨।୧(ସଂଗ୍ରାମ ପାଇକରାୟ)**

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ଗତ ୧୭ ତାରିଖରୁ ଚାଲିଥିବା ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବିଭିନ୍ନ ଜିଲାରୁ ୨୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଲୁଗାଁର ସୌମେନ ସେନାପତି ଖୋର୍ଦ୍ଧା ଜିଲାରୁ ପ୍ରତିନିଧିତ୍ୱ କରି ୬୬କେଜି ଜୁନିୟର ଏବଂ ସିନିୟର ବିଭାଗରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ଫେବୃଆରୀ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଫଗଓ୍ୱାରା ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। କୋଚ ଦୀପକ କୁମାର ସାମନ୍ତରାଙ୍କ ଅଧୀନରେ ସୌମେନ ପ୍ରଶିକ୍ଷଣ ଲାଭ କରିଛନ୍ତି ।

## ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**

ନୂତନଭାବେ ଯୋଗଦେଇଥିବା ଖୋର୍ଦ୍ଧା ଜିଲାର ଶିକ୍ଷାଧିକାରୀ ସୋନାମିକା ରାୟଙ୍କୁ ଖୋର୍ଦ୍ଧା ଜିଲା 'ଓଷ୍ଟା' ପକ୍ଷରୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟିକରିବା ସହ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଓଷ୍ଟା ପକ୍ଷରୁ ସମସ୍ତ ସହଯୋଗ କରିବା ନେଇ କର୍ମକର୍ତ୍ତାମାନେ କହିଛନ୍ତି। ଜିଲା ଶିକ୍ଷାଧିକାରୀ ରାୟ ଶିକ୍ଷକ କର୍ମଚାରୀମାନଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଦାୟୀ ଜିଲା ଶିକ୍ଷାଧିକାରୀ ବିଶାନାଥ ତରାଇଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପସଭାପତି ପ୍ରକାଶ କୁମାର ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ସାହୁ, ବେଗୁନିଆ ବ୍ଲକ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, ଖୋର୍ଦ୍ଧା ବ୍ଲକ ସଭାପତି ଗଣେଶ ପୃଷ୍ଟି, ସମ୍ପାଦକ ଶରତ ଚନ୍ଦ୍ର ରାଉତ, ଚିଲିକା ବ୍ଲକ ସମ୍ପାଦକ କୁନା ମହନ୍ତ, ସହସମ୍ପାଦକ ମୃତ୍ୟୁଞ୍ଜୟ ରଥ, ପ୍ରଧାନ ଶିକ୍ଷକ ନରହରି ନନ୍ଦ, ମାନସ କୁମାର ଶତପଥୀ, ଓଷ୍ଟାର ବରିଷ୍ଠ ସଦସ୍ୟ ପଠାଣି ଅଗ୍ରାସିଂ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାସ୍ତା କାମ ସରିନି, ଉଠିଗଲା ପିଚୁ

**ବେଗୁନିଆ,୨୨।୧(ସନ୍ଧ୍ୟାରାଣୀ ମିଶ୍ର)**



ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡର ବେଗୁନିଆ ସେକ୍ସନ ଅଧୀନରେ କାର୍ଯ୍ୟ ହେଉଥିବା ଡାଳତୋଳା-ଅତ୍ରି ରାସ୍ତାରେ ଚାଲିଛି ଏସ୍‌ଡିବିସି କାର୍ଯ୍ୟ। ତେବେ ରାସ୍ତା କାମ ଚାଲିଥିବା ବେଳେ ଉକ୍ତ ରାସ୍ତାର ବରପଦା ଗ୍ରାମ ନିକଟ ଖେଳପଡ଼ିଆ ସମ୍ମୁଖ ରାସ୍ତାରୁ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ପ୍ରକାଶ ଯେ, ଉକ୍ତ ରାସ୍ତାକୁ ୩ଭାଗ କରି ଏସ୍‌ଆର ଯୋଜନାରେ ୨୦ଲକ୍ଷ ଟଙ୍କାର କାର୍ଯ୍ୟ ଚାଲିଛି। ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତା ପ୍ରଶସ୍ତୀକରଣ କରାଯାଇଛି। ବିଭାଗୀୟ କର୍ମଚାରୀ ଉପସ୍ଥିତ ନ ରହିବାରୁ କାର୍ଯ୍ୟ ନିମ୍ନମାନର କରାଯାଇଥିବା ଅଭିଯୋଗ ହେଉଛି। କିଛିଦିନ ପରେ ଉଭୟ ପାର୍ଶ୍ୱ ଦବି ରାସ୍ତା ଖରାପ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପିଚୁ କାର୍ଯ୍ୟ ମଧ୍ୟ ନିମ୍ନମାନର କରାଯାଇଛି। ଉକ୍ତ ରାସ୍ତାର ଗୋଡ଼ି ଗ୍ରାମ ଏବଂ ବରପଦା ଗ୍ରାମ ନିକଟରେ ଖାଲ ସୃଷ୍ଟି ହୋଇଥିବା ବେଳେ ସେଠାରେ ପ୍ରାଇମର ନ ଦିଆଯିବାରୁ ମେଟାଲଗୁଡ଼ିକ ବାହାରିଯାଇଛି। ଫଳରେ ଯାତାୟାତ କରିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଭଲ ଥିବା ରାସ୍ତାରେ ରାତିରେ କାର୍ଯ୍ୟ କରାଯାଉଛି। କାମ ଠିକରେ ହେଉ ନ ଥିବାରୁ ପିଚୁ ଉଠି ରାସ୍ତା ଦେଖାଯାଉଛି। ଏପରିକି ରୋଲର ଠିକ ଭାବେ ଚଲାଯାଉ ନ ଥିବାରୁ ବଜୁରି ଉଠି ଯାଇଥିବା ଦେଖିବାକୁ ମିଳିଛି। ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଏହି କାର୍ଯ୍ୟର ତଦନ୍ତ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଅନ୍ୟପଟେ ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜ୍ୟୋତିର୍ମୟୀ ବେହେରା କହିଛନ୍ତି, ଏସ୍‌ଆର୍ ଯୋଜନାରେ ଛୋଟ ଛୋଟ କାମ ହେଉଛି। ବରପଦା ଠାରେ କେହି ବ୍ୟକ୍ତି ରାସ୍ତାରୁ ପିଚୁ ଉଠାଇ ଦେଇଛନ୍ତି। କାମ ବର୍ତ୍ତମାନ ସୁଦ୍ଧା ସରିନାହିଁ, କାମ ଠିକ୍ ଭାବେ କରାଯାଉଛି ବୋଲି ସେ କହିଛନ୍ତି।

**ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜିତ ୮ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ନିମାପଡ଼ା ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଏମ୍‌ପିଙ୍କ ପ୍ରତିନିଧି ମାନଲତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କଲେଜ ଅଧକ୍ଷ ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ ଏଥିରେ ଅଧକ୍ଷତା କରିଥିଲେ। ସଂଯୋଜିକା ସୁଚରିତା ସାହୁ ଶିବିରର ଉପାଦେୟତା, ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପିକା ଡ. ନନ୍ଦିନୀ ପଟ୍ଟନାୟକ, ସ୍ୱପ୍ନାରାଣୀ ମିଶ୍ର, ଡ. ସୁଲଗ୍ନା ପଟ୍ଟନାୟକ, ଡ. ଅପର୍ଣ୍ଣା ଘୋଷାଲ ପ୍ରମୁଖ ପ୍ରଶିକ୍ଷିକା ଭାବେ ଲିଜା ପ୍ରଧାନ, ମନସ୍ୱିନୀ ସ୍ୱାଇଁ, ଜ୍ୟୋସ୍ନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧।୨୦୨୫

| | |
|---|---|
| ୪,୪୬,୨୮୦ ଟଙ୍କା | |
| ସୁନା | ୪ ଗ୍ରାମ୍ |
| ରୁପା | ୬ ଗ୍ରାମ୍ |

# ଶ୍ରୀମନ୍ଦିରର ୫୦ ସ୍ଥାନରେ ହେବ ପାନୀୟ ଜଳ ଷ୍ଟାଣ୍ଡପୋଷ୍ଟ

**ପାନୀୟ ଜଳ ଓ ରତ୍ନଭଣ୍ଡାର ମରାମତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ**

■ରତ୍ନଭଣ୍ଡାର ମରାମତି ନେଇ ଏଏସ୍ଆଇକୁ ଦିଆଯିବ ଅଧିକ ସମୟ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ସଂକ୍ରାନ୍ତୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆଗକୁ ଖରାଦିନ ଆସୁଥିବାରୁ ଭକ୍ତମାନେ ଯେପରି ପାନୀୟ ଜଳ ପାଇଁ ସମସ୍ୟା ନ ଭୋଗନ୍ତି ଓ ରତ୍ନଭଣ୍ଡାର ମରାମତି ନେଇ ମଧ ଆଲୋଚନା କରାଯାଇଥିଲା। ଉପମୁଖ୍ୟ ପ୍ରଶାସକ ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକ ହୋଇଥିଲା। ଆରୋ ପ୍ଲାଣ୍ଟ କେଉଁ ସ୍ଥାନରେ ଲାଗିବ ଓ ରତ୍ନଭଣ୍ଡାର କାମ ଯେପରି ଅଧିକ ସମୟ ହେବ ସେ ନେଇ ଆଲୋଚନା ହୋଇଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ ସମସ୍ତଙ୍କ ସହଯୋଗରେ ନୀତି ହେବ। ଫଳରେ ଏଏସ୍ଆଇକୁ କାର୍ଯ୍ୟ କରିବାକୁ ଅଧିକ ସମୟ ମିଳିପାରିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କିପରି କାର୍ଯ୍ୟ ଶେଷ ହୋଇପାରିବ ସେ ନେଇ ସମସ୍ତଙ୍କ ସହ ଆଲୋଚନା କରାଯାଇଛି। ଏନେଇ ନୋଡାଲ୍ ଅଫିସରଙ୍କୁ ନିଯୁକ୍ତି କରାଯାଇଛି। ଯେଉଁମାନେ ପ୍ରତିଦିନ କାର୍ଯ୍ୟର ସମୀକ୍ଷା କରିବା ସହ ନୀତିକ୍ରାନ୍ତି ଠିକ୍ ଭାବେ ଯେପରି ସମ୍ପାଦନ ହେବ ସେ ନେଇ ତଦାରଖ କରିବେ।

ଅପରପକ୍ଷରେ ଆରୋ ପ୍ଲାଣ୍ଟ ନିମନ୍ତେ ସ୍ଥାନ ଚିହ୍ନଟ ହୋଇଛି। କେଉଁ ସବୁସ୍ଥାନରେ ଭକ୍ତଙ୍କ ନିମନ୍ତେ ପିଇବା ପାଣି ନିମନ୍ତେ ପଏଣ୍ଟ ଲାଗାଯିବ ସେ ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ସେବାୟତଙ୍କୁ ନେଇ ଗଠନ କରାଯାଇଥିବା କମିଟି ଗୁରୁବାର ଶ୍ରୀମନ୍ଦିର ଭିତରେ ବୁଲି କେଉଁ ସ୍ଥାନରେ ପଏଣ୍ଟ ସବୁ ଲାଗିବ ଅନୁଧ୍ୟାନ କରିବେ। ବେଢ଼ା, ଆନନ୍ଦବଜାର, ରୋଷ ପାଇଁ ଏହିପରି ଶ୍ରୀମନ୍ଦିର ଭିତରେ ୫୦ଟି ଜାଗାରେ ପାନୀୟ ଜଳ ଷ୍ଟାଣ୍ଡପୋଷ୍ଟ କରାଯିବ। ଭକ୍ତଙ୍କୁ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଏହି ଅବସରରେ ଫେବୃଆରୀ ୧ରେ ହେବାକୁ ଥିବା ଧାଡ଼ି ଦର୍ଶନ ସମ୍ପର୍କରେ ପ୍ରଶ୍ନର ଉତ୍ତର ଦେଇ ସ୍ୱାଇଁ କହିଛନ୍ତି, ଭୁବନେଶ୍ୱରଠାରେ ର୍‍ୟାମ୍ପ ତିଆରି ହୋଇଛି। ସେଠାରେ କିଛି ଟ୍ରାଏଲ୍ ରନ କରାଯାଇଛି। ଏନେଇ ବିଭିନ୍ନ ନିଯୋଗ ସହ ଆଲୋଚନା କରାଯାଉଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ଏଏସ୍ଆଇ ଅଧିକାରୀ, ସୁରକ୍ଷା ପ୍ରଶାସକ, ପୂଜାପଣ୍ଡା ନିଯୋଗ, ସୁଆର ମହାସୁଆର ନିଯୋଗ, ପଢ଼ିଆରୀ ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ବିଦ୍ୟୁତ୍ ବିଭାଗ ପକ୍ଷରୁ ଉପଭୋକ୍ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯିବା ସହ ଜୋର୍‌ଜବରଦସ୍ତ କାର୍ଯ୍ୟକ୍ଷମ ମିଟର ବଦଳାଇବାକୁ ବିରୋଧ କରି ଜିଲା ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଟିପିକୋଲ୍ଡ ପକ୍ଷରୁ ମିଟର ଭୁଲ୍ ଦର୍ଶାଇ କାର୍ଯ୍ୟକ୍ଷମ ମିଟରକୁ ତ୍ରୁଟିଥିବା କହି ଜୋର୍‌ଜବରଦସ୍ତ ବଳାଇବାକୁ ବାଧ କରାଯାଉଛି। ମିଟର୍ ଠିକ୍ ଥାଇ ମଧ କମ୍ପାନୀ ତ୍ରୁଟି ଦର୍ଶାଇ ହାରାହାରି ବିଲ୍ ଚାର୍ଜ କରାଯାଉଛି, ଯାହା ଗ୍ରହଣଯୋଗ୍ୟ ନୁହେଁ। ସେହିପରି ମିଟର ଟ୍ୟାମ୍ପରିଂ ହୋଇଛି ବୋଲି କର୍ମଚାରୀ ମିଛରେ ଅଭିଯୋଗ କରି ଲୋକଙ୍କ ଉପରେ ଅଧିକ ଓ ଭିତ୍ତିହୀନ ଜରିମାନା ଲଗାଉଛନ୍ତି। ସ୍ମାର୍ଟ ମିଟର ଲୋକଙ୍କ ଆସ୍ଥାଭାଜନ ହେଉନାହିଁ। କମ୍ପାନୀର ମନମାନି କାର୍ଯ୍ୟ ଦିନକୁଦିନ ବଢ଼ିବାରେ ଲାଗିଛି। ଫଳରେ ଗ୍ରାହକମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ନେଇ ବୈଠକ କରି ସମସ୍ୟାର ସମାଧାନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସୁରକ୍ଷା ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା ଏବଂ ସଭାପତି ଚକ୍ରଧର ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଏଏସ୍ଆଇ କାର୍ଯ୍ୟାଳୟ ନିକଟରୁ ଚୋରି, ଜଣେ ଗିରଫ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଥିବା ଏଏସ୍ଆଇ କାର୍ଯ୍ୟାଳୟ ନିକଟରୁ ଲୁହା ପାଇପ୍ ଚୋରି ଅଭିଯୋଗରେ ସିଂହଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଲୋକନାଥ ରୋଡ୍‌ର ଲୋକନାଥ ସ୍ୱାଇଁ। ଅଭିଯୁକ୍ତଙ୍କ ଠାରୁ ପୋଲିସ ୨୬ଟି ଲୁହା ଖଣ୍ଡ ଜବତ କରିଛି।

ସୂଚନାଯୋଗ୍ୟ ଶ୍ରୀମନ୍ଦିର ଭିତରେ ବିଭିନ୍ନ ମରାମତି କାର୍ଯ୍ୟ ଏଏସ୍ଆଇ ପକ୍ଷରୁ କରାଯାଉଛି। ଏହି ସମୟରେ ବ୍ୟବହାର ହେଉଥିବା ପାଇପ୍ ଗୁଡ଼ିକର କଟା ଅଂଶ ଶ୍ରୀମନ୍ଦିର ପରିସରରେ ଥିବା ଏଏସ୍ଆଇ କାର୍ଯ୍ୟାଳୟ ନିକଟରେ ରଖାଯାଇଥିଲା। ଉକ୍ତ ବ୍ୟକ୍ତି ଜଣଙ୍କ ଶ୍ରୀମନ୍ଦିର ନିର୍ମାଲ୍ୟ ଖଳାରେ କାର୍ଯ୍ୟ କରୁଥିବା ବେଳେ ପାଇପ୍ ଉପରେ ନଜର ପଡ଼ିଥିଲା। ପରେ ସେ ଏକ ଅଖାରେ ନେଉଥିବା ବେଳେ ପଶ୍ଚିମଦ୍ୱାରରେ ଜେଟିପି ଓ ଏଏସ୍ଆଇ କର୍ମଚାରୀମାନେ ଅଟକାଇ ତଲାସି କରିଥିଲେ। ପରେ ଗାରଦକୁ ଆଣି ପଚରାଉଚରା କରାଯାଇ ସିଂହଦ୍ୱାର ଥାନାକୁ ହସ୍ତାନ୍ତର କରାଯାଇଥିଲା। ଖବରପାଇ ଏଏସ୍ଆଇ ସଂରକ୍ଷଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ପହଞ୍ଚି ତଦାରଖ କରିବା ସହ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ସିଂହଦ୍ୱାର ଥାନାରେ ୯/୨୫ରେ ମାମଲା ରୁଜୁ ହେବା ସହ କୋର୍ଟଚାଲାଣ କରାଯାଇଛି।





ପରାକ୍ରମ ଦିବସ ଅବସରରେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଅଭ୍ୟାସ ପରେଡ୍ ଆରମ୍ଭ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)



ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ବୁଧବାରଠାରୁ ଅଭ୍ୟାସ ପରେଡ୍ ଆରମ୍ଭ ହୋଇଛି। ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ବୁଧବାର ଅପରାହ୍ନ ୩ଟାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପରେଡ୍ ଅଭ୍ୟାସ କରିଥିଲେ। ପୋଲିସ ରିଜର୍ଭ ଇନ୍ସପେକ୍ଟର ତଥା ପରେଡ୍ କମାଣ୍ଡର ଚିତ୍ତରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଅଭ୍ୟାସ ଆରମ୍ଭ ହୋଇଛି। ଏହି ଅଭ୍ୟାସ ୨୩ ତାରିଖ ଅପରାହ୍ନ ୩ଟା ଓ ୨୪ ତାରିଖ ପୂର୍ବାହ୍ନ ୮ଟା ସମୟରେ ଅନୁଷ୍ଠିତ ହେବ ବୋଲି ମହାନ୍ତି ସୂଚନା ଦେଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ବ୍ୟବସ୍ଥା, ଅଗ୍ନି ଶମ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନି ନିର୍ବାପକ ଓ ପରେଡ୍ ଗ୍ରାଉଣ୍ଡରେ ଜଳସିଞ୍ଚନ ବ୍ୟବସ୍ଥା, ମୁଖ୍ୟ ଚିକିତ୍ସା ବିଭାଗ ପକ୍ଷରୁ ଚିକିତ୍ସା ସୁବିଧା, ୱାଟ୍‌କୋ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନ ବ୍ୟବସ୍ଥା କରାଯାଇଥିଲା।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ବିଶ୍ୱନାଥ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ପଣ୍ଡା ନିରବଚ୍ଛିନ୍ନ ଭାବେ ୧୦ମ ଥର ପାଇଁ ରାଷ୍ଟ୍ରପତିଙ୍କ ଅସ୍ଥାୟୀ କାର୍ଯ୍ୟାଳୟକୁ ବୈଷୟିକ ଜ୍ଞାନ ବା ଆଇଟି ସହାୟତା ପ୍ରଦାନ୍‌କରି ସେ ଏହି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ଅଶୋକ କୁମାର ହୋତା ଓ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ରାଷ୍ଟ୍ରପତି ବାରମ୍ବାର ପୁରୀ ଗସ୍ତ କରୁଥିବାରୁ ତାଙ୍କ ଅସ୍ଥାୟୀ କାର୍ଯ୍ୟାଳୟକୁ ଆଇଟି ସହାୟତା ପ୍ରଦାନ କରିବା ପାଇଁ ପଣ୍ଡା ବାରମ୍ବାର ସୁଯୋଗ ପାଇଛନ୍ତି।

## ଉଦ୍‌ଘାଟନୀ ଜିତିଲା ସାଇଲେଣ୍ଟ କ୍ରୋକୋଡାଇଲ୍

**ଶହୀଦ ରଞ୍ଜନ ଷଡ଼ଙ୍ଗୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ଶହୀଦ ହାବିଲ୍‌ଦାର ରଞ୍ଜନ ଷଡ଼ଙ୍ଗୀଙ୍କ ନାମରେ ଅଷ୍ଟମ ସଂସ୍କରଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପୁରୀ ପୋଲିସ ଲାଇନ ପଡ଼ିଆରେ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ବୁଧବାର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ପୁରୀ ପୋଲିସର ଶହୀଦମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ପୁରୀ ପୋଲିସର ୨୦୫ ଆରକ୍ଷୀ ୮ଟି ଦଳରେ ଭାଗହୋଇ ଅଂଶଗ୍ରହଣ କରିଛନ୍ତି।

ଉଦ୍‌ଘାଟନୀ ମ୍ୟାଚରେ ବ୍ଲାକ୍ ପାନ୍ଥର ବନାମ ସାଇଲେଣ୍ଟ କ୍ରୋକୋଡାଇଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ବ୍ଲାକ୍ ପାନ୍ଥରର ଅଧିନାୟକ ଦୁଷ୍ମନ୍ତ ସାହୁ ବୋଲିଂ ନିଷ୍ପତ୍ତି ନେଇଥିଲେ। ସାଇଲେଣ୍ଟ କ୍ରୋକୋଡାଇଲ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ୍ ହରାଇ ୧୭୭ ରନ୍ କରିଥିଲେ। ଏହାର ଜବାବରେ ବ୍ଲାକ୍ ପାନ୍ଥର ୧୫ ଓଭରରେ ୬ ଉଇକେଟ୍ ହରାଇ ସମାନ ୧୭୭ ରନ କରିଥିଲେ, ଫଳରେ ମ୍ୟାଚ୍ ଡ୍ର ହୋଇଥିଲା। ସୁପର ଓଭର ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲାକ୍ ପାନ୍ଥର ୧୨ ରନ୍ କରିଥିଲା, ବିପକ୍ଷ ସାଇଲେଣ୍ଟ କ୍ରୋକୋଡାଇଲ ୧୩ ରନ୍ କରି ମ୍ୟାଚ ଜିତିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପ-ସଭାପତି ସନ୍ତୋଷ ସାହୁ, ସେକ୍ରେଟାରି ସୂର୍ଯ୍ୟତାପ ଜେନା, କୋଷାଧକ୍ଷ ଦିଲୀପ ଭୋଇ, ପ୍ରହ୍ଲାଦ ଭୋଇ, ପ୍ରଶାନ୍ତ ବିଶ୍ୱାଳ, ରଞ୍ଜନ ପଲେଇ, ଅଂଶୁମାନ ପ୍ରଧାନ, ତ୍ରିଲୋଚନ ହୋତା, ଉପସ୍ଥିତ ରହି ଖେଳକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସୂଚନାଥାଉକି ରଞ୍ଜନ ଷଡ଼ଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ଶହୀଦ ହୋଇଥିଲେ।

## ରଘୁନାଥ ଜୀଉଙ୍କ ପ୍ରଥମ ବାର୍ଷିକୋତ୍ସବ

ଯୋଗେଶ୍ୱରପୁର,୨୨।୧ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡୀ ଅଧୀନ ଦେଉଳୀ ପଞ୍ଚାୟତ ବାଲିଦଣ୍ଡା ରଘୁନାଥ ଜୀଉ ଠାକୁରଙ୍କ ପ୍ରଥମ ବାର୍ଷିକୋତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଦେଉଳୀ ପଞ୍ଚାୟତ ସାମାଜିକ କର୍ମୀ ମକରଧ୍ୱଜ ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସନ୍ତୋଷ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦସେବନ କରିଥିଲେ।

## ଜିଲାରେ ୩୦ ସୋସାଇଟି ମାଧ୍ୟମରେ ଧାନ କ୍ରୟ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ୧୧ ବ୍ଲକ୍‌ରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଜିଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୪୮,୯୬୪ କୃଷକଙ୍କ ଠାରୁ ୧୧,୬୮,୬୦୨ କୁଇଣ୍ଟାଲ ୯୪ କି.ଗ୍ରା. ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୨୨ ତାରିଖ ସୁଦ୍ଧା ୧୮୭ଟି ମଣ୍ଡି ମଧ୍ୟରୁ ଖୋଲାଯାଇଥିବା ୧୩୦ଟି ମଣ୍ଡିରେ ୨୯୩୫ କୃଷକଙ୍କ ଠାରୁ ୧,୩୩,୮୪୮ କୁଇଣ୍ଟାଲ ୫୯ କି.ଗ୍ରା. ଧାନ ସଂଗ୍ରହ ହୋଇଛି। ଏହାର ପ୍ରାପ୍ୟ ବାବଦରେ ୧୮୮୦ କୃଷକଙ୍କୁ ୧୯,୨୯,୫୬,୯୩୬ ଟଙ୍କା ବ୍ୟାଙ୍କ ପକ୍ଷରୁ ପ୍ରେରଣ କରାଯାଇଥିବା ବେଳେ ୧୩୧୬ ଜଣ କୃଷକ ୧୩,୬୭,୨୯,୦୨୦ ଟଙ୍କା ପାଇଛନ୍ତି। ପର୍ଯ୍ୟାୟକ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

## ଲୁଟ୍ କରି ଅଭିଯୁକ୍ତ ଗିରଫ

ନିମାପଡ଼ା,୨୨।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଛେନୁଅଁ ଗ୍ରାମ କେନାଲ ବନ୍ଧ ରାସ୍ତାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଭୁଜାଲି ଦେଖାଇ ୪୯ ହଜାର ଟଙ୍କା ଲୁଟିନେବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅଧୀନ ଭେଙ୍କଟରାୟପୁର ଗ୍ରାମର ପ୍ରକାଶ ବେହେରା ଓରଫ ଅଦୁ(୨୯)। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଛନ୍ତି। ସୂଚନା ମୁତାବକ, ଫାଇନାନ୍ସ କର୍ମଚାରୀ ଚନ୍ଦନ ବାରିକ୍ ୨୦୨୪ ନଭେମ୍ବର ୪ରେ ଛେନୁଅଁ ଗ୍ରାମରୁ ଋଣ ଟଙ୍କା ନେଇ ଅଫିସକୁ ଯାଉଥିଲେ। ୨ ଜଣ ଲୁଟେରା ତାଙ୍କୁ ଅଟକାଇ ଭୁଜାଲି ଦେଖାଇ ୪୯ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଚନ୍ଦନ ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୫୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଚାଳକଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କଲେ





ଡେଲାଙ୍ଗ, ୨୨।୧(ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଡେଲାଙ୍ଗ ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟର ରେଡକ୍ରସ ୟୁନିଟ୍ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ଆଲୋଚନାଚକ୍ର ଓ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ କଲେଜ ଅଧକ୍ଷ ଡ. ସରୋଜ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ, ବରିଷ୍ଠ ଅଧାପକ ଯୁଧିଷ୍ଠିର ଘଟୁଆରୀ, ଅଧାପିକା କବିତା ମିଶ୍ର, ଅଧାପିକା ଡ. ଭବାନୀ ପ୍ରିୟଦର୍ଶିନୀ ମହାନ୍ତି, ସହକାରୀ ଗ୍ରନ୍ଥାଗାରିକ ଦାଶରଥି ବଳବନ୍ତରାୟ ପ୍ରମୁଖ ସଡ଼କ ସୁରକ୍ଷା ମାସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ରେଡ୍‌କ୍ରସ ପରାମର୍ଶଦାତା ଅଧାପକ ତ୍ରିନାଥ ପରିଡ଼ା ଅତିଥିଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟଠାରୁ ଡେଲାଙ୍ଗ ବାୟା ବଜାର ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରିବହନ କାର୍ଯ୍ୟାଳୟ କର୍ମଚାରୀ, ଛାତ୍ରୀଛାତ୍ର ଓ ପୋଲିସ ଅଧିକାରୀ ବାଇକ୍ ଚାଳକଙ୍କୁ ହେଲ୍‌ମେଟ ପରିଧାନ ଓ କାର୍ ଚାଳକଙ୍କୁ ସିଟ୍‌ବେଲ୍ଟ ବ୍ୟବହାର ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଡେଲାଙ୍ଗ ଗାଦିବ୍ରହ୍ମ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଲ୍ୟାଣପୁର ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯୦ ଜଣ ରେଡକ୍ରସ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

# ୧୭ ଚାଷୀଙ୍କଠାରୁ ୭୦୦ କୁଇଣ୍ଟାଲ ଧାନ ସଂଗ୍ରହ

**ଅସ୍ତରଙ୍ଗ, ଏଡ଼ବାଂଶରେ ଧାନମଣ୍ଡି ଖୋଲିଲା**

ଅସ୍ତରଙ୍ଗ,୨୨।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଅସ୍ତରଙ୍ଗ ଶାଖା ଅଧୀନ ଅସ୍ତରଙ୍ଗ ଓ ଏଡ଼ବାଂଶ ସେବା ସମବାୟ ସମିତି ପକ୍ଷରୁ ବୁଧବାର ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଅସ୍ତରଙ୍ଗ ସେବା ସମବାୟ ସମିତି ସଭାପତି ବାଉରୀବନ୍ଧୁ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ମଣ୍ଡି ନୋଡାଲ ଅଧିକାରିଣୀ ନିବେଦିତା ପଟ୍ଟନାୟକ, ସୁଜିତ କୁମାର, ଅସ୍ତରଙ୍ଗ ସେବା ସମବାୟ ସମିତି ସମ୍ପାଦକ କାଳନ୍ଦୀ ପ୍ରଧାନ, ଡି.ଓ. ଲିଜା ରାୟ ଉପସ୍ଥିତ ଥିଲେ। ଏଡ଼ବାଂଶ ସମିତି ସଭାପତି ସରୋଜକାନ୍ତ ମୁଦୁଲିଙ୍କ ସଭାପତିତ୍ୱରେ ଅତିଥି ଭାବେ ସାମାଜିକ କର୍ମୀ ପ୍ରତାପ ପରିଡ଼ା, ସରପଞ୍ଚ ଦୀପକ ପରିଡ଼ା, ସମିତି ସଭ୍ୟ ଅମିୟ ରଞ୍ଜନ ସେଠୀ, ଅଶୋକ ପଢ଼ିଆରୀ, ହଟକିଶୋର ବିଶ୍ୱାଳ, ପ୍ରଫୁଲ୍ଲ ସେନାପତି, ରାଜା ମହାନ୍ତି, ଦିବାକର ସାହୁ, ବିଜୟ ପଢ଼ିଆରୀ, ରମାରଞ୍ଜନ ସେନାପତି, ପ୍ରଣୟ ସେନାପତି, ଏଡ଼ବାଂଶ ସେବା ସମବାୟ ସମିତି ସମ୍ପାଦକ ପ୍ରକାଶ ମହାନ୍ତି, ମଣ୍ଡି ନୋଡାଲ ଅଧିକାରୀ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ସେବା ସମବାୟ ସମିତିରେ ପଞ୍ଜୀକରଣ କରିଥିବା ୨୭୩ ଜଣ ଚାଷୀଙ୍କ ମଧ୍ୟରୁ ପ୍ରଥମ ଦିନରେ ୬ ଜଣ ଚାଷୀଙ୍କଠୁ ୨୦୦ କୁଇଣ୍ଟାଲ ଧାନ କିଣାଯାଇଥିଲା। ଏଡ଼ବାଂଶ ସେବା ସମବାୟ ସମିତିରେ ପଞ୍ଜୀକରଣ କରିଥିବା ୧୩୧ ଜଣ ଚାଷୀଙ୍କ ମଧ୍ୟରୁ ୧୧ ଜଣ ଚାଷୀ ୫୦୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି।

# ଫେବୃଆରୀ ୧୪ରୁ ସତ୍ୟବାଦୀ ମହୋତ୍ସବ

ସାକ୍ଷୀଗୋପାଳ,୨୨।୧(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)



ଆଲୋଚନାରେ ଭାଗ ନେଇଛନ୍ତି କମିଟି ସଭାପତି ବିଧାୟକ ଓମ୍ ପ୍ରକାଶ ମିଶ୍ର, ଅଧକ୍ଷ ସୁନିଲ କୁମାର ପଣ୍ଡା ଓ ଅନ୍ୟ ଅଧିକାରୀ।

ଆସନ୍ତା ଫେବୃଆରୀ ୧୪ରୁ ୩ ଦିନ ବ୍ୟାପୀ ସତ୍ୟବାଦୀର ପଞ୍ଚସଖା ଖେଳପଡ଼ିଆରେ ଅଷ୍ଟମ ସତ୍ୟବାଦୀ ମହୋତ୍ସବ ଅନୁଷ୍ଠିତ ହେବ। ଏଥିନେଇ ବୁଧବାର ବ୍ଲକ ପ୍ରଶାସନିକ ସ୍ତରରେ ଏକ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ସୁନିଲ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ମହୋତ୍ସବ କମିଟି ସଭାପତି ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଚଳିତ ମହୋତ୍ସବ କିଭଳି ସରସ ସୁନ୍ଦର ଭାବେ କରାଯିବ, ସେଥିପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମୁକ୍ତ ଆକାଶ ରଙ୍ଗମଞ୍ଚ ନିକଟ କଳାକାରଙ୍କ ଗ୍ରୀନରୁମ୍‌ର ମରାମତି, ଶୌଚାଳୟ ନିର୍ମାଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବ। ସାକ୍ଷୀଗୋପାଳ ମନ୍ଦିର ଶୌଚାଳୟ ପରିସର, ସତ୍ୟବାଦୀ ହାଇସ୍କୁଲ ପରିସର, ସେବକ ସାହି ରାସ୍ତାପାର୍ଶ୍ୱ ଓ ସିଦ୍ଧବକୁଳ ମନ୍ଦିର ପରିସରରେ ସମସ୍ତ ୨ ଚକିଆ, ୪ ଚକିଆ ଯାନ ପାର୍କିଂ ହେବ। ବକୁଳବନ ପ୍ରାଚୀରକୁ ଲାଗି କୌଣସି ଉଠା ଦୋକାନୀଙ୍କୁ ବ୍ୟବସାୟ ନିମନ୍ତେ ଅନୁମତି ଦିଆଯିବନାହିଁ। ସାକ୍ଷୀଗୋପାଳ ଅଗ୍ନିଶମ ବିଭାଗ ପକ୍ଷରୁ ଆବଶ୍ୟକ ଦମକଳ ଗାଡ଼ି ଓ କର୍ମଚାରୀ ମୁତୟନ ହେବ। ପ୍ରାଣୀ ଚିକିତ୍ସା କେନ୍ଦ୍ର, କୃଷି ବିଭାଗ, ଉଦ୍ୟାନ କୃଷି, ଜଳ ସମ୍ପଦ ଆଦି ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲାଯିବ। ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସଭ୍ୟ ରତିକାନ୍ତ ମିଶ୍ର, ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଆଇଆଇସି ବିଜୟକେତନ ବେହେରା, ବିଡିଓ ଲିପ୍ସା ରାୟ, ମହୋତ୍ସବ କମିଟି ସମ୍ପାଦକ ଦୀପକ ଶତପଥୀ, ସଂଯୋଜକ ଜାନକୀବଲ୍ଲଭ ବରାଳ, ଆବାହକ ଜାନକୀବଲ୍ଲଭ ମିଶ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ପ୍ରମୁଖ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ପୁରାଣରେ ନାରୀକୁ ସର୍ବୋଚ୍ଚ ସମ୍ମାନ ଦିଆଯାଇଛି

**ଜିଲାସ୍ତରୀୟ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ**

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)



କନ୍ୟାଟିଏ ଘରର ଲକ୍ଷ୍ମୀ। ବିଶ୍ୱାସ କରାଯାଏ, ସେହି ଘରଗୁଡ଼ିକରେ କନ୍ୟାସନ୍ତାନ ପ୍ରାପ୍ତ ହୁଅନ୍ତି, ଯିଏ ସେମାନଙ୍କୁ ଆଦର ଯତ୍ନ କରିବାରେ କାର୍ପଣ୍ୟ କରନ୍ତି ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଜିଲାସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ବୁଧବାର ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଧକ୍ଷତା କରିବା ସହ ସଭା ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ କହିଛନ୍ତି, ପୁରାଣ ଓ ଇତିହାସରେ ନାରୀକୁ ସର୍ବୋଚ୍ଚ ସମ୍ମାନ ଦିଆଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ସାମାଜିକ କର୍ମୀ ତଥା ଶିଶୁ ସୁରକ୍ଷା ବିଶେଷଜ୍ଞ ଘାସିରାମ ପଣ୍ଡା, ସାମାଜିକ କର୍ମୀ ଜ୍ୟୋତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତୁ ଆମେ ଶପଥ ନେବା ନାରୀ ବା କନ୍ୟାମାନଙ୍କୁ ଉପଯୁକ୍ତ ସମ୍ମାନ ଓ ଆଦର ଦେବା ଓ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ବେଟି ବଚାଓ, ବେଟି ପଢ଼ାଓ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। କନ୍ୟା ସୁରକ୍ଷା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ସୁଭାଷ ବୋଷ ଛକଠାରୁ ସଦ୍‌ଭାବନା ସଭାଗୃହ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

**୭ ମାସରେ ପ୍ରଧାନମନ୍ତ୍ରୀଙ୍କ ୫ମ ଗସ୍ତ**

# ସମ୍ବର୍ଦ୍ଧନା ପାଇଁ ଭାଜପା ବୈଠକ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ୍ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ଦଳୀୟ ନେତୃବୃନ୍ଦ।

- ଯାଜପୁରରେ ଦିଆଯିବ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା
- ଦଳୀୟ କାର୍ଯ୍ୟାଳୟରେ ୪ ଘଣ୍ଟା ରହିଲେ, ମୁଢ଼ି ଖାଇଲେ ମୁଖ୍ୟମନ୍ତ୍ରୀ
- ଚଳିତ ମାସରେ ରାଜ୍ୟ ସଭାପତି ଘୋଷଣା

ଭୁବନେଶ୍ୱର, ୨୨।୧(ସୁନିତ୍ ମିଶ୍ର)

ସରକାର ଏବଂ ସଙ୍ଗଠନ ମଧ୍ୟରେ କିପରି ଅଧିକ ସମନ୍ୱୟ ରହିପାରିବ ତାକୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ ସିଂ ତୋମାର, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ପଦାଧିକାରୀ ପ୍ରମୁଖ ବୈଠକରେ ସାମିଲ ହୋଇଛନ୍ତି। କ୍ୟାବିନେଟ୍ ବୈଠକ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ଦଳୀୟ କାର୍ଯ୍ୟାଳୟକୁ ଆସି ପ୍ରାୟ ୪ ଘଣ୍ଟା ସମୟ ବିତାଇଥିବା ଜଣାପଡ଼ିଛି। ଅପରାହ୍ନ ୪ଟା ପରେ ଆରମ୍ଭ ହୋଇଥିବା ବୈଠକରେ ମୁଖ୍ୟମନ୍ତ୍ରୀ ଆସନ୍ତା ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୭ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ୫ମ ଥର ଲାଗି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏତିକି ସମୟ ଭିତରେ ସେ ଗୁଜରାଟ ମଧ୍ୟ ଏତେଥର ଯାଇନାହାନ୍ତି। ତେଣୁ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ବିଶେଷ ଧ୍ୟାନ ଦେଉଥିବାରୁ ତାଙ୍କ ଗସ୍ତ କାର୍ଯ୍ୟକ୍ରମରେ ଗତଥର ତୁଳନାରେ ଅଧିକ ଭବ୍ୟ ସମ୍ବର୍ଦ୍ଧନା ଦେବା ନେଇ ବୈଠକରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ଆସନ୍ତା ୨୮ ସକାଳ ୧୦ଟା ୩୫ରେ ପହଞ୍ଚିବେ। ଏହା ପୂର୍ବରୁ କିପରି ଅଧିକ ଲୋକ ବିମାନବନ୍ଦରଠାରେ ଏକତ୍ରିତ ହୋଇପାରିବେ ସେନେଇ ଆଲୋଚନା ହୋଇଛି। ଏହା ସହ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ଟଙ୍କା ଜାନୁଆରୀ ଶେଷ ସପ୍ତାହ ବେଳକୁ ପ୍ରଦାନ କରାଯିବ। ଏହା ଯାଜପୁର ଜିଲାରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନା ହୋଇଛି। ଏହାସହ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ବିଶୋଧନ ଆଦି ବିଭିନ୍ନ ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକ ସନ୍ଧ୍ୟା ପ୍ରାୟ ୭ଟା ପର୍ଯ୍ୟନ୍ତ ଚାଲିଥିଲା। ଏହା ଭିତରେ ଦଳର ସାଙ୍ଗଠନିକ ନିର୍ବାଚନ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଛି । ଏହାପରେ ମୁଖ୍ୟମନ୍ତ୍ରୀ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଦଳୀୟ କାର୍ଯ୍ୟାଳୟରେ ରହିଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ଦଳ ଆଣିଥିବା ନୂଆ ଯୋଜନାଗୁଡ଼ିକ କିପରି ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପଞ୍ଚାୟତସ୍ତରରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସବୁ ଯେପରି ପହଞ୍ଚିପାରିବ ତାହା ଉପରେ ମଧ୍ୟ ବିଶେଷ ଭାବେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଆୟୁଷ୍ମାନ୍ ଭାରତ ଯୋଜନାର ବ୍ୟାପକ ପ୍ରଚାର, ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ମହିଳାଙ୍କୁ ସାମିଲକରିବା ଆଦି ବିଷୟ ଉପରେ ମୁଖ୍ୟତଃ ବୈଠକରେ ଚର୍ଚ୍ଚା ହୋଇଛି। ଏହାସହ ମୁଖ୍ୟମନ୍ତ୍ରୀ ମୁଢ଼ି ଖାଇ ବ୍ୟକ୍ତିଗତ ଭାବେ ପ୍ରଭାରୀ ଏବଂ ଅନ୍ୟ କେତେଜଣଙ୍କ ସହ ଭେଟି ଯାଇଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଭାରୀ ତୋମାର କହିଛନ୍ତି, ଦଳର ରାଜ୍ୟ ସଭାପତି ଚଳିତ ମାସରେ ଘୋଷଣା କରାଯିବ ।



ଦିଲ୍ଲୀ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ମୁଖ୍ୟମନ୍ତ୍ରୀ ତଥା ଆପ୍ ନେତ୍ରୀ ଆତିଶୀ ମାର୍ଲେନା ଗୋବିନ୍ଦପୁରୀ ଏକ୍ସଟେନ୍‌ସନରେ ଆୟୋଜିତ 'ଭଣ୍ଡାରା'ରେ ପିଲାଙ୍କୁ ଖାଦ୍ୟ ପରଷୁଛନ୍ତି।

# ମିଲରଙ୍କ ରାଜୁତି ସରକାର ଶେଷ କରିଦେବାରୁ ବିଜେଡି ଛାନିଆ: ଭାଜପା

ଭୁବନେଶ୍ୱର, ୨୨।୧(ସୁନିତ୍ ମିଶ୍ର)




ବୈଠକରେ ଉପସ୍ଥିତ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ ଅନ୍ୟମାନେ।

ଧାନକିଣାରେ ରାଜ୍ୟ ସରକାର ମିଲର ମାଲିକଙ୍କ ରାଜୁତି ଅନ୍ତ କରିଦେଇଥିବାରୁ ବିଜେଡି ଛାନିଆ ହୋଇଯାଇଛି। ଏହାପରେ ଧାନ କିଣା ପ୍ରକ୍ରିୟା ଫେଲ୍ କରାଇବା ପାଇଁ ବିଜେଡି ମିଲର ମାଲିକମାନଙ୍କୁ ଆୟୁଧକରି ଯେଉଁସବୁ ହୀନ ଉପାୟ କରୁଥିଲା ତାହା ପଦାରେ ପଡ଼ିଯାଇଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ମାଷ୍ଟର କ୍ୟାଣ୍ଟିନ୍ ଛକସ୍ଥିତ ବୁଲନ୍ ଭାଇ ସେବା ସଦନ ସଭାକକ୍ଷରେ ବୁଧବାର ଧାନ ସଂଗ୍ରହ ଅଭିଯାନ ସମ୍ପର୍କିତ ପ୍ରତ୍ୟେକ ଜିଲାର ଚାଷୀ ନେତାଙ୍କ ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମହେଶ୍ୱର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ଏକାକୀ ସରକାର ଗଠନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଧାନର ସହାୟକ ମୂଲ୍ୟ ବୃଦ୍ଧିକରି ଚାଷୀଙ୍କ ଆୟକୁ ୨ ଗୁଣ କରିବା ସହ ଟୋକନ ବ୍ୟବସ୍ଥାର ସରଳୀକରଣ କରିଛନ୍ତି। କେନ୍ଦ୍ରରେ ଭାଜପା ସରକାର ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଦେଉଥିବାବେଳେ ରାଜ୍ୟ ସରକାର ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଦେଉଛନ୍ତି। ଚାଷୀ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଟଙ୍କା ପାଇଯାଉଛନ୍ତି। ସାରା ରାଜ୍ୟରେ ଧାନକିଣା ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି। ବିଶେଷକରି ପ୍ରଚୁର ଧାନ ଉତ୍ପାଦନର ପେଣ୍ଠ ପଶ୍ଚିମ ଓଡ଼ିଶାର ଅନେକ ଜିଲାରେ ଶତକଡ଼ା ୭୦ ଭାଗରୁ ଊର୍ଦ୍ଧ୍ୱ ଧାନ କିଣା ସରିଛି। ସରକାରଙ୍କ ଏସବୁ ଚାଷୀ କଲ୍ୟାଣକାରୀ ଯୋଜନା ଓ ପଦକ୍ଷେପର ବାର୍ତ୍ତା ରାଜ୍ୟର ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ ବୈଠକରେ ଚୂଡ଼ାନ୍ତ ହୋଇଛି ବୋଲି ମହେଶ୍ୱର କହିଛନ୍ତି।

## ବିଜେଡି ଉପଦେଷ୍ଟା କମିଟି ଘୋଷିତ

ଧର୍ମଶାଳା,୨୨।୧ (ବଟକୃଷ୍ଣ ପରିଡ଼ା)

ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଧର୍ମଶାଳା ନିର୍ବାଚନମଣ୍ଡଳୀସ୍ତରୀୟ ଉପଦେଷ୍ଟା କମିଟି ଘୋଷଣା କରାଯାଇଛି। ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ଧର୍ମଶାଳା ନିର୍ବାଚନ ଉପଦେଷ୍ଟା କମିଟି ଚ୍ୟାୟାରମ୍ୟାନ୍ ଭାବେ ଡ. ପ୍ରିୟନାଥ ମହାପାତ୍ରଙ୍କ ନାମ ଘୋଷଣା କରିଛନ୍ତି। ସେହିପରି କମିଟି ସଭ୍ୟ ଭାବେ ପୂର୍ବତନ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, ଜିଲା ପରିଷଦସଭ୍ୟ ଜଳଧର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍କଳମଣି ଦାସ, ଅମରେନ୍ଦ୍ର ରାୟ, ନିରଞ୍ଜନ ବଳ, ଲୋକନାଥ ପଣ୍ଡା, ବଟକୃଷ୍ଣ ରାଉତ, ରାଜକିଶୋର ମହାନ୍ତିଙ୍କ ନାମ ଘୋଷଣା କରାଯାଇଛି।

# ବିଡିଓଙ୍କୁ ସ୍ୱାଗତ ପାଇଁ ଶକ୍ତି ପ୍ରଦର୍ଶନ



ନୂତନ ବିଡିଓଙ୍କୁ ଭାଜପା କର୍ମୀମାନେ ଶୁଭେଚ୍ଛା ଜଣାଉଛନ୍ତି।

**ଭାଜପା ଶୁଭେଚ୍ଛା ଜଣାଇବା ପରେ ଫୁଲତୋଡ଼ା ଦେଲେ ବିଜେଡିର ୨୦୦ କର୍ମୀ**

ହାଟଡିହୀ,୨୨।୧(ଶୁଭକାନ୍ତ ନାୟକ)



ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଓ ବିଜେଡି କର୍ମୀମାନେ ବିଡିଓଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ନୂତନ ବିଡିଓଙ୍କୁ ସ୍ୱାଗତ ଜଣାଇବା ପାଇଁ ଭାଜପା ଓ ବିଜେଡି ମଧ୍ୟରେ ଶକ୍ତି ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅକ୍ଟୋବର ୨୦୨୩ରେ ଏଠାରେ ବିଡିଓ ଭାବେ ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗଦାନ କରି ଦାୟିତ୍ୱ ତୁଲାଉଥିଲେ। ସୌମ୍ୟଶ୍ରୀଙ୍କର ବଦଳି ହୋଇଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ବିଡିଓ ଭାବେ ରଞ୍ଜନ କୁମାର ପରିଡା ଗତ ୧୭ ତାରିଖ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ଦିନ ଭାଜପା ପକ୍ଷରୁ ବହୁ ସଂଖ୍ୟାରେ କର୍ମୀ ନବାଗତ ବିଡିଓ ପରିଡ଼ାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହାର ୨ ଦିନ ପରେ ସୋମବାର ବିଜେଡିର ପ୍ରାୟ ୨୦୦ କର୍ମୀ ନୂତନ ବିଡିଓଙ୍କୁ ଫୁଲ ତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ। ତେବେ ହାଟଡିହୀ ବ୍ଲକ୍‌ରେ ନବାଗତ ବିଡିଓଙ୍କୁ ବିଭିନ୍ନ ଦଳ ତରଫରୁ ଏଭଳି ଶୁଭେଚ୍ଛା ଜଣାଯିବାର ଦୃଶ୍ୟ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ସୂଚନାଯୋଗ୍ୟ, ବ୍ଲକ୍ ଅଧ୍ୟକ୍ଷା ଏବଂ ବିଧାୟକ ବିଜେଡିର ହୋଇଥିବା ବେଳେ ରାଜ୍ୟରେ ଭାଜପା ସରକାରର ଶାସନ ଚାଲିଛି। ତେବେ ଏହି ଦୁଇ ପ୍ରମୁଖ ରାଜନୈତିକ ଦଳ ସ୍ୱାଗତ ନାମରେ ଶକ୍ତି ପ୍ରଦର୍ଶନ କରୁଥିବା ଏଠାରେ ଆଲୋଚନାର ବିଷୟ ପାଲଟିଛି।

# ନୀତୀଶଙ୍କ ମତିଗତି ଜଣାପଡୁନି

**ମଣିପୁର ଜେଡିୟୁରେ ବିଭ୍ରାଟ**

ଇମ୍ଫାଲ,୨୨।୧

୨୦୨୨ ମଣିପୁର ବିଧାନସଭା ନିର୍ବାଚନରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ୬ ଆସନ ଜିତିଥିଲା। କିଛି ଦିନ ପରେ ୫ ଜେଡିୟୁ ବିଧାୟକ ଦଳବଦଳ କରି ଭାଜପାରେ ମିଶିଥିଲେ। ସେମାନଙ୍କୁ ମିଶାଇ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂଙ୍କ ନିକଟରେ ୩୭ ଭାଜପା ବିଧାୟକ ରହିଛନ୍ତି। ଦଳବଦଳକାରୀଙ୍କ ବିରୋଧରେ ଜେଡିୟୁ ବାଚସ୍ପତିଙ୍କ ଦ୍ୱାରସ୍ଥ ହୋଇଥିଲା। ବାଚସ୍ପତି ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ବୁଧବାର ଜେଡିୟୁ ବିଧାୟକ ମହମ୍ମଦ ଅବ୍ଦୁଲ ନାସିର ସରକାରରୁ ସମର୍ଥନ ପ୍ରତ୍ୟାହାର କରି ବିରୋଧୀ ବେଞ୍ଚରେ ବସିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ମଣିପୁର ଜେଡିୟୁ ଶାଖା ମୁଖ୍ୟ କେ. ବୀରେନ୍ ସିଂ ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କୁ ପତ୍ର ଲେଖିଥିଲେ। ଫଳରେ ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ନୀତୀଶ ଏନ୍‌ଡିଏଠାରୁ ସମର୍ଥନ ପ୍ରତ୍ୟାହାର କରି ପୁଣି ମହାମେଣ୍ଟକୁ ଫେରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଏହାର କିଛି ସମୟ ପରେ ଜେଡିୟୁ କେ. ବୀରେନ୍ ସିଂଙ୍କୁ ପଦରୁ ହଟାଇଦେଇଛି। ଜେଡିୟୁ ରାଷ୍ଟ୍ରୀୟ ମୁଖପାତ୍ର ରାଜୀବ ରଞ୍ଜନ କହିଛନ୍ତି, ଦଳୀୟ ବିଶୃଙ୍ଖଳା ଯୋଗୁ ତାଙ୍କୁ ପଦରୁ ଅବ୍ୟାହତି ଦିଆଯାଇଛି। ଜେଡିୟୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ପୂର୍ବଭଳି ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ସମର୍ଥନ ବଜାୟ ରଖିବ। ଜେଡିୟୁର ଏହି ପଦକ୍ଷେପ ପରେ କଂଗ୍ରେସ ଏବଂ ଆର୍‌ଜେଡି ନୀତୀଶଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ନଜର ରଖିଛନ୍ତି। 'ପଲ୍‌ଟୁରାମ' ନାମରେ ପରିଚିତ ନୀତୀଶଙ୍କ ମତିଗତି ଜଣାପଡୁ ନ ଥିବାରୁ ସେ ଆଗକୁ କେଉଁ ଆଡ଼କୁ ଢ଼ଳୁଛନ୍ତି ତା'କୁ ନେଇ ଚର୍ଚ୍ଚା ଲାଗିରହିଛି।

**ଦ.ପୂ. ରେଳପଥ – ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଡବ୍ଲ୍ୟୁ-ରେଟ୍ରୋ-ପିୟୁ-ଫୋମ୍-୨୪-୨୫-୧** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଖଡ଼ଗପୁର, ଦକ୍ଷିଣ ପୂର୍ବ ରେଳପଥ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ବର୍ଥ ଏବଂ ସିଟ୍‌ଗୁଡ଼ିକର ପିୟୁ ଫୋମ୍‌ରେ ରେଟ୍ରୋଫିଟ୍‌ମେଣ୍ଟ; **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ– ଖଡ଼ଗପୁର, ଜିଲ୍ଲା– ପଶ୍ଚିମ ମେଦିନାପୁର, ପିନ୍-୭୨୧୩୦୧; **ପରିମାଣ:** ୩୦୦ କୋଚ୍; **ଟେଣ୍ଡର ମୂଲ୍ୟ:** ₹୧୪,୬୫,୮୯,୫୫୪.୯୪; **ଅମାନତ ରାଶି:** ₹୮,୮୩,୦୦୦.୦୦; **ଠିକା ଅବଧି:** ଏଲ୍‌ଓଏ ଜାରି ତାରିଖରୁ ୧୫ ମାସ; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୮।୦୨।୨୦୨୫ରିଖ, ୧୫.୦୦ ଘଟିକା; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ; **ବିଡିଂ ପ୍ରଣାଳୀ:** ଦୁଇ ପ୍ୟାକେଟ୍ ପ୍ରଣାଳୀ; **ଠିକାର ପ୍ରକାର:** କାର୍ଯ୍ୟ; ସବିଶେଷ ଟେଣ୍ଡର ବିଜ୍ଞପ୍ତି ଏବଂ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ୍ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ । (PR-1044)

**Badki Saraiya Nagar Panchayat**
Add: **Dak Bungalow, Chandramarni, Near- Hazribagh Road Railway station, Badki Saraiya, Giridih, Pin 825320**
Email.Id eo.badakasarai@gmail.com

Reference No.- BSNP/NIT/FSTP/13/2024-25..................Date: ........................

Tender Notice

IMPORTANT INFORMATION

| Sr.No. | Particulars | Details |
|---|---|---|
| 1 | Name of Work | Construction & Commissioning of F aecal Sludge Treatment Plant of Capacity 7 KLD at Badki Saraiya Nagar Panchayat (Jharkhand) followed by Operati on and Maintenance including desludging operations for 5 years |
| 2 | Estimated Cost (INR) | Construction Cost: ₹ 2,10,50,093.00 Operation & Maintenance Cost: ₹ 1,28,01,088.00 Total: ₹ 3,38,51,181.00 |
| 3 | Bid Security (INR) | ₹3,40,000/- (Rupees Three Lacs Forty Thousand Only) |
| 4 | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 22.01.2025 at 10:00 am |
| 7 | Document downloading start Date | 24.01.2025 at 10:00 am |
| 8 | Start date for seeking clarification | 24.01.2025 at 04:30 pm |
| 9 | End date for seeking clarification | 27.01.2025 at 05:00 pm |
| 10 | Pre bid meeting date, Time & Venue | 29.01.2025 at 02:30 pm at office of Badki Saraiya Nagar Panchayat |
| 11 | Bid submission end date | 08.02.2025 upto 05:00 pm |
| 12 | Bid opening date (online) | 10.02.2025 at 04:30 pm |

i.Complete bid document is available on website http://Jharkhandtenders.gov.in
ii.Other details can be seen in the bidding documents
iii.*Bid security 1 % of Bid amount*
कार्यपालक पदाधिकरी
बड़की सरैया नगर पंचायत।
PR 344880 Urban Development and Housing(24-25)D

**B.I.T. SINDRI, P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**

**e-Corrigendum Notice**

**Corrigendum Notice No.** : Bit Sindri/ Corrigendum/3/2024-25
**Tender Title** : Supply of Material Characterization lab equipments for Mechanical Engineering Department at BIT Sindri Dhanbad Jharkhand.
**Tender Reference Number** : BIT/12/2024-25/Mec1
PR 343783 Higher Education, Technical Education and Skill Development Department (24-25)#D
**Tender ID** : 2025_DHTE_97300_1
**Corrigendum Type** : Technical and Date Extend
**Corrigendum Title** : Technical Specification and Extension of dates for bid submission

In technical specification of serial number 2 item, "automatic polishing grinding machine" 02- polisher head should be read as 01-polisher head. The following dates are extended herewith. Rest will be same as in the original tender.

| Sl. No. | Activity | Earlier Date and Time | Changed Date and Time |
|---|---|---|---|
| 1 | Document Download End Date | 24/01/2025 ; 10:00 A.M. | 28/01/2025 ; 10:00 A.M. |
| 2 | Bid Submission End Date | 24/01/2025 ; 10:00 A.M. | 28/01/2025 ; 10:00 A.M. |
| 3 | Bid Opening Date | 25/01/2025 ; 11:00 A.M. | 29/01/2025 ; 11:00 A.M. |

Further details can be seen on website :- https://jharkhandtenders.gov.in
Sd/-
Director, B.I.T., Sindri
PR 344928 Science & Technology (24-25)_D

**ୟୁକୋ ବ୍ୟାଙ୍କ**
ରେଣୁକୁଟ ଶାଖା
ସୋନଭଦ୍ର, ଉତ୍ତର ପ୍ରଦେଶ-୨୩୧୨୧୭,
ଫୋନ୍: ୦୫୪୪୬-୨୫୬୮୨୭,
ଇ-ମେଲ୍: renuko@ucobank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(SARFAESI ଆକ୍ଟ ୨୦୦୨ ଅନୁଯାୟୀ)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
ଅମାନତ ରାଶି ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୨୭.୦୨.୨୦୨୫ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ । ୟୁକୋ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା୧୩(୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁସାରେ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ବ୍ୟାଙ୍କ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ନିମ୍ନସ୍ୱାକ୍ଷରକାରୀ ଧାରା ୧୩(୪)ରେ ପ୍ରଦତ୍ତ କ୍ଷମତା ବଳରେ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ସହିତ ସୁଧ ଆଦାୟକରଣ ନିମନ୍ତେ ନିମ୍ନରେ ପ୍ରଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ।

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ**

| କ୍ର. ନଂ. | ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିବରଣୀ / ଦଖଲ ପ୍ରକାର | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ / ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଆସ୍ଥା କନଷ୍ଟ୍ରକସନ୍, ସ୍ୱତ୍ତ୍ୱାଧିକାରୀ: ୰ ଅଶୋକ କୁମାର ଓଝା / ୰ ଅଶୋକ କୁମାର ଓଝାଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ପ୍ରଭାସିନୀ ଓଝା (ସ୍ତ୍ରୀ), ୨) ମିସ୍ ଅର୍ପିତା ଓଝା (ଝିଅ), ୩) ଆସ୍ଥା ଓଝା (ଝିଅ) / ଗ୍ୟାରେଣ୍ଟିଦାତା: ପ୍ରଭାସିନୀ ଓଝା, ସମସ୍ତଙ୍କ ଠିକଣା- ସି-୨୮୩, ତୁରା ପିପରୀ, ରେଣୁକୁଟ, ସୋନଭଦ୍ର | କ) ଭଲ୍ୟୁମ୍ ନଂ.: ୧୭, ବୁକ୍ ନଂ.: ୧, ଡକ୍ୟୁମେଣ୍ଟ (ଦସ୍ତାବିଜ୍) ନଂ.: ୧୦୪୬୧୫୦୦୮୨୫, ତାରିଖ: ୩୦.୦୬.୨୦୧୫ ଖ) ପ୍ରଭାସିନୀ ଓଝା, ସ୍ୱାମୀ: ୰ ଅଶୋକ କୁମାର ଓଝାଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୦୪୪.୦୧ ଡ଼ିସିମିଲି (୧୯୧୭.୪୭ ବର୍ଗଫୁଟ), ଖାତା ନଂ.: ୫୧୯/୪୭୦, ପ୍ଲଟ୍ ନଂ.: ୩୫୩/୧୫୦୩, ଅନୁରୂପ ଖାତା ନଂ.: ୫୧୯/୨୧୦, ପ୍ଲଟ୍ ନଂ.: ୩୫୩, ସବ୍ ପ୍ଲଟ୍ ନଂ.: ଏଲ୍୨-୧୭୩, ମୌଜା: ଓଲଟପୁର, ଏସ୍‌ଆରଓ: ନିଆଳି, ଥାନା: ଓଲଟପୁର, ଥାନା ନଂ.: ୫୯, ତହସିଲ: କଣ୍ଡାପଡା, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ରକଳ୍ପ ସୀମା, ପୂର୍ବ: ସବ୍ ପ୍ଲଟ୍ ନଂ.: ଏଲ୍୨-୩୦୪, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ଏଲ୍୨-୩୦୨ / **ସାଙ୍କେତିକ** | ୨୫.୦୪.୨୦୨୧ / ୦୬.୦୨.୨୦୨୩ / ଟ.୭୭,୦୦,୫୪୦.୪୫ ଏବଂ ଟ.୪,୨୭,୯୩୦/- + ୦୧.୦୧.୨୦୨୧ ଠାରୁ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି | ଟ.୧୩,୮୦,୦୦୦/- / ଟ.୧,୩୮,୦୦୦/- / ଟ. ୧୦,୦୦୦/- | ୨୮.୦୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତି ଥର ପାଇଁ ୧୦ମିନିଟ୍‌ର ଅସୀମିତ ବର୍ଦ୍ଧିତ ସମୟ ସହିତ) |

**ସମ୍ପତ୍ତିର ତନଖି ତାରିଖ ଏବଂ ସମୟ : କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ ତା.୨୭.୦୨.୨୦୨୫ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ**

**ନିୟମ ଏବଂ ସର୍ତ୍ତାବଳୀ :** (୧) ନିଲାମ ବିକ୍ରୟ "ଅନ୍‌ଲାଇନ୍" ବିଡିଙ୍ଗ୍ ୱେବ୍‌ସାଇଟ୍ https://baanknet.com ମାଧ୍ୟମରେ ଅନୁଷ୍ଠିତ ହେବ । (୨) ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ୟୁଜର ଆଇଡି ଏବଂ ପାସୱାର୍ଡ ପାଇବା ନିମନ୍ତେ https://baanknet.com ବିଡର୍ସ ପଞ୍ଜିକରଣ ମାଧ୍ୟମରେ କିମ୍ବା https://baanknet.com/eauction-psb/x-loginକୁ ଯାଇ ଇ-ନିଲାମ ପୋର୍ଟାଲରେ ପଞ୍ଜିକୃତ ହୋଇପାରିବେ । (୩) ଇଚ୍ଛୁକ ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ଏବଂ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପୂର୍ବରୁ ୱେବ୍‌ସାଇଟ୍ https://baanknet.com/eauction-psb/x-loginରୁ ନିଲାମର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ବିଷୟରେ ଅବଗତ ହୁଅନ୍ତୁ । (୪) ସମ୍ଭାବ୍ୟ ନିଲାମଧାରୀମାନେ ନିଲାମ ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ https://baanknet.com/eauction-psb/x-login ଅନ୍ତର୍ଗତ ଲଗଇନ୍ ଏବଂ ପଞ୍ଜିକରଣ ନିମନ୍ତେ କ୍ରେତାଙ୍କ ମାର୍ଗଦର୍ଶିକାରେ ଦିଆଯାଇଥିବା ଭିଡିଓଗୁଡ଼ିକୁ ଡାଉନ୍‌ଲୋଡ କରିପାରିବେ। (୫) ଅମାନତ ଜମା (EMD), ୱାଲେଟରେ ନିଲାମ ତାରିଖ ପୂର୍ବରୁ ଚାଲାଣ (କେବଳ ଏନ୍‌ଇଏଫ୍‌ଟି/ଆର୍‌ଟିଜିଏସ୍ ଦ୍ୱାରା) ମାଧ୍ୟମରେ ଜମା କରିପାରିବେ ଏବଂ ନିଲାମ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ନାହିଁ। ଅନ୍ୟ କୌଣସି ମାଧ୍ୟମ ବ୍ୟବହାର କରି ପୈଠ କରନ୍ତୁ ନାହିଁ ଅନ୍ୟଥା https://baanknet.com ଦ୍ୱାରା ତାହା ଫେରସ୍ତ କରାଯିବ। (୬) ବିଡ୍ ଫର୍ମର ଏକ ନକଲ ସହିତ ଅନ୍‌ଲାଇନ୍‌ରେ ଦାଖଲ ସଂଯୁକ୍ତ କାଗଜାତ୍ (UTR ନଂ ଦର୍ଶାଇବେ) **ଶାଖା ମୁଖ୍ୟ, ୟୁକୋ ବ୍ୟାଙ୍କ, ରେଣୁକୁଟ ଶାଖା, ସୋନଭଦ୍ର, ଉତ୍ତର ପ୍ରଦେଶ**ଙ୍କୁ ହସ୍ତାନ୍ତର କରିବେ କିମ୍ବା ସେଗୁଡିକର ସଫ୍ଟ କପି renuko@ucobank.co.inକୁ ଇ-ମେଲ କରିବେ । (୭) ସଫଳ ନିଲାମଧାରୀମାନେ ନିଲାମ ରାଶିର **୨୫%** (ପୈଠ ହୋଇଥିବା ଅମାନତ ରାଶି ଅନ୍ତର୍ଭୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ସଙ୍ଗେ ସଙ୍ଗେ ଉପରେ ଯେପରି ଦର୍ଶାଯାଇଛି ସେପରି ଭାବେ ଦାଖଲ କରିବେ । ବିକ୍ରୟ ମୂଲ୍ୟର ଅବଶିଷ୍ଟ **୭୫%** ବିକ୍ରୟ ଗ୍ରହଣ / ଚୂଡାନ୍ତ ହେବାର **୩୦ଦିନ** ମଧ୍ୟରେ ଦାଖଲ କରିବେ । (୮) ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ କରାଯିବ । ଯଦି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ । (୯) ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ । ଇଚ୍ଛୁକ ନିଲାମଧାରୀମାନେ ସମ୍ପତ୍ତି ବିଷୟକ ଅନୁସନ୍ଧାନ କରି ପ୍ରସ୍ତାବ ଦାଖଲ ପୂର୍ବରୁ ସମ୍ପତ୍ତିର ମାଲିକାନା, ପରିମାଣ, ଗୁଣ ଏବଂ ବ୍ୟାଙ୍କ ଦେୟ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ସନ୍ତୁଷ୍ଟ ହେବା ଉଚିତ୍ । ଅନ୍‌ଲାଇନ୍‌ରେ ପ୍ରସ୍ତାବ ଦାଖଲ ହେବା ପରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି ବିଷୟକ କୌଣସି ଦାବୀ, ଦେୟ ଇତ୍ୟାଦି ବିଷୟ ଗ୍ରହଣ କରାଯିବ ନାହିଁ । (୧୦) ନିମ୍ନ ସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ୍ ନଦେଇ ଏବଂ କୌଣସି କାରଣ ନ ଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟକୁ ମୁଲତବି/ସ୍ଥଗିତ/ବାତିଲ କିମ୍ବା ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି । (୧୧) କ୍ରେତା ଷ୍ଟାମ୍ପ ଡ୍ୟୁଟି ସହିତ ବିକ୍ରୟ ସାର୍ଟିଫିକେଟ ରେଜିଷ୍ଟ୍ରେସନ ଦେୟ, ସରକାରଙ୍କୁ ପ୍ରଦାନ କରିବାକୁ ଥିବା ସମସ୍ତ ଆଇନଗତ ଦେୟ, ସମ୍ପତ୍ତି ସମ୍ବନ୍ଧୀୟ ବର୍ତ୍ତମାନ ଏବଂ ଭବିଷ୍ୟତ ଟ୍ୟାକ୍ସ ଇତ୍ୟାଦି ବହନ କରିବେ । କେବଳ ସଫଳ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ଇସ୍ୟୁ କରାଯିବ । (୧୨) ବିକ୍ରୟ ସରଫେଶୀ ଆକ୍ଟର ଧାର୍ଯ୍ୟ ନିୟମାବଳୀ ୨୦୦୨ ଅନୁଯାୟୀ ସମ୍ପନ୍ନ ହେବ। (୧୩) **ସମ୍ପତ୍ତିର ସବିଶେଷ ବିବରଣୀ ନିମନ୍ତେ ଶାଖା ମୁଖ୍ୟ, ଶ୍ରୀ ଅମନ ଗର୍ଗ, ମୋ.: ୮୮୯୯୭୦୧୭୦୪, ଇମେଲ୍: renuko@ucobank.co.in**ରେ ଯୋଗାଯୋଗ କରିପାରିବେ। (୧୪) ଏହି ନୋଟିସ୍‌ଟି ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ । (୧୫) **ସମସ୍ତ ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି। (୧୬) ଉପରୋକ୍ତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଏହା ଏକ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

ସ୍ଥାନ : ରେଣୁକୁଟ, ତାରିଖ : ୨୨.୦୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ନଦୀରୁ ବାଲି ଚୋରା ଚାଲାଣବେଳେ ୫ ଜଣଙ୍କୁ ଧରିଲା ପୋଲିସ

**୨ ଟ୍ରାକ୍ଟର, ୨ ବାଇକ୍, ୧ ଜେସିବି ଜବତ**

ବାଲିଅନ୍ତା,୨୨।୧(ନୀଳମାଧବ ସାହୁ)

ସରକାରୀ ଅନୁମତି ନ ଥାଇ ବାଲିଅନ୍ତା ଥାନା ଅଧୀନ ଶାସନ ଗ୍ରାମ ନିକଟ କୁଶଭଦ୍ରାରୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଲି ଚୋରା ଚାଲାଣବେଳେ ୫ଜଣଙ୍କୁ ଗିରଫ କର ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ହୃଦାନନ୍ଦ ସ୍ୱାଇଁ(୪୮), ଟୁଲୁ ବେହେରା(୩୨), ବିଦ୍ୟାଧର ମହାରଣା(୪୩), ରମାକାନ୍ତ ସାହୁ (୨୮) ଓ ଢେଙ୍କାନାଳର ମହେଶ୍ୱର ମହାନ୍ତି(୨୬)। ପୋଲିସ ସେମାନଙ୍କ ନିକଟରୁ ୨ଟି ବାଲି ବୋଝେଇ ଟ୍ରାକ୍ଟର, ୨ଟି ବାଇକ୍, ୧ଟି ଜେସିବି ମେଶିନ ଓ ୭ଟି ମୋବାଇଲ ଫୋନ ଜବତ କରିଛି। ଏନେଇ ବାଲିଅନ୍ତା ଥାନାରେ ଏକ ମାମଲା(ନଂ. ୧୫ /୨୫) ଓ ମାଇନ ମିନେରାଲ ଆକ୍ଟରେ ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, ଏସ୍ଆଇ ମାନସ ରଞ୍ଜନ ମଲ୍ଲିକ ଓ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ରାତି ୧୨ଟା ୩୦ ମିନିଟ୍ ସମୟରେ ନଦୀରୁ ବାଲି ଚୋରା ଚାଲାଣ କରାଯାଉଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲା। ହୃଦାନନ୍ଦ ଓ ଟୁଲୁ ଜେସିବି ମେଶିନରେ ନଦୀ ବାଲି ଟ୍ରାକ୍ଟରରେ ବୋଝେଇ କରାଯାଉଥିବା ପୋଲିସ ଦେଖି ଚଢାଉ କରିଥିଲା।

# କଣାସ ଅଞ୍ଚଳରେ କମୁନି ଝାଡ଼ାବାନ୍ତି, ଆଉ ୫ ଆକ୍ରାନ୍ତ

## ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ



କଣାସ,୨୨।୧(ବିଭୂତି ଭୂଷଣ ତ୍ରିପାଠୀ)

ଦୂଷିତ ପାଣି ଯୋଗୁ କଣାସ ଅଞ୍ଚଳରେ କିଛିଦିନ ହେବ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଇତିମଧ୍ୟରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ଏବେ ବି ବହୁ ଆକ୍ରାନ୍ତ ଘରେ ଓ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ବୁଧବାର ଆଉ ୫ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସ୍ଥିତି ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନି। ବୁଧବାର ମଧ୍ୟାହ୍ନରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କଣାସ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ରୂପଭାନୁ ମିଶ୍ର, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁ ଶେଖର ଗିରି, ମହାମାରୀ ବିଶେଷଜ୍ଞ ଡା. ସୁନୀତା ଜେନା, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ସମ୍ବିତ ଜେନା ଏବଂ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ମିଶ୍ର ବୈଠକ ପରେ ଚିକିତ୍ସିତ ରୋଗୀଙ୍କ ନିକଟକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମିଶ୍ର ଏବଂ ଜିଲା ଚିକିତ୍ସା ଅଧିକାରୀ ମିଶ୍ର ଝାଡ଼ାବାନ୍ତି ବ୍ୟାପିଥିବା ନୂଆଗାଁ, ଜାଗୁଳେଇପଦର, କଳାପଦର, ଗୋପୀନାଥପୁର, ନଇକୂଳପାଟଣା, ଗଡ଼ିଶାଗୋଦା, ନୂଆଦୋକନ୍ଦା, ଜାମଳଗଦା ଗ୍ରାମକୁ ଯାଇ ରୋଗୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ନୂଆଗାଁରେ ୨ ଜଣ, ଜାଗୁଳେଇପଦରରେ ଜଣେ ଓ ଅନ୍ୟ ଗ୍ରାମର ୨ ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ବେଡ୍ ନ ଥିବାରୁ ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଗଙ୍ଗୁଆ ପାଇଁ ଦୟାନଦୀ ଜଳ ପ୍ରଦୂଷିତ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

**ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯାଉ: ଜିଲାପାଳ**

କଣାସ ଅଞ୍ଚଳରେ ବ୍ୟାପିଥିବା ଝାଡ଼ାବାନ୍ତି ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏକ୍ଷେତ୍ରରେ ରୁରାଲ ୱାଟର ସପ୍ଲାୟର ଏବଂ ସାନିଟେଶନ, ସ୍ୱାସ୍ଥ୍ୟ ବିଭାଗ ଏବଂ ଇରିଗେଶନ୍‌ର ମୁଖ୍ୟ ଭୂମିକା ରହିଛି। ବର୍ତ୍ତମାନ ଟ୍ୟାଙ୍କର ସାହାଯ୍ୟରେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇଦେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। କେତେଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଘଟଣା ଏବେ ନିୟନ୍ତ୍ରଣାଧୀନ ରହିଛି। ଅପରପକ୍ଷରେ ମେଗା ପାଇପ୍ ୱାଟର ସପ୍ଲାଏ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ଓ ଏପ୍ରିଲ ମଧ୍ୟରେ ଶେଷ କରିବା ନେଇ ଆଲୋଚନା କରାଯାଇଛି। ଲୋକମାନଙ୍କୁ ପ୍ରତିଦିନ ସଚେତନତା କରାଯାଉଛି। ଦୟା ନଦୀର ପାଣିକୁ ବ୍ୟବହାର ନ କରି ଟ୍ୟାଙ୍କର ପାଣି ବ୍ୟବହାର କରିବା ପାଇଁ କୁହାଯାଉଛି। ମୁଖ୍ୟତଃ ଗଙ୍ଗୁଆ ନାଳର ପାଣି ମିଶି ନଦୀ ପାଣି ଦୂଷିତ ହେଉଛି। ଏନେଇ ବିଗତ ଦିନରେ ବିଡିଏ ପକ୍ଷରୁ ଅନେକ ଯୋଜନା କରାଯାଇଥିଲା। ୱାଟ୍‌କୋ ଓ ପିପିଲି ରାଜସ୍ୱ ଅଧିକାରୀମାନେ ଗଙ୍ଗୁଆ କନଫେନ୍ସ ପଏଣ୍ଟରେ ଜମି ଚିହ୍ନଟ କରିଛନ୍ତି। ତେଣୁ ୱାଟ୍‌କୋ ପକ୍ଷରୁ ଯଥାଶୀଘ୍ର ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଗଲେ ନଦୀ ପାଣିର ପ୍ରଦୂଷଣ କମିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜ୍ଜା ଯାଇଛି।

## ଏସ୍‌ସିବିରୁ ମହିଳା କଏଦୀ ଚମ୍ପଟ

କଟକ/ଚୌଦ୍ୱାର,୨୨।୧
(ଶିଳ୍ପା ପ୍ରିୟଦର୍ଶିନୀ/ଆଶୁତୋଷ ଦାସ)

ଏସ୍‌ସିବି ମେଡିକାଲରୁ ଗୀତାଞ୍ଜଳି ବାରିକ ନାମ୍ନୀ ଜଣେ ମହିଳା କଏଦୀ ବୁଧବାର ଚମ୍ପଟ ମାରିଛନ୍ତି। ତାଙ୍କ ଘର ବାଲେଶ୍ୱର ଅଞ୍ଚଳରେ ହୋଇଥିବାବେଳେ ସେ କଟକ ଜିଲା ମାହାଙ୍ଗା ଥାନା ଅଧୀନ ସାହାସପୁର ଗ୍ରାମରେ ରହୁଥିଲେ। କିଛିଦିନ ତଳେ ସେ ଏକ ଠକେଇ ଘଟଣାରେ ଗିରଫ ହୋଇ ଚୌଦ୍ୱାର ଜେଲ ଯାଇଥିଲେ। ସେଠାରେ ସେ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଅଲଟ୍ରାସାଉଣ୍ଡ ନିମନ୍ତେ ରଞ୍ଜନରଶ୍ମି ବିଭାଗକୁ ଜଣେ ମହିଳା କନ୍‌ଷ୍ଟେବଲ୍‌ଙ୍କ ଉପସ୍ଥିତିରେ ତାଙ୍କୁ ନିଆଯାଇଥିଲା। ହେଲେ ଉକ୍ତ ବିଭାଗରେ ପ୍ରବଳ ଭିଡ଼ ହୋଇଥିବାରୁ ଏହାର ଫାଇଦା ଉଠାଇ ମହିଳା କଏଦୀ ଜଣଙ୍କ ଚମ୍ପଟ ମାରିଥିବା ମେଡିକାଲ ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ କହିଛନ୍ତି।

# ନେତାଜୀଙ୍କୁ ଜାତୀୟ ପୁତ୍ର ଘୋଷଣା ପାଇଁ ହାଇକୋର୍ଟରେ ମାମଲା

କଟକ,୨୨।୧(କାର୍ତ୍ତିକ ସାହୁ)

ଆଜାଦ ହିନ୍ଦ୍ ଫୌଜ୍‌ର ପ୍ରତିଷ୍ଠା ଦିବସକୁ ଜାତୀୟ ଦିବସ ପାଳନ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଜାତୀୟ ପୁତ୍ର ଭାବେ ଘୋଷଣା କରିବା ପାଇଁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଗୁରୁବାର ନେତାଜୀ ଜୟନ୍ତୀ ପାଳନ ହେଉଥିବାବେଳେ ଏଭଳି ମାମଲାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଜବାବ ଦାଖଲ ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ବୁଧବାର ନୋଟିସ ଜାରି କରିଛନ୍ତି। ଆସନ୍ତା ଫେବୃୟାରୀ ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନିଖୋଜ ହେବାର ୭୮ବର୍ଷ ବିତିଲାଣି। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଦେଶରେ ଉଚିତ୍ ସମ୍ମାନ ମିଳିପାରିନାହିଁ। ଦେଶପ୍ରତି ନେତାଜୀଙ୍କ ଅବଦାନ ଓ ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କର ଅତୁଳନୀୟ ବଳିଦାନ ଦୃଷ୍ଟିରୁ ତାଙ୍କୁ ଜାତୀୟ ପୁତ୍ର ଭାବେ ସରକାର ଘୋଷଣା କରିବା ଆବଶ୍ୟକ। ତାଙ୍କ ଦ୍ୱାରା ଗଠିତ ଆଜାଦ ହିନ୍ଦ୍ ଫୌଜର ପ୍ରତିଷ୍ଠା ଦିବସକୁ ଜାତୀୟ ଦିବସ ଭାବେ ପାଳନ କରାଯିବାକୁ ମଧ୍ୟ ଘୋଷଣା କରିବା ଦରକାର। ସେହିପରି ତାଙ୍କର ଜନ୍ମସ୍ଥାନକୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରାଯିବା ଲାଗି ମଧ୍ୟ ଆବେଦନରେ ଦର୍ଶାଯାଇଛି। କଟକର ସାମାଜିକ କର୍ମୀ ପିନାକ ପାଣି ମହାନ୍ତିଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି।

## ୩ଜଣ ଗାଁ ଲୋକଙ୍କ ସାକ୍ଷ୍ୟ ଗ୍ରହଣ

ଭୁବନେଶ୍ୱର,୨୨।୧(ସତ୍ୟଜିତ୍ ରାଉତ)

**୬୦ଟଙ୍କା ପାଇଁ ସାଙ୍ଗକୁ ହତ୍ୟା ଘଟଣା**

ଚନ୍ଦକା ଥାନା ଅଞ୍ଚଳରେ ମାତ୍ର ୬୦ ଟଙ୍କା ପାଇଁ ସୁଶାନ୍ତ ଗୁଡୁଙ୍କୁ ଦୁଇ ସାଙ୍ଗ ହତ୍ୟା ଘଟଣାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ରେ ଶୁଣାଣି ପ୍ରକ୍ରିୟା ଚାଲୁ ରହିଛି। ମଙ୍ଗଳବାରଠାରୁ କୋର୍ଟରେ ଜେରା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନ ବାପା ରାମଚନ୍ଦ୍ର ଓ ଜଣେ ସମ୍ପର୍କୀୟ ଜେଜେବାପାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ବୁଧବାର ଗାଁର ୩ଜଣ ଲୋକଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ତେବେ ଏହି ମାମଲାର ଶୁଣାଣି ଫେବୃଆରୀ ୪ ଓ ୫କୁ ଘୁଞ୍ଚିଛି। ଉକ୍ତଦିନ ବାକି ସାକ୍ଷ୍ୟଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବାରଙ୍ଗ ଥାନା ଅଧୀନ କନକଦୁର୍ଗା ଆଦିବାସୀ ସାହିର ସୁଶାନ୍ତ ତାଙ୍କ ଦୁଇ ସାଙ୍ଗ ରାଜେନ୍ଦ୍ର ହାଜଦା ଓ ମୋହନ ମାର୍ଣ୍ଡିଙ୍କ ସହ ୨୦୨୪ ଜୁନ ୧୧ ରାତିରେ ଚୂଡଙ୍ଗକୁ ମଦ୍ୟପାନ କରିବାକୁ ଯାଇଥିଲେ। ବାଟରେ ମଦ୍ୟପାନ ପରେ ସେମାନଙ୍କ ସ୍କୁଟିରୁ ତେଲ ସରିଯିବାରୁ ସମସ୍ୟାରେ ପଡ଼ିଥିଲେ। ସୁଶାନ୍ତଙ୍କୁ ତେଲ ପକାଇବାକୁ ଦୁଇ ସାଙ୍ଗ ୬୦ ଟଙ୍କା ମାଗିଥିଲେ। ସୁଶାନ୍ତ ଟଙ୍କା ଦେବାକୁ ଅରାଜି ହେବାରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ସୁଶାନ୍ତଙ୍କୁ ଦୁଇ ସାଙ୍ଗ ବଳପୂର୍ବକ ଗାମୁଛାରେ ଭିଡି ହତ୍ୟା କରିଥିଲେ। ଏନେଇ ସୁଶାନ୍ତଙ୍କ ବାପା ରାମଚନ୍ଦ୍ର ଗୁଡୁଙ୍କ ଏତଲାକ୍ରମେ ଚନ୍ଦକା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଏହି ମାମଲାରେ ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କୁନୁ



@ ସନ୍ତୋଷ



@ ବିଷ୍ଣୁ



@ ସୁନୀଲ



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷାଦାନ ପଦ୍ଧତିର ଉନ୍ନତୀକରଣକୁ ଗୁରୁତ୍ୱ



କର୍ମଶାଳାରେ ଏନ୍‌ସିଇଆର୍‌ଟି ପ୍ରଫେସର ସୁନିତି ସାନ୍ୱାଲ ଓ ଅନ୍ୟମାନେ।

**ଜାତୀୟ ଶିକ୍ଷା ନୀତି ୨୦୨୦ କର୍ମଶାଳାର ଦ୍ୱିତୀୟ ଦିନ**

ଭୁବନେଶ୍ୱର,୨୨।୧(ସୁଚିସ୍ମିତା ସାହୁ)

ଜାତୀୟଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରିତାକୁ ନେଇ ଲୋକସେବା ଭବନରେ ଚାଲିଥିବା ଜାତୀୟସ୍ତରୀୟ କର୍ମଶାଳାର ବୁଧବାର ଦ୍ୱିତୀୟ ଦିନରେ ବ୍ୟାପକ ଆଲୋଚନା ହୋଇଛି। ଏନ୍‌ସିଇଆର୍‌ଟି ପ୍ରଫେସର ସୁନିତି ସାନ୍ୱାଲ ଅଧ୍ୟକ୍ଷତା କରିଥିବାବେଳେ ଶିଶୁ ବାଟିକାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିକାଶ, ବିଭିନ୍ନ କାର୍ଯ୍ୟ, ସମୟସୀମା ଏବଂ କାର୍ଯ୍ୟ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି। ପାଠ୍ୟକ୍ରମ ଭାର ହ୍ରାସ କରିବା, ଧନ୍ଦାମୂଳକ ଶିକ୍ଷା ପ୍ରଚଳନ, ଅଭିଜ୍ଞତାମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ନୂତନ ବିଷୟ ପ୍ରଚଳନ ସହ ଅଭିନବ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା, ବିବିଧ ମୂଲ୍ୟାଙ୍କନର ବ୍ୟବହାର ଏବଂ ଶିକ୍ଷା ମାନଦଣ୍ଡ ହାସଲ କରିବା ପାଇଁ ସୁସଂଗଠିତ ସମୟସୀମା ସୁନିଶ୍ଚିତ କରିବା ବିଷୟରେ ଆଲୋଚନା ହୋଇଥିଲା। ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩କୁ ନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ଗ୍ରୁପ୍ ମାନସମନ୍ଥନ କରିଥିଲେ। ଏକାଧିକ ବୋର୍ଡର ଏକୀକରଣ, ସ୍ପଷ୍ଟ ପାଠ୍ୟକ୍ରମ ଏବଂ ଶିକ୍ଷଣ ଫଳାଫଳ ସହିତ ଏକ ମାଧ୍ୟମିକ ପର୍ଯ୍ୟାୟ-୨ ରାଜ୍ୟ ପାଠ୍ୟକ୍ରମ ରୂପରେଖ ବିକଶିତ କରିବା ଉପରେ ମତ ଦେଇଥିଲେ।

ସେହିପରି ଏନ୍‌ସିଇଆରଟି ପ୍ରଫେସର ଇନ୍ଦ୍ରାଣୀ ଭାଦୁରୀଙ୍କ ଅଧ୍ୟକ୍ଷତାରେ ଶିକ୍ଷକମାନେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଗ୍ରେଡ୍‌ସ୍ତରରେ ହୋଲିଷ୍ଟିକ ପ୍ରୋଗ୍ରେସ କାର୍ଡ ଏବଂ ମୂଲ୍ୟାଙ୍କନ ରେଜିଷ୍ଟର କାର୍ଯ୍ୟକାରୀ କରିବା ଉପରେ କହିଥିଲେ। ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଶିକ୍ଷା ପାଇଁ କାର୍ଯ୍ୟାନ୍ୱୟନ ଯୋଜନାର ରୂପରେଖ ଉପସ୍ଥାପନ କରାଯାଇଥିଲା। ଭିତ୍ତିଭୂମି ଓ ପାଣ୍ଠି, ଶିକ୍ଷକ ନିଯୁକ୍ତି ଓ ସେମାନଙ୍କ ତାଲିମ ଉପରେ ଧ୍ୟାନ ଦେବା ସହ ମୂଲ୍ୟାଙ୍କନ କରି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷାଦାନ ଏବଂ ପ୍ରଶାସନିକ ପ୍ରକ୍ରିୟାରେ ପ୍ରଯୁକ୍ତି ବିଦ୍ୟା ତଥା କୃତ୍ରିମ ବୁଦ୍ଧିମତ୍ତାର ଉପଯୁକ୍ତ ତଥା ନିରାପଦ ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଛି।

ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଏବଂ ଟିଏଲ୍‌ଏମ୍ ବିକାଶ ନିମନ୍ତେ ଏକ କାର୍ଯ୍ୟ ଯୋଜନା ବିକଶିତ କରିବା ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ତତ୍କାଳ କାର୍ଯ୍ୟସୀମା ୬ମାସ ରଖାଯାଇଥିବାବେଳେ ସ୍ୱଳ୍ପକାଳୀନ ୬ରୁ ୧୨ ମାସ ରହିଛି। ସେହିପରି ଦୀର୍ଘକାଳୀନ ସମୟ ସୀମା ୧ବର୍ଷରୁ ଅଧିକ ରହିଥିବା ସୂଚନା ଦିଆଯାଇଛି। ଏହି କର୍ମଶାଳାରେ ପ୍ରଫେସର କେ. ବିଜୟନ, ଏନ୍‌ସିଇଆର୍‌ଟି ଡିନ୍ ରିସର୍ଚ୍ଚ ପ୍ରଫେସର ଦିନେଶ କୁମାର, ଏନ୍‌ସିଟିଇ ପ୍ରଫେସର ପଙ୍କଜ ଆରୋରା, ପ୍ରଫେସର ଭି. ଏସ୍. ମେହରୋତ୍ରା, ଏକ୍‌ଷ୍ଟେପ୍‌ର ପ୍ରତିଷ୍ଠାତା ଶଙ୍କର ମାରୱାଡା, ଭୁବନେଶ୍ୱରସ୍ଥିତ ଆର୍‌ଆଇଇର ପ୍ରଫେସର ଆର୍. ମୋହାଲିକ, ଏନ୍‌ଆଇପିଏ ପ୍ରଫେସର ଶଶିକଳା ୱାଞ୍ଜାରୀ, ଏସ୍‌ସିଇଆର୍‌ଟିର ପ୍ରଫେସର ରଞ୍ଜନ ଆରୋରା, ପ୍ରଫେସର ଉଷା ଶର୍ମା ପ୍ରମୁଖ ଆଲୋଚନା କରିଥିଲେ।

# ସୋଆରେ ରପ୍ତାନି କ୍ଷେତ୍ରରେ ଦକ୍ଷତା ବୃଦ୍ଧି କର୍ମଶାଳା




ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ବୈଦେଶିକ ବାଣିଜ୍ୟ, ଲଜିଷ୍ଟିକ୍ ଏବଂ ରପ୍ତାନି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ସମ୍ପର୍କିତ ଏକ କର୍ମଶାଳା ବୁଧବାର ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରୁ ବିଶେଷଜ୍ଞମାନେ ଯୋଗଦେଇ ରପ୍ତାନି କ୍ଷେତ୍ରରେ ବିଭିନ୍ନ ସୁବିଧା ଓ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଅଲ୍ ଓଡ଼ିଶା ଏସ୍‌ସିଏସ୍‌ଟି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍(ଓଏସ୍‌ସିଆଇ) ପକ୍ଷରୁ ଏଗ୍ରିକଲ୍‌ଚରାଲ ଆଣ୍ଡ ପ୍ରୋସେସଡ୍ ଫୁଡ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି (ଏପିଇଡିଏ) ଓ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭେଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ଆଇଡିବିଆଇ) ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏସ୍‌ଆଇଡିବିଆଇ ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ଯୋଗଦେଇ କହିଲେ, ବ୍ୟାଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସହଯୋଗ କରିଆସୁଛି। ପ୍ରଶିକ୍ଷଣ ଶିବିର, ମାର୍କେଟିଂ ସହାୟତା, ଟେକ୍ନୋଲୋଜି ପ୍ରୟୋଗ ତଥା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଅଂଶଗ୍ରହଣ ପାଇଁ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ସୁଯୋଗ ପାଉଛନ୍ତି। ଶିଳ୍ପ ଓ ବାଣିଜ୍ୟ ବିଭାଗର ବୈଦେଶିକ ବ୍ୟାପାର ଯୁଗ୍ମ ନିର୍ଦ୍ଦେଶକ ଅମିତ୍ କୁମାର ଆମଦାନୀ ଓ ରପ୍ତାନିରେ ଉନ୍ନତି ସମ୍ପର୍କରେ ମତ ରଖିବା ସହ ଗ୍ରାହକଙ୍କୁ ଚିହ୍ନଟ କରିବାରେ ଆଇଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଥିବା କହିଥିଲେ। ଏପିଇଡିଏ ଆଞ୍ଚଳିକ ମୁଖ୍ୟ ଏସ୍. କେ. ମଣ୍ଡଳ ଖାଦ୍ୟ ଓ କୃଷି କ୍ଷେତ୍ରରୁ ରପ୍ତାନି ପାଇଁ ରହିଥିବା ସୁଯୋଗ ସମ୍ପର୍କରେ କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଓଏସ୍‌ଏମ୍‌ଇଇ ସେକ୍ରେଟାରି ଜେନେରାଲ ସ୍ୱସ୍ତିକ ସ୍ୱାଇଁ ଓଏସ୍‌ସିଆଇ ସଭାପତି ସାଧୁ କ୍ଷତ୍ରୀୟ, ନାବାର୍ଡ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ବିଜୟ କୁମାର ଜାମୁଦା, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ନିମେଶିକା ନଟରାଜନ, ଇନଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍ସେସ ଅଫ୍ ସୋଆର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ପ୍ରଫେସର ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଅଭିଭାଷଣ ରଖିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପ୍ରୀଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ୟାକ୍ସ ସ୍ଲାବ୍‌ରେ ହୋଇପାରେ ପରିବର୍ତ୍ତନ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

## ବଜେଟ ୨୦୨୫




ଫେବୃଆରୀ ପହିଲାରେ ଦେଶର ସାଧାରଣ ବଜେଟ ଉପସ୍ଥାପିତ ହେବାକୁ ଯାଉଛି ଏବଂ ଏଥର ଟ୍ୟାକ୍ସ ସ୍ଲାବ୍‌ରେ ପରିବର୍ତ୍ତନ ଏବଂ ନୂତନ ଟିକସ ବ୍ୟବସ୍ଥା ନେଇ ଆଲୋଚନା ହେଉଛି। ଏହି ବଜେଟ ସାଧାରଣ ନାଗରିକ, ବିଶେଷକରି ମଧ୍ୟବିତ୍ତ ଏବଂ ଉଚ୍ଚ ଆୟକାରୀଙ୍କ ପାଇଁ ଆୟକର କ୍ଷେତ୍ରରେ ଅନେକ ଆଶ୍ୱସ୍ତି ଆଶା କରାଯାଉଛି। ୨୦୨୫ ବଜେଟରେ ନୂତନ ଟିକସ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସମୁକ୍ତ କରିବାକୁ ସରକାର ବିଚାର କରୁଛନ୍ତି। ଏହାର ଅର୍ଥ ହେଉଛି ଯଦି ଜଣଙ୍କର ବାର୍ଷିକ ଆୟ ୧୦ ଲକ୍ଷ ଟଙ୍କା ମଧ୍ୟରେ ରହିଛି ତେବେ ତାଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ। ଯଦି ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ ମଧ୍ୟବିତ୍ତମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିବ। ସୂଚନା ଥାଉକି, ବର୍ତ୍ତମାନ, ଯଦି କାହାର ବାର୍ଷିକ ଆୟ ୧୫ ଲକ୍ଷରୁ ଅଧିକ, ତେବେ ଏହା ଉପରେ ୩୦% ଟିକସ ଆଦାୟ କରାଯାଏ। ମାତ୍ର ୨୦୨୫ରୁ ୨୦ଲକ୍ଷ ମଧ୍ୟରେ ଆୟ ଥିବା ଲୋକଙ୍କ ପାଇଁ ବଜେଟ ୨୦୨୫ ରେ ଏକ ନୂତନ ସ୍ଲାବ୍ ପ୍ରଚଳନ କରାଯାଇପାରେ। ଏହି ନୂତନ ସ୍ଲାବ୍‌ରେ ଟ୍ୟାକ୍ସ ୩୦%ରୁ ୨୫% କୁ ହ୍ରାସ କରାଯାଇପାରେ। ଏହି ପରିବର୍ତ୍ତନ ବିଶେଷ ଭାବରେ ଉଚ୍ଚ ଆୟକାରୀ ଗୋଷ୍ଠୀ ପାଇଁ ଶୁଭଙ୍କର ହୋଇପାରେ ଏବଂ ସେମାନେ ଭାରି ଟିକସ ହାରକୁ ଏଡାଇପାରିବେ। ନୂତନ ଟିକସ ବ୍ୟବସ୍ଥାରେ ୭.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ନାହିଁ। ଯଦି ଏହି ସୀମା ୧୦ ଲକ୍ଷକୁ ବୃଦ୍ଧି କରାଯାଏ, ତେବେ ଅନେକ ଲକ୍ଷ ଲୋକ ଏଥିରୁ ଉପକୃତ ହେବେ। ଏହି ପରିବର୍ତ୍ତନ ପରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇପାରିବ, ଯେଉଁ କାରଣରୁ ଛୋଟ ଏବଂ ମଧ୍ୟବିତ୍ତ ଲୋକମାନେ ଅଧିକ ଲାଭ ପାଇପାରିବେ। ଅଧିକ କରଦାତାଙ୍କୁ ନୂତନ କର ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ଏହାର ଉଦ୍ଦେଶ୍ୟ ରହିଛି। ବଜେଟ ୨୦୨୫ରେ ମଧ୍ୟବିତ୍ତ ଲୋକଙ୍କୁ ରିଲିଫ ଦେବା ସହ ଏହା ଭାରତୀୟ ଅର୍ଥନୀତିରେ ପ୍ରେରଣା ଯୋଗାଇବ। ଟିକସ ଛାଡ଼ ଏବଂ ସ୍ଲାବ୍‌ରେ ପରିବର୍ତ୍ତନ ହେତୁ ଲୋକଙ୍କ ହାତରେ ଅଧିକ ଟଙ୍କା ରହିବ, ଯାହା ସେମାନେ ଖର୍ଚ୍ଚ କରିପାରିବେ। ଏହା ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଘଟାଇବ ବୋଲି ଆଶା କରାଯାଉଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୨।୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୬୭ (୫୬୬.୬୩) ପଏଣ୍ଟ ବଢ଼ି ୭୬,୪୦୫ (୭୬,୪୦୪.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୩୧ (୧୩୦.୭୦) ପଏଣ୍ଟ ବୃଦ୍ଧି ଘଟି ୨୩,୧୫୫ (୨୩,୧୫୫.୩୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ନରାକାସ୍‌ର ୫୭ତମ ଅର୍ଦ୍ଧବାର୍ଷିକ ବୈଠକ



ଭୁବନେଶ୍ୱର,୨୨।୧

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବା ନରାକାସ୍ ବ୍ୟାଙ୍କ ଭୁବନେଶ୍ୱରର ୫୭ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱରରେ ଆୟୋଜିତ ବୈଠକରେ ନରାକାସ୍ ବ୍ୟାଙ୍କର ଅଧ୍ୟକ୍ଷ ତଥା ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ଅଧ୍ୟକ୍ଷତା କରିଥିଲାବେଳେ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ)ବିଚିତ୍ରସେନ ଗୁପ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡା. ସୁଧାଂଶୁ କେ କେ ମିଶ୍ରା, ନରାକାସ୍‌ର ଉପାଧ୍ୟକ୍ଷ ତଥା ଏସ୍‌ବିଆଇ ସିଡିଓ ମନୋଜ କୁମାର ସିଂହଙ୍କ ସମେତ ଭୁବନେଶ୍ୱରସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ବୈଠକରେ ଗତ ବର୍ଷ ରାଜଭାଷାର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟାଙ୍କ ଓ ବୀମା କମ୍ପାନୀଗୁଡ଼ିକୁ 'ନରାକାସ୍ କ୍ଷେତ୍ରୀୟ ରାଜଭାଷା ଶିଲ୍ଡ' ପ୍ରଦାନ କରାଯାଇଥିବାବେଳେ ୨୦୨୪ରେ ଶ୍ରେଷ୍ଠ ରାଜଭାଷା କାର୍ଯ୍ୟ କରିଥିବା ସଦସ୍ୟ କାର୍ଯ୍ୟାଳୟଗୁଡ଼ିକୁ ଶିଲ୍ଡ ପ୍ରଦାନ କରାଯାଇଥିଲା ଏବଂ ସଦସ୍ୟ କାର୍ଯ୍ୟାଳୟମାନଙ୍କ ପକ୍ଷରୁ ଆୟୋଜିତ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ନରାକାସ୍‌ର ବାର୍ଷିକ ପତ୍ରିକା ମହାନଦୀ ଏବଂ ଏସ୍‌ବିଆଇର ତ୍ରୈମାସିକ ପତ୍ରିକା ଉତ୍କଳ ବୈଭବ ଓ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପତ୍ରିକା 'ୟୁନିୟନ ଉତ୍କଳ ଧାରା' ଉନ୍ମୋଚିତ ହୋଇଥିଲା। ଅପରପକ୍ଷରେ ନରାକାସ୍ ସଦସ୍ୟ ସଚିବ ତଥା ଏସ୍‌ବିଆଇର ସହାୟକ ମହାପ୍ରବନ୍ଧକ (ରାଜଭାଷା) ବିବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ କାନାରା ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ (ରାଜଭାଷା) ବାଳକୃଷ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।


(ଶତାୟୁଭବ) ତୃତୀୟ ଜନ୍ମଦିନର ଶୁଭେଚ୍ଛା



ପ୍ରୀଶା

କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ,
ଓଠେ ଥାଉ ହସ ଜୀବନ ସାରା
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।
ଆଶୀର୍ବାଦ ସହ: ପାପା, ମାମା, କେକେ, କେକେମା, ସୀମାଅପା ଓ ଲିମାଅପା ।
ଧ-୭୬୦୪୦


# ବଜାରରେ କିଆର ଅଲ୍ ନ୍ୟୁ 'ସିରୋସ୍'




ଭୁବନେଶ୍ୱର,୨୨।୧(ଅଭୟ ଦାଶ)

କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ କିଆ ସିରୋସ୍'ର ବିଶ୍ୱସ୍ତରୀୟ ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ସେଣ୍ଟ୍ରାଲ କିଆ ଭୁବନେଶ୍ୱର ପାହାଲ ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇର ଉପ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆର ଜିଏମ୍ ପ୍ରଶାନ୍ତ ବେହେରାଙ୍କ ସମେତ ଏଜିଏମ୍ ସରୋଜ କୁମାର କୁଅଁର ଏବଂ ଏଜିଏମ୍ ଅରବିନ୍ଦ ସିହ୍ନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସେଣ୍ଟ୍ରାଲ କିଆର ଏମ୍‌ଡି ବିଶାଳ ଧାୱନ କହିଥିଲେ, ଅଲ୍ ନ୍ୟୁ 'ସିରୋସ୍'କୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଉତ୍ପାଦନ ଫୋର୍ଟଫୋଲିଓକୁ ଆହୁରି ଆଗକୁ ନେବା ସହିତ ଏସ୍‌ୟୁଭି ବିଭାଗର ବିଭିନ୍ନ ପ୍ରକାର ନୂତନ ଯାନକୁ ଅଧିକ ଆରାମଦାୟକ, ଆଧୁନିକ ଜ୍ଞାନକୌଶଳ ତଥା ଏକ ମଜଭୁତ ଗଠନ ପ୍ରଣାଳୀକୁ ସଂଯୋଗକରି ଭିନ୍ନ ରୂପରେ ଉପସ୍ଥାପିତ କରିବାରେ ସକ୍ଷମ ହୋଇପାରିଛୁ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ 'ସିରୋସ୍'ରେ ଅତି ସୁନ୍ଦର ଭାବେ ଦୃଶ୍ୟମାନ ଦୁଇଟି ପ୍ୟାନେଲ ଯୁକ୍ତ ସନ୍‌ରୁଫ୍, ଲେବଲ୨ ଆଡାସ (ଏଡିଏଏସ୍) ସହିତ ୧୬ଟି ସ୍ୱୟଂଚାଳିତ ସୁରକ୍ଷା ବୈଶିଷ୍ଟ୍ୟ ସାଙ୍ଗକୁ ବିସ୍ତାରିତ ସମ୍ପନ୍ନ ୨୦ଟି ଉଚ୍ଚମାନର ସୁରକ୍ଷା ପ୍ୟାକେଜ ସାମିଲ ରହିଛି। ଏପରିକି ୨ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ଅତ୍ୟାଧୁନିକ ଫିଚରର ସମ୍ଭାର ଅନ୍ତର୍ଭୁକ୍ତ ରହିଛି।

# ଇପିଏଫ୍‌ଓରେ ଯୋଡ଼ିହେଲେ ୧୪.୬୩ ଲକ୍ଷ ସଦସ୍ୟ

ଭୁବନେଶ୍ୱର,୨୨।୧
(ଅନୁରାଧା ମହାରଣା)




କର୍ମଚାରୀଙ୍କ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ) ନଭେମ୍ବର ୨୦୨୪ ପାଇଁ ଅସ୍ଥାୟୀ ବେତନ ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ୨୦୨୪ ନଭେମ୍ବରରେ ୧୪.୬୩ ଲକ୍ଷ ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଛନ୍ତି। ୨୦୨୪ ଅକ୍ଟୋବର ତୁଳନାରେ ନଭେମ୍ବରରେ ସଦସ୍ୟଙ୍କ ସଂଖ୍ୟାରେ ୯.୦୭% ବୃଦ୍ଧି ରେକର୍ଡ କରାଯାଇଛି। ସେହିପରି ୨୦୨୩ ନଭେମ୍ବର ତୁଳନାରେ ସଦସ୍ୟଙ୍କ ସଂଖ୍ୟା ୪.୮୮% ବୃଦ୍ଧି ପାଇଛି। ଇପିଏଫ୍‌ଓ ତଥ୍ୟ ଅନୁଯାୟୀ, କର୍ମଚାରୀଙ୍କ ମଧ୍ୟରେ ରୋଜଗାରର ସୁଯୋଗ ଏବଂ ଲାଭ ବିଷୟରେ ସଚେତନତା ବୃଦ୍ଧି ପାଇଛି। ଇପିଏଫ୍‌ଓ କହିଛି ଯେ, ନଭେମ୍ବର ଇପିଏଫ୍‌ଓରେ ଯୋଡ଼ି ହୋଇଥିବା ସଦସ୍ୟଙ୍କ ମଧ୍ୟରେ ପ୍ରାୟ ୮.୭୪ ଲକ୍ଷ ନୂତନ ସଦସ୍ୟ ଅଛନ୍ତି। ଅକ୍ଟୋବର ତୁଳନାରେ ନୂତନ ସଦସ୍ୟଙ୍କ ଯୋଗଦାନ ୧୬.୫୮% ବୃଦ୍ଧି ପାଇଛି। ବାର୍ଷିକ ଭିତ୍ତିରେ ୨୦୨୩ ନଭେମ୍ବର ତୁଳନାରେ ନୂତନ ସଦସ୍ୟଙ୍କ ସଂଖ୍ୟାରେ ୧୮.୮୦% ବୃଦ୍ଧି ଘଟିଛି। ୧୮ ରୁ ୨୫ ବର୍ଷ ବୟସ ବର୍ଗରେ ଯୋଗ ଦେଇଥିବା ସଦସ୍ୟଙ୍କ ସଂଖ୍ୟା ସର୍ବାଧିକ ରହିଛି। ୨୦୨୪ ନଭେମ୍ବରରେ ଇପିଏଫ୍‌ଓରେ ଯୋଗ ଦେଇଥିବା ସଦସ୍ୟମାନଙ୍କ ମଧ୍ୟରୁ ୫୪.୯୭% ୧୮-୨୫ ବୟସ ବର୍ଗର ଅଟନ୍ତି। ଅକ୍ଟୋବର ତୁଳନାରେ ଏହା ୯.୫୬% ଅଧିକ। ବେତନ ତଥ୍ୟରୁ ଜଣାପଡିଛି ଯେ ପ୍ରାୟ ୨.୪୦ ଲକ୍ଷ ନୂତନ ସଦସ୍ୟ ହେଉଛନ୍ତି ମହିଳା। ଏହି ସଂଖ୍ୟାରେ ମାସିକ ଅଭିବୃଦ୍ଧି ୧୪.୯୪% ହୋଇଛି। ୨୦୨୩ ନଭେମ୍ବର ତୁଳନାରେ ଏହି ଆକଳନ ବାର୍ଷିକ ୨୩.୬୨% ଅଭିବୃଦ୍ଧି ଦର୍ଶାଉଛି। ଦେଶର ସମସ୍ତ ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର ନଭେମ୍ବର ମାସରେ ୨୦.୮୬% ନିଟ ସଦସ୍ୟ ଯୋଗ କରି ଆଗୁଆ ରହିଛି। ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା, ଗୁଜରାଟ, ଦିଲ୍ଲୀ, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ନଭେମ୍ବରରେ ୫% ରୁ ଅଧିକ ସଦସ୍ୟଙ୍କୁ ଯୋଗଦାନ ଦେଇଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399. D-2670

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 6370277334. D-2671

G+2 residential building Mukunda Prasad Housing Board near Industrial Police Station, Barunei Bypass Road, Khorda. Contact- 9337371391, 7978836746. D-2653

নିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




A four storied building (on Patia-Infocity main road) with Six Halls & five bedrooms with Toilet and another building in same plot with Five rooms and Toilets to be rented. Suitable for Nursing Home/ Office/ Coaching Center. 9078630318, 9435193999. D-2673




Newly open health benefits SPA special Offer @ 799 Bapujinagar. 8018429809. D-76189

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I, SHIEKH HYDER, aged about 58years, S/o- Shiekh Myjar, resident of At-Andilo, P.O./P.S.-Balianta, Dist.-Khurda, PIN-752101, Odisha, Mob. No.- 9937867677 do hereby declare to the general public that I have lost the original registered sale deed No.-2536, dt. 09.06.1994 and record of right of Khata No.- 616/94 in the name of Shiekh Myjar @ Maijhar Ali during the super cyclone of the year 1999 and hence I do not possess the same. D-75589

**AFFIDAVIT**

By virtue of an affidavit sworn before Executive Magistrate, Banpur, Khurda, dated- 06.01.2025, I Chuchula Biswal, Address: Village- Gandhinagar, P.O./P.S.- Balugaon, Dist.- Khurda, Odisha, 752030 declare that I have changed my son's name from Chiranjiv Biswal to Ayaan Chuchu Biswal. Henceforth, he shall be known as Ayaan Chuchu Biswal for all purposes. Chuchula Biswal D-2666

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit dt-21.01.2025 before the Court of Executive Magistrate, Khordha, I Laxmipriya Patra, At/ P.O./P.S.- Nirakarpur, Dist.-Khordha have changed by name from Laxmipriya Patra to AYESHA FATMA, W/o- Ijhar Alli Saha as per my husband's title for all purposes. D-2667

ମୁଁ ସୁଜାତା ସାମନ୍ତରାୟ ଓରଫ ବିଷ୍ଣୁପ୍ରିୟା ସାମନ୍ତରାୟ, ସ୍ୱା- ରଞ୍ଜନ ସାମନ୍ତରାୟ ଓରଫ ରଞ୍ଜନ କୁମାର ସାମନ୍ତରାୟ, ଗ୍ରାମ- ଜରିପୁଟ, ଖୋରଧା, Affidavit No.- 216/22-01-2025 ଅନୁଯାୟୀ ଘୋଷଣାକରୁଛି ଯେ, ଆଜିଠାରୁ L.I.C. ସହିତ ସମସ୍ତ କ୍ଷେତ୍ରରେ ମୋର ନାମ ଶ୍ରୀମତୀ ସୁଜାତା ସାମନ୍ତରାୟ ରୂପେ ବିବେଚନା କରାଯିବ। ଧ-73572

By virtue of an affidavit before Executive Magistrate, Bhadrak, I, Kalyani Bala Nayak (55 Years), W/o- Dr. Santosh Kumar Jena, presently residing At- Mathasahi (Dhanigadhia), P.O.- Charmpa, P.S./Dist.- Bhadrak and permanent residing of Tulasipur, P.O.- Bidanasi, Dist.- Cuttack declare that my actual name is Kalyani Bala Nayak as per Aadhaar Card. But in some records my name has been wrongly mentioned Kalyani Nayak. Both names are same and one person. D-2674



# ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଦର୍ଶନ ପ୍ରଧାନ
ଆବିର୍ଭାବ: ୦୫।୦୭।୧୯୨୯
ତିରୋଧାନ: ୧୨।୦୧।୨୦୨୫
ଧଉରାଗୋଠ, ଅନୁଗୋଳ, ବଇଣ୍ଡା
ତୁମେ ଯେଉଁଠି ବି ଥାଅ ଭଗବାନ ତୁମକୁ ଭଲରେ ରଖନ୍ତୁ ।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ପ୍ରଧାନ ପରିବାରବର୍ଗ
ଧ-୭୬୬୮

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲୋଭା ଦାସ
ବିଶ୍ୱାଳପଡ଼ା, କିଶୋର ନଗର, କଟକ ସଦର
ତିରୋଧାନ ତା: ୧୨।୦୧।୨୦୨୫
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମ ଆତ୍ମା ଶାନ୍ତିରେ ରହିଥାଉ ।
ହତଭାଗ୍ୟ ପୁତ୍ର: କୈଳାସ, ରମେଶ ଓ ବିଳାସ
(ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, କଟକ ଜୋନ୍ ନଂ- ୭)
ପୁତ୍ରବଧୂ, ନାତି, ନାତୁଣୀ, ଅଣନାତି, ନାତୁଣୀ, ପରିବାର ଓ ବନ୍ଧୁବର୍ଗ ।
ଧ-୭୬୬୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଗଭୀର ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦେବରାଜ ପ୍ରଧାନ
ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ମଣିଷ ସ୍ୱର୍ଗତ ଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର
ଆବିର୍ଭାବ: ୧୩.୦୨.୧୯୫୭
ତିରୋଧାନ: ୦୪.୦୨.୨୦୨୪
ଶ୍ରଦ୍ଧାଞ୍ଜଳି ସଭା -
୨୩.୦୧.୨୦୨୫ (ଗୁରୁବାର) ସନ୍ଧ୍ୟା ୬.୦୦ ଘଟିକା
ଡିହସାହି, ଗଡିରାଉତପାଟଣା, କଟକ
ଆପଣ ଯିବା ଦିନରୁ ଆମ ପରିବାରରେ ନିଦ ହଜିଯାଇଛି ।
ପତ୍ନୀ ଶ୍ରୀମତୀ ଅମ୍ବିକା ପ୍ରଧାନ
ଭାଇ-ବିଜୟ, ପୁଷ୍ପରାଜ, ସଂଜୟ, ପୃଥୀରାଜ, ପ୍ରଜ୍ଞାରାଜ
ଭଉଣୀ- ସତ୍ୟଭାମା, ହେମବତୀ
ସ୍ୱର୍ଗତ ଦେବରାଜ ପ୍ରଧାନ, ଟ୍ରଷ୍ଟି, ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟଙ୍କ ଗଭୀର ଶ୍ରଦ୍ଧାଞ୍ଜଳି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଡ଼ଃ ପ୍ରଫେସର ବୁଦ୍ଧଦେବ ମିଶ୍ର
ଧ-୭୬୬୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# ଆଇଫୋନ୍‌ରେ ଟ୍ରୁକଲର କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୨।୧

ପ୍ରିମିୟମ ସ୍ମାର୍ଟଫୋନ୍ ଆଇଫୋନ୍‌ରେ ଯୋଗାଯୋଗ ପ୍ଲାଟ୍‌ଫର୍ମ ଟ୍ରୁକଲର କାର୍ଯ୍ୟକ୍ଷମ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନୂଆ ଅପଡେଟ୍ ବର୍ତ୍ତମାନ ସବୁଠି ଆଇଫୋନ୍ ବ୍ୟବହାରକାରୀଙ୍କୁ ଟ୍ରୁକଲରର ସ୍ପାମ୍ ଏବଂ ସ୍ପାମ୍ ଅବରୋଧ କ୍ଷମତାର ସମ୍ପୂର୍ଣ୍ଣ ଶକ୍ତି ପ୍ରଦାନ କରୁଛି। ବର୍ତ୍ତମାନ ଏହି ଅପଡେଟ୍ ଆଇଫୋନ୍‌ର ଆଣ୍ଡ୍ରଏଡ୍ ସମକକ୍ଷ ସମସ୍ତ ପ୍ରକାର କଲ୍ ଚିହ୍ନଟ କରିବାର କ୍ଷମତା ରଖିଛି। ଏହା ଆପଲର ଲାଇଭ୍ କଲର ଆଇଡି ଲୁକ୍‌ଅପ୍ ଫ୍ରେମ୍‌ୱାର୍କ ଦ୍ୱାରା ସମ୍ଭବ ହୋଇଛି, ଯାହା ବିଶେଷକରି ଟ୍ରୁକଲର ଭଳି ଆପ୍‌ଗୁଡ଼ିକ ପାଇଁ ଏକ ଗୋପନୀୟତା ସଂରକ୍ଷଣ ଉପାୟରେ ଲାଇଭ୍ କଲର ଆଇଡି ପ୍ରଦାନ କରିବା ପାଇଁ ବିକଶିତ ହୋଇଛି। ଏ ସମ୍ପର୍କରେ ଟ୍ରୁକଲରର ସିଇଓ ରିସିସ୍ ଝୁନ୍‌ଝୁନ୍‌ୱାଲା କହିଛନ୍ତି, ଆଇଫୋନ୍‌ରେ ଟ୍ରୁକଲରର ସମ୍ପୂର୍ଣ୍ଣ ଶକ୍ତି ଆଣିବାକୁ ଆମେ ଉତ୍ସାହିତ ଅଛୁ। ଆଇଫୋନ୍ ଉପଭୋକ୍ତା ସଂଖ୍ୟାରେ ଆମର ପ୍ରଚୁର ସମ୍ଭାବନା ଏବଂ ଅଭିବୃଦ୍ଧି ରହିଛି। ଟ୍ରୁକଲରର ଆଣ୍ଡ୍ରଏଡ୍ ଅଭିଜ୍ଞତା ସହ ସମାନତା ସେମାନଙ୍କ ଇଚ୍ଛା ତାଲିକାର ଶୀର୍ଷରେ ରହିଛି।

# ୯ ମାସରେ ୨୦୦୭ କୋଟିର ପିଏଟି ରେକର୍ଡ

ନୂଆଦିଲ୍ଲୀ,୨୨।୧

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ୍ (ଏଲ୍‌ଟିଏଫ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଥିଲା। ଏପରିକି ଗତ ୯ମାସରେ କମ୍ପାନୀ ୨,୦୦୭ କୋଟି ଟଙ୍କାର ସମନ୍ୱିତ ପିଏଟି ରେକର୍ଡ କରିଛି, ଯାହାକି ୨୦୨୩ ଡିସେମ୍ବର ୩୧ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ମୋଟ ୯ ମାସର ରେକର୍ଡ ତୁଳନାରେ ୧୪% ଅଧିକ ବୋଲି କୁହାଯାଇଛି। ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସରେ ସମନ୍ୱିତ ପିଏଟି ୬୨୬ କୋଟି ଟଙ୍କା ରହିଥିଲା। ଏଲ୍‌ଟିଏଫ୍‌ର ଏମ୍‌ଡି ତଥା ସିଇଓ ସୁଦୀପ୍ତ ରାୟ କହିଛନ୍ତି, ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ କେତେକ ମାକ୍ରୋ ଚ୍ୟାଲେଞ୍ଜ ସତ୍ତ୍ୱେ ଆମେ ପରିସ୍ଥିତିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିଛୁ।

# ମିଳିଗଲା ଶୁଭଦିନ

ଓଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ବିଜୟ କାନ୍ଦୋଇ ନିକଟରେ ତାଙ୍କ ଦ୍ୱାରା ପ୍ରଯୋଜିତ ତଥା ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା 'ସନାତନୀ : କର୍ମ ହିଁ ଧର୍ମ'ର ରିଲିଜ ତାରିଖ ଘୋଷଣା କରିଛନ୍ତି। ଏହି ଶୁଭ ଦିନଟି ହେଲା ଆସନ୍ତା ମାସ ୭ ତାରିଖ। ଉକ୍ତଦିନରେ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଏହାକୁ ଦର୍ଶକ ଦେଖିବାକୁ ପାଇବେ। ବିଦିଶା କ୍ରାଫ୍ଟ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ବାସୁଦେବ ବରାଡ଼। ଫିଲ୍ମର ସଂଳାପ ମାନସ ରଞ୍ଜନ ସାମଲ ଏବଂ ଦୀପ୍ତି ପଟ୍ଟନାୟକ ଲେଖିଛନ୍ତି। ଗୀତ ରଚନା ଡା. ନିର୍ମଳ ନାୟକ କରିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଅଭିଜିତ ମଜୁମଦାର। ''ଏହାର କାହାଣୀ ମୁଖ୍ୟତଃ ଧର୍ମାନ୍ତୀକରଣ ଉପରେ ପର୍ଯ୍ୟବସିତ। କିନ୍ତୁ ତାକୁ ସକାରାତ୍ମକ ଭାବେ ଉପସ୍ଥାପିତ କରାଯିବ, ଯେପରି କାହାକୁ ଆଘାତ ପହଞ୍ଚିବ ନାହିଁ। ଏପରି କି କୌଣସି ଧର୍ମକୁ ବି ଆକ୍ଷେପ କରାଯାଇନାହିଁ ବୋଲି କହନ୍ତି ପ୍ରଯୋଜକ।'' ଏଥିରେ ଓଲିଉଡର ଆଗଧାଡ଼ିର ଅଭିନେତା ସମ୍ବିତଙ୍କୁ ଏକ ଭିନ୍ନ ଚରିତ୍ର ଓ ଗେଟଅପ୍‌ରେ ଦର୍ଶକ ଦେଖିବାକୁ ପାଇବେ ଏବଂ ତାଙ୍କ ନାୟିକା ସାଜିଛନ୍ତି ଆର୍ଲିନ ଅଙ୍କିତା।



'ସନାତନୀ' ଫିଲ୍ମରେ ସମ୍ବିତ

ସମ୍ବିତ- ଆର୍ଲିନଙ୍କ ବ୍ୟତୀତ ପପି ସନ୍ଥୁକା, ଗୁଡ୍ଡୁ, ଜଗନ୍ନାଥ ସେଠ, ଗୋପାଳ ପ୍ରକାଶ ମହାନ୍ତି ଓ ବବଲୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

# ଚିନ୍ତା କରି ନ ଥିଲେ ବାଣୀ



ବାଣୀ କପୁର

ବେଳେବେଳେ ମଣିଷ ଯାହା ଭାବି ନ ଥାଏ ତାହା ଘଟିଥାଏ। ଦେଖୁନାହାନ୍ତି ସେ କେବେ ଚିନ୍ତା କରି ନ ଥିଲେ ତାଙ୍କୁ ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ବ୍ରେକ୍ ମିଳିବ। ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ସେ ଏହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ। କିନ୍ତୁ ନିଜ ଉପରେ ଶତ ପ୍ରତିଶତ ଭରସା ରଖି ସେ ହଁ ଭରିଥିଲେ। ପରବର୍ତ୍ତୀ ସମୟରେ ଫିଲ୍ମଟିର ଶୁଟିଂ ଶେଷ ହୋଇ ରିଲିଜ ହେଲା, ଆଉ ଚିତ୍ରଟି ବକ୍ସ ଅଫିସରେ ଭଲ ବିଜ୍‌ନେସ୍ ମଧ୍ୟ କରିଥିଲା। ହଁ, ଏଠାରେ ଯାହାଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି ସେ ହେଉଛନ୍ତି ବାଣୀ କପୁର। ଯଶରାଜ ଫିଲ୍ମସ ବ୍ୟାନରରେ ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଫିଲ୍ମଟିର ଟାଇଟଲ ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। କେବଳ ସେତିକି ନୁହେଁ, ଏହି ସିନେମା ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ମହେଶ ଶର୍ମା। ଏଥିରେ ବାଣୀଙ୍କ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ୨୦୧୩ରେ ରିଲିଜ ହୋଇଥିବା ଉକ୍ତ ଚିତ୍ରର ବଜେଟ ଥିଲା ମାତ୍ର ୨୨ କୋଟି, କିନ୍ତୁ ବକ୍ସ ଅଫିସରେ ଚଳଚ୍ଚିତ୍ରଟି ୭୬କୋଟି ବିଜ୍‌ନେସ୍ କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ସେ ଅଭିନୟ କରିଥିବା ରାଜ କୁମାର ଗୁପ୍ତାଙ୍କ ଫିଲ୍ମ 'ରେଡ୍-୨' ଚଳିତବର୍ଷ ମେ' ୧ରେ ରିଲିଜ ହେବାକୁ ଯାଉଛି।

# ଆଞ୍ଜେଲ

ସସ୍‌ପେନ୍ସ ଥ୍ରୀଲର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଞ୍ଜେଲ'। ଏହି ଚିତ୍ରଟି ଚଳିତ ମାସ ୩୧ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସଂଘମିତ୍ରା ବେହେରା। ଶୁଭମ ସିନେ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର। ଏହାର କାହାଣୀ ଅନୁସାରେ ଜଣେ ସାହସୀ ପୋଲିସ ଅଧିକାରୀ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ୮ ବର୍ଷର ଝିଅକୁ ତାଙ୍କ ବାସଭବନରୁ ଅପହରଣ କରାଯାଇଛି। ଅନ୍ୟପକ୍ଷରେ ନିଜ ବିଭାଗର ଖ୍ୟାତିକୁ ବଞ୍ଚାଇରଖିବା ପାଇଁ ୨୪ଘଣ୍ଟା ମଧ୍ୟରେ ମାଷ୍ଟରମାଇଣ୍ଡକୁ



'ଆଞ୍ଜେଲ' ଫିଲ୍ମରେ ପାର୍ଥ

ଧରିବା ପୋଲିସ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଯାଇଛି। ତେବେ କିଏ କରିଛି ଏ ଅପହରଣ ଏବଂ କାହିଁକି କରିଛି ? ସୂର୍ଯ୍ୟକାନ୍ତ ମାଷ୍ଟରମାଇଣ୍ଡକୁ ଧରି ପାରିବେ ତ ? ଏସବୁ ପ୍ରଶ୍ନଗୁଡ଼ିକର ଉତ୍ତର ରହିଛି ସିନେମାରେ। ଚଳଚ୍ଚିତ୍ରର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜିତେନ୍ଦ୍ରୀୟ ପ୍ରଧାନ। ପାର୍ଥସାରଥି ରାୟ, କାଭ୍ୟା କିରଣ, ପ୍ରସନଜିତ ମହାପାତ୍ର, ଅମିତାଭ ପାତ୍ର, ଜିତେନ୍ଦ୍ରୀୟ ପ୍ରଧାନ, ସୃଜନ, ସୂର୍ଯ୍ୟକାନ୍ତ ଦଳେଇ, ଟୁକୁନ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଶିଶୁ କଳାକାର ସାଇ ତ୍ରିଷ୍ଣା ଆଞ୍ଜେଲ ଚରିତ୍ରରେ ଅଭିନୟ କରିଛନ୍ତି। ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ ଚନ୍ଦ୍ର ପରିଡା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଶେଷ ଦାସ। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ମିଡିଆ ପ୍ଲାନରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

# ପରିଶ୍ରମର ଫଳ ମିଳିଛି

**ଜନ୍ମ ଓଡ଼ିଶାରେ କିନ୍ତୁ କର୍ମଭୂମି ମୁମ୍ବାଇ। ଦୀର୍ଘ ୨୦ ବର୍ଷ ଧରି ସେ ଏଡିଟିଂ, ଡବିଂ, ମିକ୍ସିଂ ଏପରି ସେନ୍‌ସର କାମଗୁଡ଼ିକୁ ବେଶ୍ ସୁଚାରୁ ରୂପେ ତୁଲାଇ ପାରିଛନ୍ତି। ସେ ହେଲେ ଡବିଂ ଡାଇରେକ୍ଟର ମାନବ ମହାପାତ୍ର। ନିଜ ବିଷୟରେ ସେ ଯାହା କହନ୍ତି..**

**ମୋ କଥା**



ମାନବ ମହାପାତ୍ର

''କୌଣସି କାମରେ ସଫଳ ହେବା ସହଜ କଥା ନୁହେଁ। ପୁଣି ମୁମ୍ବାଇ ପରି ସହରରେ ନିଜକୁ ପରିଚିତ କରାଇବାର ସ୍ୱପ୍ନ ମୁଁ ଦିନେ ଦେଖିଥିଲି। ଦୀର୍ଘ ୨୦ ବର୍ଷର ଅକ୍ଳାନ୍ତ ପରିଶ୍ରମ ଆଜି ମୋତେ ତାହା ଆଣି ଦେଇଛି। ହିନ୍ଦୀ ବ୍ୟତୀତ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମାଗୁଡିକର ଡବିଂ, ଏଡିଟିଂ, ମିକ୍ସିଂ ପରି ଗୁରୁତ୍ୱପୂର୍ଣ୍ଣ କାମ କରିବାରେ ନିଜକୁ ବ୍ୟସ୍ତ ରଖିଛି। ନିଜ ଆଶାକୁ ପୂରଣ କରିବାକୁ ଦିନେ ମୁଁ ମନ ଦୃଢ଼ କରି ଆଗେଇଥିଲି। ଆଜି ଯେଉଁଠି ପହଞ୍ଚିପାରିଛି ତାହା ମୋ ପରିଶ୍ରମର ଉପଯୁକ୍ତ ମୂଲ୍ୟ ବୋଲି କହନ୍ତି ମାନବ।'' ସୋନପୁର ଜିଲାରେ ଜନ୍ମିତ ମାନବ ଏବେ ମୁମ୍ବାଇରେ ଏଡିଟିଂ, ମିକ୍ସିଂ କ୍ଷେତ୍ରରେ ଜଣେ ପରିଚିତ ନାମ। ଏପରି ସେ 'ରୁଦ୍ର ସଲିଜ୍ୟୁନୋଜ କମ୍ପାନୀ' ନାମକ ଏକ ସଂସ୍ଥା ଖୋଲିଛନ୍ତି। ସେ ପୁଣି କହନ୍ତି, ''ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ଆଜି ସବୁ ସମ୍ଭବ ହୋଇଛି। ମୋତେ ମିଳିଥିବା ପ୍ରତିଟି କାମକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ନିକଟରେ 'ପୁଷ୍ପା-୨'ର ପୋଷ୍ଟ ପ୍ରଡକ୍ସନ କାମ କରିବା ବେଳେ ତାହା ସତେଯେମିତି ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଏହାବ୍ୟତୀତ 'ଲକି ଭାସ୍କର', 'ମାର୍କୋ', 'ଖୁସି', 'ଗଡଫାଦର', 'ହିଟ୍-୨', 'ଗୋଲ୍ଡ', 'ରାମା ରାଓ ଅନ ଡିୟୁଟି', 'ଇନେମି' ଆଦି ପ୍ରୋଜେକ୍ଟର ଏଡିଟିଂ, ମିକ୍ସିଂ କାମ ଶେଷ କରିଛି। ଏହାବ୍ୟତୀତ ସୋନି, ଷ୍ଟାର ଗୋଲ୍ଡ, କଲର୍ସ, ଜୀ, ବିଫରୟୁ ଏବଂ ଏଣ୍ଟରଟେନ୍‌ପରି ନାମୀ ଚ୍ୟାନେଲ ସହ ମୁଁ ମଧ୍ୟ ଜଡିତ।''

# ଅପେକ୍ଷା ଦୁଇ ଘଣ୍ଟାର

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଏକଦା ତାଙ୍କୁ ଏକ ଶୁଟିଂ ସେଟ୍‌ରେ ପାଖାପାଖି ଦୁଇ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ହେଲେ କ'ଣ ପାଇଁ ଜାଣିବେନି ? ଶୁଟିଂ ସମୟରେ ତ ଲଞ୍ଚ ଆଉ ଡିନର ବ୍ରେକ୍ ନିଶ୍ଚୟ ଥିବ। ହେଲେ ସେ ପୁଣି ଖାଇବାକୁ ଏତେ ସମୟ କାହିଁକି ଅପେକ୍ଷା କଲେ ? କଥା କ'ଣ କି ସେଦିନ ତାଙ୍କର ମନ ହେଲା ବଟର ଚିକେନ ଆଉ ନାନ୍ ଖାଇବାକୁ। ହେଲେ ଡିନରରେ ସେଦିନ ସେପରି ଆୟୋଜନ ନ ଥିଲା। ତେଣୁ ପ୍ରଯୋଜକ ବାଧ୍ୟ ହୋଇ ଅନନ୍ୟାଙ୍କର ଏହି ପସନ୍ଦୀୟ ଖାଦ୍ୟ ନିକଟସ୍ଥ ଏକ ହୋଟେଲରୁ ମଗାଇଥିଲେ। ଯଦିଓ ଖାଦ୍ୟ ଆସି ଶୁଟିଂ ସେଟ୍‌ରେ ପହଞ୍ଚିବାକୁ ପାଖାପାଖି ଦୁଇ ଘଣ୍ଟା ଲାଗିଯାଇଥିଲା ହେଲେ ସେ ପର୍ଯ୍ୟନ୍ତ ଅନନ୍ୟା ଅପେକ୍ଷା କରିଥିଲେ। କେବଳ ସେତିକି ନୁହେଁ ତାଙ୍କ ଖାଇବା ପାଇଁ ଯେମିତି ଶୁଟିଂ ପ୍ରଭାବିତ ନ ହୁଏ ତେଣୁ ତା' ଭିତରେ ଦୁଇଟ୍ ଶଟ୍ ମଧ୍ୟ ସେ ଦେଇସାରିଥିଲେ। ଏ ବିଷୟରେ ଅନନ୍ୟା କହନ୍ତି, ''ଏଭଳି ଘଟଣା ଘଟିଥିଲା 'ଖେଲ୍ ଖେଲ୍ ମେଁ' ଶୁଟିଂ ସମୟରେ। ଯେତେବେଳେ ପ୍ରଯୋଜକ ଭୂଷଣ କୁମାର ମୋ ଖାଇବା ବିଷୟରେ ଜାଣିବାକୁ ପାଇଲେ ସେ ବିଳମ୍ବ ନ କରି ସେଠାରୁ ପ୍ରାୟ ୧୫ କିମି ଦୂରରେ ଥିବା ଏକ ହୋଟେଲରୁ ମୋ ପାଇଁ ବଟର ଚିକେନ୍ ଆଉ ନାନ୍ ମଗାଇଥିଲେ। ହେଲେ ତା' ଭିତରେ ମୁଁ ଦୁଇଟି ଶଟ୍ ଦେଇ ସାରିଥିଲି।'' ବର୍ତ୍ତମାନ ଅନନ୍ୟା ଅଭିନୟ କରିଥିବା 'ଶଙ୍କରା'ର ଶୁଟିଂ ନିକଟରେ ଶେଷ ହୋଇଛି।



ଅନନ୍ୟା

## ପରଦାରେ...

# ଭାଇ

ଏକ ଭିନ୍ନ ସ୍ୱାଦର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଭାଇ'। ଉକ୍ତ ଚଳଚ୍ଚିତ୍ରଟି ଚଳିତ ମାସ ୨୪ ତାରିଖରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ଭାଇ-ଭଉଣୀର ଅନାବିଳ ସ୍ନେହକୁ ନେଇ କାହାଣୀ ଗତିଶୀଳ। ଏଥିରେ ଭାଇ ଭୂମିକାରେ ସୁଜିତ ଅଭିନୟ କରୁଥିବା ବେଳେ ଭଉଣୀ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଦିବ୍ୟା। ଏହାପୂର୍ବରୁ ପୃଥ୍ୱୀରାଜଙ୍କ ନିର୍ଦ୍ଦେଶିତ ତାଣ୍ଡବ, ମାଲ୍ୟଗିରି ଏବଂ 'ଗୁପ୍‌ଚୁପ୍' ଦର୍ଶକାଦୃତ ହୋଇସାରିଛି। ଏହି ଫିଲ୍ମରେ ଅମ୍ଳାନ ଦାସ ଏକ ବିଶେଷ ଭୂମିକାରେ ଅଭିନୟ କରୁଛନ୍ତି। ପୃଥ୍ୱୀରାଜ ମଧ୍ୟ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି। ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। ଅରୁଣ ମନ୍ତ୍ରୀ ଏବଂ ରଞ୍ଜନ ନାୟକଙ୍କ ରଚିତ ଗୀତଗୁଡିକ ସ୍ୱର ଦେଇଛନ୍ତି ନବ୍ୱ ସରୋଜ। ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଓଡ଼ିଶା ବାହାରେ ମନାଲି, ଲଦାଖ ଇତ୍ୟାଦି ସ୍ଥାନରେ ମଧ୍ୟ ଏହାର ଶୁଟିଂ ହୋଇଛି। ଆମର ଷ୍ଟୁଡିଓ ଏବଂ ଶ୍ରେୟାନ୍ସ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ 'ଭାଇ'ର ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ ଏବଂ କାଜଲ ରୟ। ଏହି ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଅଛନ୍ତି।



'ଭାଇ' ଫିଲ୍ମରେ ସୁଜିତ

# ଯୋଗ ପ୍ରଶିକ୍ଷିକାରୁ ଅଭିନେତ୍ରୀ

ଦକ୍ଷିଣ ଭାରତୀୟ ସିନେମା ଜଗତରେ ଅନ୍ୟତମ ପରିଚିତା ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ସେଟ୍ଟି। ହେଲେ ଅଭିନୟ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ଏହାପୂର୍ବରୁ ସେ ଯୋଗ ପ୍ରଶିକ୍ଷଣ ଦେଉଥିଲେ। କେବଳ ସେତିକି ନୁହେଁ, ଏ କ୍ଷେତ୍ରରେ ସେ ମଧ୍ୟ ସାଉଁଟି ଥିଲେ ବେଶ୍ ପ୍ରଶଂସା। ଏକଦା ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ ପଡ଼ିବ ସେ କଥା ସେ କେବେ ଭାବି ନ ଥିଲେ। ଥରେ ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ଏକ ଫିଲ୍ମର ଅଡିଶନରେ ସିଲେକ୍ଟ ହେବା ପରେ ଅଭିନୟ ପ୍ରତି ତାଙ୍କର ମନ ଢଳିଥିଲା। ଅନୁଷ୍କାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ସୁପର' ଏବଂ ଏହା ୨୦୦୫ରେ ରିଲିଜ ହୋଇଥିଲା। ଏହାର ନାୟକ ସାଜିଥିଲେ ନାଗାର୍ଜୁନ। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ଅନୁଷ୍କା ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ।



ଅନୁଷ୍କା

# ସନ୍ନିଙ୍କ ଗଡ୍‌ଫାଦର

ବଲିଉଡ୍‌ରେ ସନ୍ନି ଦେଓଲ ଅଭିନୟରେ କେତେକ ପାରଙ୍ଗମ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ପ୍ରଥମ ଫିଲ୍ମ 'ବେତାବ' ହେଉ ଅବା 'ଘାୟଲ', 'ଦାମିନୀ', 'ଗଦ୍ଦର-ଏକ ପ୍ରେମ କଥା', 'ଜିତ୍' ଏବଂ 'ବର୍ଡର' ପରି ସୁପରହିଟ୍ ଫିଲ୍ମରେ ସେ ନିଜ ଅଭିନୟ ଛାପ ଛାଡିଯାଇଛନ୍ତି। ତେବେ ସେ କାହା ଅଭିନୟ ଦ୍ୱାରା ବେଶି ପ୍ରଭାବିତ ହୋଇଛନ୍ତି ? ହିନ୍ଦୀ ସିନେମାରେ ହି-ମ୍ୟାନ୍ ଭାବରେ ପରିଚିତ ଧର୍ମେନ୍ଦ୍ରଙ୍କ ଏହି ଜ୍ୟେଷ୍ଠ ପୁତ୍ର ନିଜ ପିତାଙ୍କୁ ଗଡ୍‌ଫାଦର ଭାବରେ ମାନି ଥାଆନ୍ତି। ସିନେମା ସମ୍ପର୍କିତ ପ୍ରତିଟି କଥା ସେ ତାଙ୍କ ସହ ଶେୟାର କରିବାକୁ ଭୁଲି ନ ଥାନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସନ୍ନି ବର୍ମିଂହାମ୍‌ରେ ଆକ୍ଟିଂ କୋର୍ସ କରିବାକୁ ଯାଉଥିଲେ। ସେତେବେଳେ ସେ ନିଜ ସହ ଧର୍ମେନ୍ଦ୍ର ପିନ୍ଧୁଥିବା ଏକ ଜିନ୍ସକୁ ସାଙ୍ଗରେ ନେଇଥିଲେ। ପରଦା ଉପରେ ଆକ୍ସନ ଭୂମିକାକୁ ଜୀବନ୍ତ ଭାବରେ ତୁଲାଇଥିବା ଏହି ଅଭିନେତା ଯେତେବେଳେ ଧର୍ମେନ୍ଦ୍ରଙ୍କ ସାମନାରେ ବସନ୍ତି ସେତେବେଳେ ସେ କେତେ ଶାନ୍ତ ତାହା ଦେଖିବାକୁ ମିଳିଥାଏ। ଏପର୍ଯ୍ୟନ୍ତ ସେ କଦାପି ତାଙ୍କ ପାପାଙ୍କ ସମ୍ମୁଖରେ ମୁଣ୍ଡ ଟେକି କଥା ହୋଇ ନାହାନ୍ତି। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସେ ନିଜକୁ ବଲିଉଡ୍ ସହ ଜଡିତ ରଖିଛନ୍ତି। ତାଙ୍କ ଅଭିନୀତ 'ଲାହୋର ୧୯୪୭', 'ଜାଟ୍' ଏବଂ 'ବର୍ଡର ୨' ଚଳିତବର୍ଷ ରିଲିଜ ହେବାର ଯୋଜନା ରହିଛି।

ଧରିତ୍ରୀ
DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୩/୨୦୨୫ Bhubaneswar, Thursday, January 23/ 2025

# ଭାରତର ସହଜ ବିଜୟ

**କୋଲକାତା, ୨୨।୧**

ଉଭୟ ବୋଲିଂ ଓ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଭାରତ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ସହଜ ବିଜୟ ହାସଲ କରିଛି। ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରି ଇଂଲଣ୍ଡ ଇନିଂସକୁ ୨୦ ଓଭରରେ ୧୩୨ ରନରେ ସୀମିତ ରଖିଥିଲେ। ଜବାବରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ୧୨.୫ ଓଭରରେ ୩ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ନେଇଥିଲା। ଓପନିଂ ଯୋଡ଼ିରେ ୪୧ ରନ ଯୋଗ ହେବାପରେ ସଞ୍ଜୁ ସାମସନ ବ୍ୟକ୍ତିଗତ ୨୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ଖରାପ ଫର୍ମ ଜାରି ରଖି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଯଦିଓ ଡକ୍ (୦)ରେ ଆଉଟ ହୋଇଥିଲେ ତେବେ ଅଭିଷେକ ଦ୍ରୁତ ହାରରେ ରନ ସଂଗ୍ରହ କରି ସେହି କ୍ଷତିକୁ ଭରଣା କରିବା ସହ ଭାରତ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ସେ ମାତ୍ର ୩୪ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୮ ଛକା ସହାୟତାରେ ୭୯ ରନ ସଂଗ୍ରହ କରିଥିଲେ। ଏହି ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।



ଉଇକେଟ ନେବାପରେ ଅର୍ଶଦୀପ ସିଂ।

ଟସ୍ ଜିତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ପ୍ରଥମ ଓଭରର ୩ୟ ବଲ୍‌ରେ ଫିଲ୍ ସଲ୍ଟ (୦) ଓ ତୃତୀୟ ଓଭରର ୫ମ ବଲ୍‌ରେ ବେନ୍ ଡକେଟ (୪)ଙ୍କୁ ଆଉଟ କରି ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅଧିନାୟକ ଜୋସ୍ ବଟଲରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଇଂଲଣ୍ଡ ବ୍ୟାଟର ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ବଟଲର ଗୋଟିଏ ପଟରେ ଘରୋଇ ବୋଲରଙ୍କୁ ମୁକାବିଲା କରି ୪୪ ବଲ୍‌ରୁ ଦ୍ରୁତ ୬୮ ରନ ସ୍କୋର କରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଅନ୍ୟପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଘଟିବାରୁ ଇଂଲଣ୍ଡ ଅଲ୍‌ଆଉଟ ହୋଇ ଯାଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୩ଟି ଉଇକେଟ ନେଇଥିବାବେଳେ ଅର୍ଶଦୀପ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ୨ଟି ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୩୨/ଅଲ୍‌ଆଉଟ (ଜୋସ ବଟଲର-୬୮, ବରୁଣ ଚକ୍ରବର୍ତ୍ତୀ-୩/୨୩, ଅର୍ଶଦୀପ ସିଂ-୨/୧୭, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୨, ଅକ୍ଷର ପଟେଲ-୨/୨୨)। ଭାରତ ୧୨.୫ ଓଭରରେ ୧୩୩/୩ (ଅଭିଷେକ ଶର୍ମା-୭୯, ସଞ୍ଜୁ ସାମସନ-୨୬, ଜୋଫ୍ରା ଆର୍ଚର-୨/୨୧, ଆଦିଲ ରଶିଦ-୧/୨୭)।

## ଅର୍ଶଦୀପଙ୍କ ମାଇଲଖୁଣ୍ଟ

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି। ବୁଧବାର ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ସେ ୟୁଜବେନ୍ଦ୍ର ଚହଲଙ୍କ ନାମରେ ଥିବା ୯୬ ଉଇକେଟ ରେକର୍ଡକୁ ଅତିକ୍ରମ କରିଛନ୍ତି। ୨୦୨୨ରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଅର୍ଶଦୀପ କ୍ୟାରିୟରର ୬୧ତମ ମ୍ୟାଚରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଯାହାକି ଚହଲଙ୍କ ମ୍ୟାଚ ସଂଖ୍ୟାଠାରୁ ୧୯ କମ୍। ଚହଲ ୮୦ ମ୍ୟାଚରୁ ୯୬ ଉଇକେଟ ନେଇ ରେକର୍ଡର ଅଧିକାରୀ ଥିଲେ। ୨୫ ବର୍ଷୀୟ ଏହି ପ୍ରତିଭା ସମ୍ପନ୍ନ ବୋଲର ଡେବ୍ୟୁ କରିବା ପରଠାରୁ ଭାରତର ଅଧିକାଂଶ ମ୍ୟାଚ ଖେଳି ଆସିଛନ୍ତି। ସେ ୨ ଥର ୪ ଉଇକେଟ ସଫଳତା ହାସଲ ମଧ୍ୟ କରିଛନ୍ତି। ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ହେଉଛି ୪/୯। ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚରେ ସେ ପ୍ରଥମେ ଫିଲ୍ ସଲ୍ଟଙ୍କୁ ଆଉଟ କରି ଚହଲଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଏହାପରେ ବେନ୍ ଡକେଟଙ୍କ ଉଇକେଟ ନେଇ ରେକର୍ଡର ଅଧିକାରୀ ହୋଇ ଯାଇଥିଲେ।

# ବେଙ୍ଗଲ ଟାଇଗର୍ସର ଦ୍ୱିତୀୟ ବିଜୟ



ମ୍ୟାଚ ବିଜୟରେ ଉଲ୍ଲସିତ ବେଙ୍ଗଲ ଟାଇଗର୍ସ ଖେଳାଳି।

**ମହିଳା ହକି ଇଣ୍ଡିଆ ଲିଗ୍**

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ବୁଧବାର ଶ୍ରାଚୀରର୍ ବେଙ୍ଗଲ ଟାଇଗର୍ସ ୨-୦ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ବିଜୟୀ ଦଳ ପକ୍ଷରୁ ମୁଲାନ କାଥରିନ ୨୧ ଓ ୩୩ତମ ମିନିଟରେ ଗୋଲ ଦୁଇଟି ସ୍କୋର କରିଥିଲେ। ଚଳିତ ଲିଗ୍‌ରେ ୫ ମ୍ୟାଚରୁ ବେଙ୍ଗଲ ଟାଇଗର୍ସର ଏହାଥିଲା ଦ୍ୱିତୀୟ ବିଜୟ। ୨ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହ ୭ ପଏଣ୍ଟ ପାଇ ଏହି ଦଳ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ଦଳ ୫ ମ୍ୟାଚରୁ ୪ର୍ଥ ପରାଜୟ ସହ ୩ ପଏଣ୍ଟରେ ରହି ପ୍ରଥମ ଦଳଭାବେ ଏଲିମିନେଟ ହୋଇଯାଇଛି।

# ରାଜ୍ୟସ୍ତରୀୟ ସ୍ଲିଙ୍ଗ୍-ସଟ୍ ପ୍ରତିଯୋଗିତା ୨୬ରେ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ସ୍ଲିଙ୍ଗ୍-ସଟ୍ ଓଡ଼ିଶା ଅନୁକୂଲ୍ୟରେ ପ୍ରଥମ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଚଳିତ ମାସ ୨୬ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ସ୍ଲିଙ୍ଗ୍-ସଟ୍ ଓଡ଼ିଶାର ଅଫିସିଆଲମାନେ ଏହି ପ୍ରତିଯୋଗିତାକୁ ପରିଚାଳନା କରିବେ। ସ୍ଲିଙ୍ଗ୍-ସଟ୍ ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ଆୟୋଜକଙ୍କର ଏହା ଏକ ଅଭିନବ ପ୍ରୟାସ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ମହିଳା ଓ ପୁରୁଷ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ନିକଟରେ ହେବାକୁ ଥିବା ଜାତୀୟ ସ୍ଲିଙ୍ଗ ଶଟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ।

# ତୃଣମୂଳ ସ୍ତରରୁ ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ : କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଏବଂ ତୃଣମୂଳ ସ୍ତରରୁ କ୍ରୀଡ଼ାବିତମାନଙ୍କୁ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ ନିମନ୍ତେ ଆରମ୍ଭ ହୋଇଛି ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସିଏମ ଟ୍ରଫି ଫୁଟବଲ ୧୫ ବର୍ଷରୁ କମ୍ ବର୍ଗରେ ଆୟୋଜନ ହେଉଛି। ପ୍ରଥମ ଚରଣରେ ରାଜ୍ୟର ୧୬ଟି ସ୍ଥାନ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ରାଉରକେଲାରେ ସିଏମ ଟ୍ରଫି ଫୁଟବଲ ଅନୁଷ୍ଠିତ ହେଉଛି। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍‌ର ଆୟୋଜନ ହେବା ସମ୍ପର୍କରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା



ସୂର୍ଯ୍ୟବଂଶୀ ସୂରଜ

ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ହେଉଛି ଆମ ଲକ୍ଷ୍ୟ। ସିଏମ ଟ୍ରଫି ଫୁଟବଲର ଆୟୋଜନ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରାଯାଉଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତ ନିଶ୍ଚିତରୂପେ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆମ ସମସ୍ତଙ୍କ ପାଇଁ ଗୌରବ ଆଣିବେ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ସିଏମ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ବିଭିନ୍ନ ଚରଣରେ ଅନୁଷ୍ଠିତ ହେବ। ପ୍ରାରମ୍ଭିକ ଚରଣରେ ଏହା ଜିଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଉଛି। ଏହାପରେ ଜିଲା ସ୍ତରରୁ ମନୋନୀତ ମୋଟ ୩୧ ଦଳକୁ (୩୦ଟି ଜିଲାରୁ ୩୦ଟି ଦଳ ଏବଂ ଭୁବନେଶ୍ୱରରୁ ଗୋଟିଏ ଦଳ) ୪ ଗୋଟି କ୍ଲଷ୍ଟର (କ୍ଲଷ୍ଟର- ସମ୍ବଲପୁର, ଭୁବନେଶ୍ୱର, ଜୟପୁର ଏବଂ କେନ୍ଦୁଝର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲ ଜୟପୁର ଓ ରାଉରକେଲାରେ ଏବଂ ଫାଇନାଲ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

**ଚାମ୍ପିୟନ୍ସ ଟ୍ରଫିରେ ଡ୍ରେସ୍ କୋଡ୍**

# ଆଇସିସି ଗାଇଡଲାଇନ ମାନିବ ଭାରତ

**ନୂଆଦିଲ୍ଲୀ, ୨୨।୧ (ପି.ଟି.):** ଆସନ୍ତା ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ ପକ୍ଷରୁ ଧାର୍ଯ୍ୟ ଗାଇଡଲାଇନ୍‌କୁ ମାନିବ। ଅଫିସିଆଲ ଜର୍ସିରେ ପାକିସ୍ତାନ ଲେଖାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିରୋଧ କରୁଛି ବୋଲି ଯାହା ଆଲୋଚନା ହେଉଛି ତାହା ଭିତ୍ତିହୀନ ବୋଲି ସମ୍ପାଦକ ଦେବଜିତ ସାଇକିଆ ପ୍ରକାଶ କରିଛନ୍ତି। ଚାମ୍ପିୟନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେବ। ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ଭାରତ ମନା କରିଦେବାପରେ ହାଇବ୍ରିଡ୍ ମୋଡ୍‌ରେ ଏହି ନିଷ୍ପତ୍ତି ହୋଇଛି। ଚାମ୍ପିୟନ୍ସ ଟ୍ରଫି ଅବସରରେ ବିସିସିଆଇ ଆଇସିସିର ସମସ୍ତ ୟୁନିଫର୍ମ ନିୟମ ମାନିବ ବୋଲି ସାଇକିଆ ସ୍ପଷ୍ଟ କରିଛନ୍ତି। ଅନ୍ୟ ଦଳ ଗୁଡ଼ିକ ଯେଉଁ ଲୋଗୋ ଏବଂ ଡ୍ରେସ୍ କୋଡ୍ ପାଳନ କରିବେ ଭାରତ ମଧ୍ୟ ତାହା କରିବ ବୋଲି ସେ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଟିମ୍ ଜର୍ସିରେ 'ପାକିସ୍ତାନ' (ଆୟୋଜକ ଦେଶ) ଲେଖାକୁ ନେଇ ଭାରତ ଆପତ୍ତି ଉଠାଇଛି ବୋଲି ମିଡିଆ ରିପୋର୍ଟମାନ ପ୍ରକାଶ ପାଇଛି। ମାତ୍ର ପ୍ରକୃତରେ ବିସିସିଆଇ କେବେହେଲେ ଲୋଗୋ ଗାଇଡଲାଇନ୍‌କୁ ମାନିବାରେ ଚିନ୍ତା ପ୍ରକଟ କରିନାହିଁ। ପାକିସ୍ତାନ ଯେତେବେଳେ ୫୦ ଓଭର ଆଇସିସି ବିଶ୍ୱକପ ଖେଳିବାକୁ ଭାରତ ଆସିଥିଲା ବାବର ଆଜମ ଏବଂ ତାଙ୍କ ଦଳର ସଦସ୍ୟ ଆୟୋଜକ ଦେଶର ନାମଥିବା ଜର୍ସି ପରିଧାନ କରିଥିଲେ। ଏହା ହେଉଛି ଟୁର୍ନାମେଣ୍ଟ ପ୍ରୋଟୋକଲ। ହାଇବ୍ରିଡ୍ ମଡେଲରେ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଏପରିକି ପାକିସ୍ତାନ ବିପକ୍ଷ ମ୍ୟାଚ ମଧ୍ୟ ଏଠାରେ ଅନୁଷ୍ଠିତ ହେବ।

# ସିନର, ଶେଲଟନ ସେମିଫାଇନାଲରେ



କ୍ୱାର୍ଟର ଫାଇନାଲ ଜିତିବାପରେ ଜାନିକ ସିନରଙ୍କ ପ୍ରତିକ୍ରିୟା।

**ଅଷ୍ଟ୍ରେଲିଆନ ଓପନ ଟେନିସ**

**ମେଲବୋର୍ନ, ୨୨।୧**

ଟପ୍ ସିଡ୍ ଜାନିକ ସିନର ଓ ୨୧ତମ ସିଡ୍ ବେନ୍ ଶେଲଟନ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଇଟାଲୀର ସିନର ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ୬-୩, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଆସନ୍ତା ୨୪ରେ ପ୍ରଥମ ସେମିଫାଇନାଲରେ ସିନର ଆମେରିକାର ବେନ୍ ଶେଲଟନଙ୍କୁ ଭେଟିବେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଶେଲଟନ ୬-୪, ୭-୫, ୪-୬, ୭-୬ (୭/୪) ସେଟ୍‌ରେ ଇଟାଲୀର ଅଣସିଡେଡ ଲୋରେଞ୍ଜୋ ସୋନେଗୋଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଜର୍ମାନୀର ଆଲେକଜାଣ୍ଡର ଜେଭରେଭଙ୍କ ମଧ୍ୟରେ ମୁକାବିଲା ହେବ।

## ସ୍ୱିଟେକ-କିଜ୍ ସେମିଫାଇନାଲ

ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଇଗା ସ୍ୱିଟେକ ଓ ୧୯ଶ ସିଡ୍ ମାଡିସନ କିଜ୍‌ଙ୍କ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପୋଲାଣ୍ଡର ସ୍ୱିଟେକ ୬-୧, ୬-୨ ସେଟ୍‌ରେ ଆମେରିକାର ଇମା ନାଭାରୋଙ୍କୁ ପରାସ୍ତ କରିଛନ୍ତି। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର କିଜ୍ ୩-୬, ୬-୩, ୬-୪ରେ ୨୮ତମ ସିଡ୍ ୟୁକ୍ରେନର ଇଲିନା ସ୍ୱେତଲିନାଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ସେମିଫାଇନାଲରେ ବେଲାରୁଷର ଆରିନା ସାବାଲେଙ୍କା ଓ ସ୍ପେନର ପାଉଲା ବଦୋସାଙ୍କ ମଧ୍ୟରେ ଲଢ଼େଇ ହେବ।

ପୁରୁଷ ଡବଲ୍ସରେ ଟିମ୍ ପୁଜ୍ ଓ କେଭିନ କ୍ରାୱେଜ ଯୋଡ଼ି ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ଜୁଲିଆନ କାଶ ଓ ଲିୟଡ ଗ୍ଲାସପୁଲଙ୍କୁ ୭-୬ (୧୧/୯), ୭-୬ (୭/୫) ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ଡବଲ୍ସରେ ଟେଲର ଟାଉନସେଣ୍ଡ-କାଟରିନା ସିନିକୋଭା ଯୋଡ଼ି ୬-୧, ୬-୫ରେ କ୍ରିଷ୍ଟିନା ମାଲଡେନୋଭିଚ୍ ଓ ଝାଙ୍ଗ ଶୁଇଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀ ଚାମ୍ପିୟନଶିପ୍‌ର ୧୫ ଏସ୍ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହା ବ୍ୟତୀତ ୭ ଏସ ବର୍ଗରେ ଦଳ ରନରଅପ୍ ହୋଇଛି। କିଟ୍-କିସ୍ ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୧୫ଏସ ଫାଇନାଲରେ କିଟ୍ ୧୫-୧୦ରେ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ପରାସ୍ତ କରିଛି। ପଞ୍ଜାବର ଲଭଲି ପ୍ରଫେଶନାଲ ୟୁନିଭର୍ସିଟିକୁ ୪୧-୦ରେ ହରାଇ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ୭ଏସ୍ ଫାଇନାଲରେ ଶିବାଜୀ ବିଶ୍ୱବିଦ୍ୟାଳୟଠାରୁ କିଟ୍ ୫-୧୫ରେ ହାରି ଯାଇଛି। ଲଭଲି ପ୍ରଫେଶନାଲ ୟୁନିଭର୍ସିଟି ୪୩-୦ରେ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀର ୧୫ ଏସ୍ ବର୍ଗରେ ଚାମ୍ପିୟନ କିଟ୍ ଦଳ।

**ହକି ଇଣ୍ଡିଆ ଲିଗ୍**

# ସୁର୍‌ମା ବିଜୟୀ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ):** ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ବୁଧବାର ସୁର୍‌ମା ହକି କ୍ଲବ ୨-୧ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ହରଜିତ ସିଂ ୯ମ ଓ ଗୁରଜାନ୍ତ ସିଂ ୧୭ଶ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦିଲ୍ଲୀ ପକ୍ଷରୁ କୋରେ ଓ୍ୱେର ୫୯ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୮ ମ୍ୟାଚରୁ ୩ ବିଜୟ, ୨ ଶୁଟ୍ ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହିତ ସୁର୍‌ମା ୧୪ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀ ଦଳ ୯ ମ୍ୟାଚରୁ ୮ମ ପରାଜୟ ବରଣ କରିଛି।

# ବେଙ୍ଗାଲୁରୁକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୩-୨ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ଘରୋଇ ପରିବେଶରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ବେଙ୍ଗାଲୁରୁ। ୧୦ମ ମିନିଟରେ ଇଦଗର ମେଣ୍ଡେଜ ଓ ୧୩ଶ ମିନିଟରେ ସୁନୀଲ ଛେତ୍ରୀ ଗୋଟିଏ ଲେଖାଏ ଗୋଲ ଦେଇ ଘରୋଇ ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ମାତ୍ର ପରେ ପ୍ରଭାବୀ ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଓଡ଼ିଶା ଭିତ୍ତିକ ଦଳ। ବେଙ୍ଗାଲୁରୁ ଏଫ୍‌ସି ଖେଳାଳିଙ୍କ ବିପଜ୍ଜନକ ଘାତକ ସାବ୍ୟସ୍ତ ହୋଇଥିଲା। ୨୬ତମ ମିନିଟରେ ଆଲେକଜାଣ୍ଡର ଜୋଭାନୋଭିଚ୍ ରେଡ୍ କାର୍ଡ ପାଇଥିଲେ। ୨୯ତମ ମିନିଟରେ ମିଳିଥିବା ପେନାଲ୍ଟିରୁ ପ୍ରଥମ ଏବଂ ୩୮ତମ ମିନିଟରେ ଦ୍ୱିତୀୟ ପେନାଲ୍ଟିରୁ ଦ୍ୱିତୀୟ ଗୋଲ ପରିଶୋଧ କରି ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ ଡିଏଗୋ ମୌରିସିଓ। ୫୦ତମ ମିନିଟରେ ଜେରି ମାୱିମିଙ୍ଗଥଙ୍ଗା ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସିର ଏହାଥିଲା ପ୍ରଥମ ବିଜୟ। ୧୭ ମ୍ୟାଚରୁ ୬ଷ୍ଠ ବିଜୟ ସହ ୨୪ ପଏଣ୍ଟ ପାଇ ଓଡ଼ିଶା ଏଫ୍‌ସି ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି ୧୭ ମ୍ୟାଚରୁ ୫ମ ପରାଜୟ ବରଣ କରିଛି।

**ଇଣ୍ଡିଆନ ସୁପର ଲିଗ୍**




ଗୋଲ୍ ସ୍କୋର ପରେ ଡିଏଗୋ ମୌରିସିଓ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ